୬ ଜାପାନ ଓପନ୍ : ସେମିଫାଇନାଲରେ ପହଞ୍ଚିଲେ ପିଭି ସିନ୍ଧୁ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୧୬୮ ● ୧୮ ଜୁଲାଇ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-168 ● 18th July 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ଶରଧାବାଲିରେ ତିନି ରଥ

# ଆଜି ଆଡ଼ପ ମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି



### ଡିଜିପିଙ୍କ ଅପିଲ : ରଥଯାତ୍ରା ଭିଡକୁ ଛୋଟଛୁଆ, ବୃଦ୍ଧ ଓ ରୋଗୀ ଆସନ୍ତୁ ନାହିଁ

ମହାପ୍ରଭୁଙ୍କ ରଥଯାତ୍ରାରେ ପ୍ରାୟ ୯ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ସାମିଲ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଆହୁରି ଭିଡ ବଢିଥିବାର ସୂଚନା ମିଳିଛି। ତେବେ ଭିଡକୁ ଛୋଟଛୁଆ ବୃଦ୍ଧ ଓ ରୋଗୀଙ୍କୁ ନଆସିବାକୁ ଡିଜିପି ୱାଇ ବି ଖୁରାନିଆ ଅପିଲ୍ କରିଛନ୍ତି। ପୁଲିସ ପକ୍ଷରୁ ଜାରି ହୋଇଥିବା ଆଡଭାଇଜାରି ବା ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବାକୁ ମଧ୍ୟ ଡିଜିପି ଅନୁରୋଧ ଜଣାଇଛନ୍ତି। ନିଜେ ଶୃଙ୍ଖଳିତ ଦର୍ଶନ କରିବା ସହ ଅନ୍ୟକୁ ଦର୍ଶନ ପାଇଁ ସୁଯୋଗ ଦିଅନ୍ତୁ। ରଥଯାତ୍ରା, ବାହୁଡା ଏହାପରେ ସୁନାବେଶରେ ମଧ୍ୟ ଭିଡ ହେବାର ସମ୍ଭାବନା ରହିଥିବାରୁ ଛୋଟଛୁଆ ବୃଦ୍ଧ ଓ ରୋଗୀଙ୍କୁ ଭିଡକୁ ନଆସିବାକୁ ସେ ଅପିଲ୍ କରିଛନ୍ତି।

**ପୁରୀ, ୧୭ ।୭ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଲାଗିଛି ତିନି ରଥ । ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି ଲକ୍ଷାଧିକ ଭକ୍ତ । ଘଣ୍ଟଘଣ୍ଟା, ଶଙ୍ଖଧ୍ୱନୀ ସାଙ୍ଗକୁ ଭକ୍ତଙ୍କ ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଉଠିଥିଲା ଗଗନ ପବନ ଏବଂ ପୁରି ଉଠିଥିଲା ଶରଧାବାଲି।

ଘୋଷଯାତ୍ରାର ଦ୍ୱିତୀୟ ଦିନରେ ରଥ ଉପରେ ଶୁକ୍ରବାର ସକାଳୁ ଶ୍ରୀବିଗ୍ରହମାନଙ୍କ ଦୈନନ୍ଦିନ ନୀତିକାନ୍ତି ସମାପନ ପରେ ପୂର୍ବାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିବା ଓ ରଥ ଟାଣିବା ପାଇଁ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଅପରାହ୍ନ ୧ଟା ୩୦ ସୁଦ୍ଧା ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଏବଂ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ପହଞ୍ଚିଥିବା ବେଳେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଅପରାହ୍ନ ୩ଟାରେ ଶରଧାବାଲିରେ ଲାଗିଥିଲା । ଶ୍ରଦ୍ଧାଳୁମାନେ ରଥାରୂଢ଼ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥିଲେ। ରଥ ଉପରେ ସନ୍ଧ୍ୟା ଆଳତୀ ଅନୁଷ୍ଠିତ ହୋଇଥିଲା । ଶନିବାର ସନ୍ଧ୍ୟାରେ ଆଡ଼ପ ମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରବିବାର ଭକ୍ତ ମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଡ଼ପ ଅଭଡ଼ା ପାଇପାରିବେ।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳା ରକ୍ଷା ପାଇଁ ପୁରୀ ସହରର ବିଭିନ୍ନ ସ୍ଥାନ ସମେତ ବଡଦାଣ୍ଡ, ରଥ ଚାରିପାଖ, ସମୁଦ୍ର କୂଳ ଓ ରେଳଷ୍ଟେସନରେ ବ୍ୟାପକ ପୋଲିସ ମୁତୟନ ବ୍ୟବସ୍ଥା କରାଯାଇଛି ।

## ପ୍ରଥମ ହାଇଡ୍ରୋଜେନ୍ ଟ୍ରେନର ଶୁଭାରମ୍ଭ

# ଓଡ଼ିଶାର ୭ ପୁନଃନିର୍ମିତ ରେଳ ଷ୍ଟେସନର ଶୁଭଉଦ୍‌ଘାଟନ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭ ।୭**
**ନ୍ୟୁଜ୍ ବ୍ୟୁରୋ**



ରେଳ ଭିତ୍ତିଭୂମିର ରୂପାନ୍ତର ଏବଂ ଯାତ୍ରୀମାନଙ୍କ ସୁବିଧା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଦେଶବ୍ୟାପୀ ୭୫ଟି ପୁନର୍ନିର୍ମିତ ରେଳ ଷ୍ଟେସନର ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ, ଓଡ଼ିଶାର ସାତୋଟି ପୁନର୍ନିର୍ମିତ ରେଳ ଷ୍ଟେସନ ବଲାଙ୍ଗୀର, ବରପାଲି, ପାରଳାଖେମୁଣ୍ଡି, ତାଳଚେର, କେସିଙ୍ଗା, ବାରିପଦା ଏବଂ ବିମଳଗଡ଼କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି।

ପ୍ରାୟ ୧୦୯ କୋଟି ଟଙ୍କାର ବ୍ୟୟରେ ପୁନର୍ନିର୍ମିତ ଏହି ଷ୍ଟେସନଗୁଡ଼ିକ, ସେମାନଙ୍କର ସମ୍ପୃକ୍ତ ଅଞ୍ଚଳର ସାଂସ୍କୃତିକ ପରିଚୟ, ସ୍ଥାପତ୍ୟ କଳା ଓ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ଆଧୁନିକ, ଯାତ୍ରୀ କେନ୍ଦ୍ରିକ ରେଳ ଷ୍ଟେସନ ବିକଶିତ କରିବା ପାଇଁ ଭାରତ ସରକାରଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି।

ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରେଳ ଷ୍ଟେସନଗୁଡ଼ିକର ସାମଗ୍ରିକ ବିକାଶ କରାଯାଇଛି। ଏଥିରେ ଆଧୁନିକ ଷ୍ଟେସନ ଭବନ, ଉନ୍ନତ ଚଳାଚଳ ପରିସର, ଅତ୍ୟାଧୁନିକ ପ୍ରତୀକ୍ଷାଳୟ, ଆଧୁନିକ ଶୌଚାଳୟ, ଉନ୍ନତ ପ୍ଲାଟଫର୍ମ ଛାଉଣି, ଡିଜିଟାଲ ଯାତ୍ରୀ ସୂଚନା ପ୍ରଣାଳୀ, ଉନ୍ନତ ଆଲୋକୀକରଣ, ମାନକ ସୂଚନାଫଳକ ଏବଂ ବହୁମାଧ୍ୟମ ପରିବହନ ସଂଯୋଗୀକରଣ ଭଳି ଯାତ୍ରୀ ସୁବିଧା ଅନ୍ତର୍ଭୁକ୍ତ।

ପରିଚାଳନାଗତ ଆବଶ୍ୟକତା ଓ ପ୍ରତ୍ୟେକ ଷ୍ଟେସନର ବିଶେଷ ଚାହିଦାକୁ ଦୃଷ୍ଟିରେ ରଖି, ଉପଯୁକ୍ତ ଷ୍ଟେସନଗୁଡ଼ିକରେ ଲିଫ୍ଟ ସୁବିଧା ସହିତ ୧୨ ମିଟର ଚଉଡ଼ା ପାଦଚଲା ଓଭରବ୍ରିଜ୍ (ଏଫ୍‌ଓବି) ନିର୍ମାଣ କରାଯାଇଛି, ଯାହା ଦିବ୍ୟାଙ୍ଗ ଓ ବୃଦ୍ଧ ଯାତ୍ରୀଙ୍କ ସମେତ ସମସ୍ତଙ୍କ ପାଇଁ ବାଧାମୁକ୍ତ ଯାତାୟାତ ସୁନିଶ୍ଚିତ କରିବ। ଏହା ସହ ଷ୍ଟେସନ ଭବନ ଗୁଡ଼ିକରେ ସ୍ଥାନୀୟ କଳା, ସଂସ୍କୃତି ଓ ସ୍ଥାପତ୍ୟର ଉପାଦାନ ସ୍ଥାନ ପାଇଛି, ଯାହା ସମ୍ପୃକ୍ତ ଅଞ୍ଚଳର ସ୍ୱତନ୍ତ୍ର ଐତିହ୍ୟକୁ ପ୍ରତିଫଳିତ କରୁଛି।

ଏହି ରୂପାନ୍ତରିତ ଷ୍ଟେସନଗୁଡ଼ିକ ଯାତ୍ରୀଙ୍କ ସୁବିଧାକୁ ଯଥେଷ୍ଟ ବୃଦ୍ଧି କରିବ, ଆଞ୍ଚଳିକ ସଂଯୋଗକୁ ସୁଦୃଢ଼ କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ ତଥା ସ୍ଥାନୀୟ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏହା 'ବିକଶିତ ଭାରତ'ର ଦୃଷ୍ଟିକୋଣ ଅନୁଯାୟୀ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି ଗଢ଼ି ତୋଳିବା ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପୁନର୍ବାର ସୁନିଶ୍ଚିତ କରୁଛି। *(ପୃଷ୍ଠା ୭ରେ)*

# 'ବନ୍ଦେ ମାତରମ'କୁ ଅସମ୍ମାନ କଲେ କଠୋର ଦଣ୍ଡ

**ନୂଆଦିଲ୍ଲୀ, ୧୭ ।୭**

ଆସନ୍ତା ୨୦ ତାରିଖରୁ ଆରମ୍ଭ ହେଉଥିବା ସଂସଦର ମୌସୁମୀ ଅଧିବେଶନରେ ଅନ୍ୟୁନ ୫ଟି ଗୁରୁତ୍ୱପୂର୍ଣ୍ଣ ବିଲ ଉପସ୍ଥାପନ ପାଇଁ ତାଲିକାଭୁକ୍ତ ହୋଇଛି। ଯେଉଁଥିରେ ଜାତୀୟ ଗୀତ 'ବନ୍ଦେ ମାତରମ'କୁ ଅପମାନ କରିବା କିମ୍ବା ଏହାର ପରିବେଷଣରେ ବାଧା ସୃଷ୍ଟି କରିବା କାର୍ଯ୍ୟକୁ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯାଉଛି । ଏ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ରାଜ୍ୟସଭାରେ ଆଗତ କରାଯିବ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପ୍ରଥମେ ରାଜ୍ୟ ସଭାରେ ଏହି ବିଲ୍ ଆଗତ କରିବେ। ବିଲ୍‌ରେ 'ବନ୍ଦେ ମାତରମ'କୁ ଅପମାନିତ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ରହିଛି। ଏହା ନିର୍ଦ୍ଦେଶ ଦିଏ ଯେ



'ବନ୍ଦେ ମାତରମ'କୁ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ପରି ସମାନ ସମ୍ମାନ ଦିଆଯିବ।

ସୂଚନା ଅନୁଯାୟୀ, ସରକାରୀ ରଣନୀତିକାରମାନେ ସମ୍ପୂର୍ଣ୍ଣ ନିଶ୍ଚିତ ଯେ ସରକାରଙ୍କ ପାଖରେ ଯେକୌଣସି ବିଲ ପାସ କରିବା ପାଇଁ ଗୃହରେ ଆବଶ୍ୟକ ସଂଖ୍ୟା ରହିଛି, ଏପରିକି ଯେଉଁ ବିଲ ପାଇଁ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ। ରିପୋର୍ଟ ଅନୁଯାୟୀ ସରକାର ଡିଏମକେର ସଦସ୍ୟମାନଙ୍କ ସହିତ ମଧ୍ୟ ଯୋଗାଯୋଗରେ ଅଛନ୍ତି। ଏହି ବିଲ୍‌ର ବ୍ୟବସ୍ଥା ଅନୁଯାୟୀ, ଯଦି କେହି ଜାଣିଶୁଣି ଜାତୀୟ ସଙ୍ଗୀତ କିମ୍ବା ଜାତୀୟ ଗୀତକୁ ମଝିରେ ବନ୍ଦ କରନ୍ତି, ଏହାର ପରିବେଷଣରେ ବାଧା ସୃଷ୍ଟି କରନ୍ତି, କିମ୍ବା ଏକ ସମାବେଶରେ ଏପରି ପ୍ରଦର୍ଶନ ସମୟରେ ହଙ୍ଗାମା କରନ୍ତି, ତେବେ ତାଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏହି ବିଲ୍‌କୁ କ୍ୟାବିନେଟ ଦ୍ୱାରା ସମ୍ପ୍ରତି ଅନୁମୋଦନ କରାଯାଇଛି ଏବଂ ଏହାକୁ ପ୍ରଥମେ ରାଜ୍ୟ ସଭାରେ ଉପସ୍ଥାପିତ କରାଯିବ। ଉଲ୍ଲେଖଯୋଗ୍ୟ, ମୋଦି ସରକାର ପୂର୍ବରୁ ସମସ୍ତ ସରକାରୀ କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ' ଗାନକୁ ବାଧ୍ୟତାମୂଳକ କରିଛନ୍ତି।

## ଆଜିର ମୁଖ୍ୟ ଖବର

- ମହାପ୍ରଭୁ ଶ୍ରୀଜଗନ୍ନାଥ ଆନିମେସନ ଫିଲ୍ମ ରିଲିଜ୍ ଉପରେ ରୋକ୍।
- ଶ୍ରୀଲେଦର ସୋ'ରୁମରେ ନିଆଁ, ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ।
- ହରଜିତ ସିଂ ଅଗ୍ରୱାଲଙ୍କୁ ଜାତୀୟ ସଂଖ୍ୟାଲଘୁ ଆୟୋଗର ଅଧକ୍ଷ ଭାବେ ନିଯୁକ୍ତ।
- ଛତିଶଗଡ଼ର ନାରାୟଣପୁରରେ ନକ୍ସଲଙ୍କ ଅସ୍ତ୍ରଶସ୍ତ୍ର ଜବତ।
- ପାଞ୍ଚ ବର୍ଷ ମଧ୍ୟରେ ଦେଶର ସ୍ୱାସ୍ଥ୍ୟ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ୭୫,୦୦୦ ମେଡ଼ିକାଲ ସିଟ୍ ବୃଦ୍ଧି କରାଯିବ: ନଡ୍ଡା।
- ଦିଲ୍ଲୀ ପର୍ଯ୍ୟନ୍ତ ସଂପ୍ରସାରିତ ହେବ ହାଇଡ୍ରୋଜେନ୍ ଟ୍ରେନ୍, ପରୀକ୍ଷା ଆରମ୍ଭ: ଅଶ୍ୱିନୀ ବୈଷ୍ଣବ।
- ୧୯୯୪ ବ୍ୟାଚ୍ ଏଜିଏମୟୁଟି କ୍ୟାଡର ଅଧିକାରୀ ଅନୁରାଗ କୁମାର ନୂଆଦିଲ୍ଲୀର ନୂଆ ପୋଲିସ କମିଶନର।

# ଶିଶୁ ଦୁଷ୍କର୍ମ ପୀଡ଼ିତାଙ୍କ ଚିକିତ୍ସାରେ ଅବହେଳା ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା

**ନୂଆଦିଲ୍ଲୀ, ୧୭ ।୭**

ଉତ୍ତରପ୍ରଦେଶର ଗାଜିଆବାଦରେ ୪ ବର୍ଷର ଜଣେ ଦୁଷ୍କର୍ମ ପୀଡ଼ିତାଙ୍କୁ ସମୟମତେ ଚିକିତ୍ସା ନ ମିଳିବାରୁ ମୃତ୍ୟୁ ଘଟିଥିବା ମାମଲାରେ ସୁପ୍ରିମକୋର୍ଟ ଦୁଇଟି ଘରୋଇ ହସ୍ପିଟାଲ ଏବଂ ସେଠାକାର ଡାକ୍ତରମାନଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ଗରିବ ହୋଇଥିବାରୁ ଶିଶୁଟିକୁ ଅବହେଳା କରାଯାଇଥିଲା। ଏଭଳି କାମ କରୁଥିଲେ ନିଜ ନାମ ଆଗରେ 'ଡାକ୍ତର' ଲେଖିବାର ଅଧିକାର ନାହିଁ।



ଚଳିତ ବର୍ଷ ମାର୍ଚ୍ଚ ୧୬ରେ ଏହି ଘଟଣା ଘଟିଥିଲା। ଅଭିଯୋଗ ଅନୁସାରେ, ଜଣେ ପଡ଼ୋଶୀ ଚକୋଲେଟ୍ କିଣିଦେବାର ପ୍ରଲୋଭନ ଦେଖାଇ ଶିଶୁଟିକୁ ଘରୁ ନେଇଯାଇ ଦୁଷ୍କର୍ମ କରିଥିଲା। ପରେ ସେ ରକ୍ତାକ୍ତ ଓ ଅଚେତ ଅବସ୍ଥାରେ ମିଳିଥିଲା। ପରିବାର ଲୋକ ପ୍ରଥମେ ଦୁଇଟି ଘରୋଇ ହସ୍ପିଟାଲକୁ ନେଇଥିଲେ ମଧ୍ୟ ସେଠାରେ ଭର୍ତ୍ତି କରାଯାଇ ନ ଥିଲା। ପରେ ଜିଲ୍ଲା ହସ୍ପିଟାଲକୁ ନେବା ପରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଶିଶୁଟିର ବାପା କହିଥିଲେ, ଘଟଣାସ୍ଥଳରୁ ଉଦ୍ଧାର ପରେ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ସେ ବଞ୍ଚିଥିଲା ଏବଂ ଠିକ୍ ସମୟରେ ଚିକିତ୍ସା ମିଳିଥିଲେ ତା'ର ଜୀବନ ବଞ୍ଚିପାରିଥାନ୍ତା। ସୁପ୍ରିମକୋର୍ଟ ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ମଧ୍ୟ ଏହି ଅଭିଯୋଗରେ ସତ୍ୟତା ଥିବା କହିଛି।

ଶୁଣାଣି ବେଳେ *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୫୩ (-୭୬)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୬୫ (-୭୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୬୯୦ (-୫୭)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୩୦ (-୫)

# ଏନଡ଼ିଏ ସଂସଦୀୟ ଦଳ ବୈଠକର ନାଁ ରହିବ 'ମଙ୍ଗଳ ମିଳନ'

**ନୂଆଦିଲ୍ଲୀ, ୧୭ ।୭**

ଆସନ୍ତା ୨୦ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ୨୧ ତାରିଖ ସକାଳ ୯.୩୦ରେ ସଂସଦ ଭବନରେ ଏନଡିଏ ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହେବ। ତେବେ ଏଣିକି ଏନଡିଏ ସଂସଦୀୟ ଦଳ ବୈଠକର ନାଁ ରହିବ 'ମଙ୍ଗଳ ମିଳନ'।

ସଂସଦ ଅଧିବେଶନ ସମୟରେ ପାରମ୍ପରିକ ଭାବେ ମଙ୍ଗଳବାର ହେଉଥିବା ବୈଠକକୁ ସଂସଦୀୟ ଦଳ ବୈଠକ କୁହାଯାଏ। ତେବେ ଏହି ବୈଠକର ଏବେ ନୂଆ ନାଁ ରହିବ 'ମଙ୍ଗଳ ମିଳନ'। ସରକାରୀ ସୂତ୍ର ଅନୁଯାୟୀ ରଣନୀତିଜ୍ଞମାନଙ୍କର ଏବେ ପୂର୍ଣ୍ଣ ବିଶ୍ୱାସ ରହିଛି ଯେ ଗୃହରେ ଶାସକ ମେଣ୍ଟର ଆବଶ୍ୟକୀୟ ସଂଖ୍ୟା ରହିଛି। ଯେତେବେଳେ ଆବଶ୍ୟକ ପଡ଼ିବ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ ବିଲ୍ ଗୃହୀତ କରିବା ପାଇଁ ମଧ୍ୟ ଏନଡ଼ିଏ ମେଣ୍ଟ ପାଖରେ ସେହି ସଂଖ୍ୟା ରହିଛି।

ନିକଟରେ ଏନସିପିସିଆଇରେ ଯୋଗ ଦେଇଥିବା ବିଦ୍ରୋହୀ *(ପୃଷ୍ଠା ୭ରେ)*

# ଯୁଦ୍ଧର ଘନଘଟା ମଧ୍ୟରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି

**ନୂଆଦିଲ୍ଲୀ, ୧୭ ।୭**

ସଙ୍କଟର ଅନ୍ତ ଏବଂ ହର୍ମୁଜ୍ ପ୍ରଣାଳୀକୁ ସ୍ୱାଭାବିକ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ ମଧ୍ୟରେ ଏକ ୧୪-ସୂତ୍ରୀ ପ୍ରାରମ୍ଭିକ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ। ପ୍ରାରମ୍ଭିକ ଅସୁବିଧା ଦେଖାଦେଇଥିଲେ ବି ଆଶା କରାଯାଉଥିଲା ଯେ ହର୍ମୁଜ୍ ପ୍ରଣାଳୀରେ ସ୍ୱାଭାବିକ ଜାହାଜ ଚଳାଚଳ ହେବ,ବିଶ୍ୱବ୍ୟାପୀ ଅଶୋଧିତ ତୈଳ ଯୋଗାଣ ସ୍ଥିର ହେବ ଏବଂ ତୈଳମୂଲ୍ୟ ନିମ୍ନ ସ୍ତରକୁ ଫେରି ଆସିବ। ଏବେ କିନ୍ତୁ, ବୁଝାମଣା କ୍ଷପଣାସ୍ତ୍ର ମାଡ଼ରେ ଧ୍ୱସ୍ତ, ବିଧ୍ୱସ୍ତ। ଏବେ, ଭାରତ ପାଇଁ ଆର୍ଥିକ ଚାପ



ବଢୁଥିବା ବେଳେ, ଅଭିବୃଦ୍ଧି ସମ୍ଭାବନା ଉପରେ କଳାହାଣ୍ଡିଆ ମେଘ ଘୋଟି ଆସିଛି। ଏହାକୁ ଧ୍ୟାନରେ ରଖି ଭାରତ ନିଜର ରଣନୀତିକୁ ସଜାଡ଼ିବାର ଆବଶ୍ୟକତା ରହିଛି।

ଇରାନ ସଙ୍କଟ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟରେ ତୁଳନାତ୍ମକ ଭାବରେ ଅହେତୁକ ବୃଦ୍ଧି ଘଟିଥିଲା। ଏପ୍ରିଲ ୨୦୨୬ରେ ଭାରତ ଆମଦାନୀ କରୁଥିବା ଅଶୋଧିତ ତୈଳର ମାସିକ ହାରାହାରି ମୂଲ୍ୟ ବ୍ୟାରଲ ପ୍ରତି ୧୧୪.୫ ଡଲାର୍ ଥିଲାବେଳେ, ମଇ ମାସରେ ୧୦୬.୨ଡଲାର୍ ଏବଂ ଜୁନ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ୮୬.୩ ଡଲାରକୁ ହ୍ରାସ ପାଇଥିଲା। ଚଳିତ ଆର୍ଥିକ ବର୍ଷର ଆଗାମୀ ୯ ମାସ ପାଇଁ ଅଶୋଧିତ ତୈଳ ମୂଲ୍ୟ ଏହି ସ୍ତର ତଳେ ରହିବ ବୋଲି ଆଶା କରାଯାଉଥିଲା ବେଳେ ଯୁଦ୍ଧବିରାମ ବଦଳରେ ତେଜୁଥିବାରୁ ଆଗାମୀ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଉଛି।

ଜାତୀୟ ପରିସଂଖ୍ୟାନ ସଂସ୍ଥା ୨୦୨୫-୨୬ ପାଇଁ ଜିଡିପି *(ପୃଷ୍ଠା ୭ରେ)*

# ନୌସେନାକୁ ମିଳିଲା ଶକ୍ତିଶାଳୀ 'ଏମଏଚ୍-୬୦ଆର୍ ସିହକ୍' ହେଲିକପ୍ଟର

**କୋଚି, ୧୭ ।୭**

ଭାରତ ଓ ଆମେରିକା ପ୍ରତିରକ୍ଷା ସାଙ୍ଗଠନିକ ସାଝେଦାରୀ କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି। ଭାରତୀୟ ନୌସେନାକୁ ଆଉ ଏକ ଅତ୍ୟାଧୁନିକ 'ଏମଏଚ୍-୬୦ଆର୍ ସିହକ୍' ବହୁମୁଖୀ ସାମରିକ ହେଲିକପ୍ଟର ପ୍ରଦାନ କରାଯାଇଛି। ଗତ ସପ୍ତାହରେ କେରଳର କୋଚିଠାରେ ଆମେରିକା ପକ୍ଷରୁ ଏହି ହେଲିକପ୍ଟର ହସ୍ତାନ୍ତର କରାଯାଇଥିବା ବେଳେ ଚଳିତ ସପ୍ତାହରେ ଆଉ ଦୁଇଟି ହେଲିକପ୍ଟର ଭାରତରେ ପହଞ୍ଚିବ ବୋଲି ନୂଆଦିଲ୍ଲୀ ସ୍ଥିତ ଆମେରିକୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଘଣ୍ଟା ଘଣ୍ଟା ଧରି ଜେରା
ବହିଯାଉଅଛି ଝାଳ
ପିଲାଙ୍କ ସାଥିରେ କାହିଁକି ଏମିତି
ଖେଳୁଥିଲ ଆରେ ଖେଳ
ଏବେ ଖେଳଖେଳେ କାଳ
ସବୁ ଠକ ଯାକ ସଲାସୁତୁରା
ହୋଇଥିଲ ପରା ମେଳ।

# ଦେଶରେ ପୁଣି ବୃଦ୍ଧି ପାଉଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା !



**ନୂଆଦିଲ୍ଲୀ, ୧୭ ।୭**

ପୁଣି ଥରେ ଦେଶରେ କରୋନା ଚିନ୍ତା ବଢାଇଛି। ଦେଶରେ କରୋନା ବୃଦ୍ଧି ପାଉଛି ଏବଂ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ସାରା ଦେଶରେ ୩୦୦ରୁ ଅଧିକ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି, ଏବଂ ମୃତ୍ୟୁର ରିପୋର୍ଟ ମଧ୍ୟ ଆସୁଛି।

ଦେଶରେ ପୁଣି ଥରେ କରୋନାଭାଇରସ୍ ବ୍ୟାପିବାରେ ଲାଗିଛି। ଜୁଲାଇ ମାସର ମାତ୍ର ୧୭ ଦିନରେ, ଦେଶରେ ୩୩୯ ମାମଲା ରିପୋର୍ଟ ହୋଇଛି ଏବଂ ଚାରି ଜଣ ରୋଗୀଙ୍କ ମୃତ୍ୟୁ ମଧ୍ୟ ହୋଇଛି। କେରଳରେ ସର୍ବାଧିକ ମାମଲା ରିପୋର୍ଟ ହୋଇଛି। କର୍ଣ୍ଣାଟକରେ ୬୪ ମାମଲା ରିପୋର୍ଟ ହୋଇଛି, ମହାରାଷ୍ଟ୍ରରେ ୪୩, ଦିଲ୍ଲୀରେ ୧୮, ତାମିଲନାଡୁରେ ୩୯, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ୧୮, ରାଜସ୍ଥାନରେ ୧୨ ଏବଂ ଆନ୍ଧ୍ର ପ୍ରଦେଶରେ ୧୨ ମାମଲା ରହିଛି। ଆନ୍ଧ୍ର ପ୍ରଦେଶରେ ଚାରି ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି ଏବଂ ରାଜ୍ୟର କଡପା ଜିଲ୍ଲା ଭାଇରସ ଦ୍ୱାରା ସଂକ୍ରମିତ ହୋଇଛି।

ପ୍ରଥମେ ମାମଲା ଜୁନ୍ ୨୬ ତାରିଖରେ ରିପୋର୍ଟ ହୋଇଥିଲା। ପରବର୍ତ୍ତୀ ସମୟରେ ୧ ଜୁଲାଇରୁ ୧୭ ଜୁଲାଇ ମଧ୍ୟରେ ୧୨ଟି ମାମଲା ରିପୋର୍ଟ ହୋଇଥିଲା। ଜୁନ୍ ୨୬ ରୁ ୧୭ ଜୁଲାଇ ମଧ୍ୟରେ, ସାରା ରାଜ୍ୟରେ ୬୭ ଜଣଙ୍କ ସ୍ୱାସ୍ଥ୍ୟ *(ପୃଷ୍ଠା ୭ରେ)*

# ଆଉ ୩ ଦିନ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୭ ।୭**
**ନ୍ୟୁଜ୍ ବ୍ୟୁରୋ**

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡିଶା ପଶ୍ଚିମବଙ୍ଗଠାରେ ଲଘୁଚାପ ସୃଷ୍ଟି ହୋଇଛି। ଏହା ସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ଠାରୁ ୭.୬ କିମି ଯାଏ ବ୍ୟାପିଛି। ଏହା ଆଗାମୀ ୨ ଦିନ ମଧ୍ୟରେ ଉତ୍ତର ଓଡିଶା ଓ ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ଅତ୍ୟଧିକ ପ୍ରବଳ, ପ୍ରବଳରୁ ଅତି ପ୍ରବଳ ଓ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ।

ସେହିପରି ପୁରୀରେ ବର୍ଷା ଜାରି ରହିଥିବା ବେଳେ ମେଘୁଆ ପାଗ ସହ ୨ ଦିନ ଯାଏଁ



ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ସାରା ଓଡ଼ିଶାରେ ପ୍ରବଳ ବର୍ଷା ହେବାକୁ ଥିବା ଅନୁଗୁଳ, ବୌଦ୍ଧ, ସୋନପୁର, ସମ୍ବଲପୁର ଓ ଦେବଗଡ଼ରେ ଭୀଷଣ ବର୍ଷା ହେବ ସହ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ରାୟଗଡା, କଳାହାଣ୍ଡି, ବଲାଙ୍ଗୀର, ଗଜପତି, କନ୍ଧମାଳ, *(ପୃଷ୍ଠା ୭ରେ)*





# ଭାରତ ବିକାଶ ପରିଷଦର ପ୍ରତିଷ୍ଠାଦିବସ:ପଞ୍ଚସୂତ୍ରୀ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନନେଇ ଗୁରୁତ୍ୱ




**ରାଉରକେଲା, ନ୍ୟୁଜ୍**

ଭାରତ ବିକାଶ ପରିଷଦ ରାଉରକେଲା ଶାଖା ତରଫରୁ ଅନୁଷ୍ଠାନର ୬୪ ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ରାଉରକେଲା କ୍ଲବ ଠାରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ମଧୁସୂଦନ ମହାପାତ୍ରଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ଇଂ ଓମ୍ପ୍ରକାଶ ବାପୁଡିଆ ଓ ମୁଖ୍ୟବକ୍ତା ଭାବେ ପଶ୍ଚିମ ପ୍ରାନ୍ତ ଉପସଭାପତି ତଥା ଡାକ୍ତର ରାମଚନ୍ଦ୍ର ମେହେର ଯୋଗଦେଇ ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ସେମାନଙ୍କ ବକ୍ତବ୍ୟରେ ୧୯୬୩ ରୁ ଆରମ୍ଭ ହୋଇଥିବା ଏହି ପରିଷଦର ୫ଟି ସୂତ୍ର ସମ୍ପର୍କ, ସଂସ୍କାର, ସହଯୋଗ, ସେବା ଓ ସମର୍ପଣ ଉପରେ ଗୁରୁତ୍ୱାରୋପ ସହ ଅନୁଷ୍ଠାନ କିପରି ସର୍ବଭାରତୀୟ ସ୍ତରରେ ୧୯ ରାଜ୍ୟର ୬୪ଟି ଗ୍ରାମରେ ସ୍ୱାସ୍ଥ୍ୟ, ଜଳ, ସ୍ୱଚ୍ଛତା କାର୍ଯ୍ୟକ୍ରମ ସହ ୨୭୩ଟି ସ୍ୱାସ୍ଥ୍ୟ ଓ ୩୫୫ ସାମାଜିକ କାର୍ଯ୍ୟକ୍ରମ ସହ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସ୍ୱଚ୍ଛତା ପ୍ରତି ସମର୍ପିତ ଅନୁଷ୍ଠାନ କ୍ଲିନ୍ ଆଣ୍ଡ ଗ୍ରୀନ୍ ଓ ଆନେମିଆ ମୁକ୍ତ ଭାରତ ପାଇଁ ଡା. ସୀମାଲାଲ ଏଣ୍ଡ ଗ୍ରୁପ୍‌କୁ ସମ୍ମାନିତ କରାଯାଇଥିଲା । କର୍ମକର୍ତ୍ତା ମନ୍ନା ନାୟର ମୁଖ୍ୟଅତିଥି ଓ ଦେବବ୍ରତ ନାୟକ ମୁଖ୍ୟବକ୍ତାଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସଭାପତି ଶ୍ରୀ ମହାପାତ୍ର ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମର ସଂଯୋଜକ ତଥା ସମ୍ପାଦକ ଶ୍ରୀ ତ୍ରିପାଠୀ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କୋଷାଧ୍ୟକ୍ଷ ପ୍ରଦୀପ ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳତା ପାଇଁ ସାଧୁବାଦ ଦେଇଥିଲେ । ସ୍ନେହଲତା ଗନ୍ତାଘରିଆ ମନ୍ତ୍ରପାଠ ସହ ସାମୁହିକ ରାଷ୍ଟ୍ରଗୀତ ଗାନ କରିଥିଲେ । ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ସଂଜୀବ ସାହୁ, ବିଜେନ୍ଦ୍ର ଗୋର, ଦିନେଶ ଜୈନ, ସୂର୍ଯ୍ୟ ପାଢ଼ୀ, ମଞ୍ଜୁ ମେହେର, ବୈଷ୍ଣବ ମହାପାତ୍ର, ଗୋଦାବରୀଶ ଶତପଥୀ, ଉପଦେଷ୍ଟା ରବି ଦାସ, ଡା. ଦେବେନ୍ଦ୍ର ସେଠୀ, ପ୍ରଦୀପ ଦାସ ପ୍ରମୁଖଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ।



# ଭାରତକୁ ଅଖଣ୍ଡ ସନାତନ ରାଷ୍ଟ୍ର ଘୋଷଣା କରିବାକୁ ଦାବି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରୀୟ ହିନ୍ଦୁ ଫର୍ ଓଡ଼ିଶା, ବୌଦ୍ଧ ଜିଲ୍ଲା ଶାଖା ପକ୍ଷରୁ ସମସ୍ତ ନାଗରିକ ମାନଙ୍କ ପାଇଁ ସମାନ୍ ଆଇନ୍ ପ୍ରଣୟନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ସଭାପତି ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ମାଧ୍ୟମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଦାବିପତ୍ରରେ ଆମ ଦେଶରେ ବସବାସ କରୁଥିବା ସମସ୍ତ ନାଗରିକମାନଙ୍କ ପାଇଁ ସମାନ ଆଇନ୍ ପ୍ରଣୟନ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ନାଗରିକଙ୍କ ପାଇଁ ଶସକ୍ତ ଆଇନ୍, ୱାକାଫ ବୋର୍ଡ ସମ୍ପୂର୍ଣ୍ଣ ଉଚ୍ଛେଦ, ଭାରତକୁ ଅଖଣ୍ଡ ସନାତନ ରାଷ୍ଟ୍ର ରୂପେ ଘୋଷଣା କରିବା ପାଇଁ ଅନୁରୋଧ କରାଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଦାବିପତ୍ର ଗ୍ରହଣ କରି ଖୁବ୍‌ଶୀଘ୍ର ପଠାଯିବ ବୋଲି ମତପ୍ରକାଶ କରିଥିଲେ । ପ୍ରତିନିଧି ମଣ୍ଡଳିରେ ମହିଳା ସଭାପତି ଗିତାରାଣୀ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟେନ୍ଦ୍ର କୁମାର ଶତପଥୀ, ସିଦ୍ଧେଶ୍ୱର ଯୋଶୀ, ମିନୁପ୍ରସାଦ ମିଶ୍ର, ବିପ୍ର ଚରଣ ମହାନ୍ତି, ପ୍ରତାପ କୁମାର ସାହୁ, ମନରଞ୍ଜନ ଦାଶ, ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଡିଏମ୍‌ଡିରେ ପୀଡ଼ିତ ମେଧାବୀ ଛାତ୍ରଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମଉଳିମୁଣ୍ଡା ଗ୍ରାମର ବାସିନ୍ଦା ବାବୁଲାଲ କର୍ଣ୍ଣଙ୍କ ଦ୍ୱିତୀୟ ପୁତ୍ର ପାପୁନ କର୍ଣ୍ଣଙ୍କ ବାସଭବନକୁ ଯାଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ପ୍ରତୀକାତ୍ମକ ଚେକ୍ ପ୍ରଦାନ କରିଛନ୍ତି । ପାପୁନଙ୍କ ବୟସ ୧୯ ବର୍ଷ ଏବଂ ସେ Duchenne Muscular Dystrophy (DMD) ନାମକ ଏକ ବିରଳ ରୋଗରେ ପୀଡ଼ିତ । ସେ ଜଣେ ମେଧାବୀ ଛାତ୍ର ଏବଂ ମାଟ୍ରିକ୍ୟ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ମାତ୍ର ଏହି ରୋଗ ତାଙ୍କ ସମ୍ପୂର୍ଣ୍ଣ ଶରୀରକୁ ଅଚଳ କରିଦେଇଛି । ୧୦ ବର୍ଷ ବୟସ ପର୍ଯ୍ୟନ୍ତ ତାଙ୍କ ଶରୀର ସମ୍ପୂର୍ଣ୍ଣ ସୁସ୍ଥ ଥିଲା । ଏହାପରେ ଧୀରେ ଧୀରେ ଏହି ରୋଗ ତାଙ୍କ ଶରୀରକୁ ଆକ୍ରମଣ କରିଥିଲା ଏବଂ ବର୍ତ୍ତମାନ ସେ ଶଯ୍ୟାଶାୟୀ ଅବସ୍ଥାରେ ଅଛନ୍ତି । ପାପୁନଙ୍କ ଚିକିତ୍ସା ପାଇଁ ତାଙ୍କ ପିତାମାତା ଓଡ଼ିଶା ଏବଂ ଓଡ଼ିଶା ବାହାରର ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ସମସ୍ତ ପ୍ରକାରର ଚେଷ୍ଟା କରିଥିଲେ । ହେଲେ ସବୁଠାରୁ ସେମାନଙ୍କୁ ଗୋଟିଏ ଉତ୍ତର ମିଳିଛି ଯେ, ଏହି ରୋଗର କୌଣସି ସ୍ଥାୟୀ ଔଷଧ ନାହିଁ । ତଥାପି ପାପୁନଙ୍କ ଚିକିତ୍ସା ପାଇଁ ତାଙ୍କ ପିତାମାତାଙ୍କ ପ୍ରୟାସ ଜାରି ରହିଛି । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମିଳିଥିବା ୧୦ ଲକ୍ଷ ଟଙ୍କାର ଏହି ସହାୟତା ରାଶି କୋଲକାତାର ଏକ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଇବାରେ ସହାୟକ ହେବ । ପ୍ରତୀକାତ୍ମକ ଚେକ୍ ପ୍ରଦାନ ସମୟରେ ଉଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ ବାରା, ଜିଲ୍ଲାର ଭାରପ୍ରାପ୍ତ ଜରୁରୀ ଶାଖା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରୀତି ସୁନା ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।



# ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଥାନା ଇଲାକା ସୁବଳୟା ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ୯୮ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଗଞ୍ଜାମ ବ୍ଲକର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯଥା ଶହୀଦ୍ ଭଗତ୍ ସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖଣ୍ଡିଦେଉଳି, ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସୁବଳୟା ଓ ରମ୍ଭା ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇ ସ୍ମୃତି ଚାରଣ ସଭାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଖଣ୍ଡିଦେଉଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସ୍ନେହାଞ୍ଜଳି ବେହେରା, ଛାତ୍ର ଓମ୍ ଶତପଥୀ, ସୁବଳୟା ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସି.ଏଚ୍ ସୁଧାକର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ ସୁବଳୟା ପି.ଏମ୍ ଶ୍ରୀ ଗୋପାଳ କୃଷ୍ଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ଅଧ୍ୟାପକ ଡ଼ ବସନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନୀ ଓ ଆଦର୍ଶ ଉପରେ ଅନୁପ୍ରାଣିତ ହେବାପାଇଁ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ଗବେଷକ ଅଶୋକ କୁମାର ସାହୁ, ଶିକ୍ଷକ ବିଭୂତି ଚରଣ ବେହେରା ଯୋଗଦେଇ ମୂଲ୍ୟାୟନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପିକା ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଅତିଥି ପରିଚୟ ପ୍ରଦାନ ପୂର୍ବକ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସଭା ଶେଷରେ ଗଞ୍ଜାମ ବ୍ଲକ୍ ସମାଜ ପ୍ରତିନିଧି ଶବର କୁମାର ତରେଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

# ଚୌଦ୍ୱାରରେ ଉତ୍କଳମଣିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୈଷ୍ଣବ ଚରଣ ପ୍ରଧାନ, ଅକ୍ଷୟ କୁମାର ମିଶ୍ର, ଶରତ କୁମାର ଖୁଣ୍ଟିଆ, ଶ୍ରୀନିବାସ ବେହେରା, ବିଭୁଦତ୍ତ ବର୍ଦ୍ଧନ, ନିକୁଞ୍ଜ ବିହାରୀ ପଣ୍ଡା, ଭାଗିରଥୀ ସାହୁ, ଅଲେଖ ବେହେରା, ବିମଳ କୁମାର ବେଉରା, ଜୀବନ ମହାପାତ୍ର, ଶିବ ପ୍ରସାଦ ପତି ପ୍ରମୁଖ ଯୋଗଦେଇ ଓଟିଏମ୍ ବଜାର ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କୁ ସେବା ଓ ତ୍ୟାଗର ପ୍ରତୀକ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂଗଠନ ସମ୍ପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଭାସ୍କର ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ । ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଓ ସହସମ୍ପାଦିକା ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗ୍ରାମାଞ୍ଚଳରେ ବିକାଶ କ୍ଷେତ୍ରରେ ନାବାର୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ନାବାର୍ଡର ବାର୍ଷିକ ଉତ୍ସବ ନାବାର୍ଡର ଡିଡିଏମ୍ ଡ. ସ୍ମିତା ବଡଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏ ଉପଲକ୍ଷେ ନାବାର୍ଡ ପକ୍ଷରୁ ଏକ ଷ୍ଟେକ୍ ହୋଲ୍ଡର ମିଟ୍ ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁସ୍ମିତା ମାହାଲିଙ୍ଗ, ଏଲଡିଏମ୍ ରମାକାନ୍ତ ମାଝି, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ୍ତ, ପ୍ରାଣୀ ସମ୍ପଦର ଏଡିଭିଓ ଡକ୍ଟର ମନିଷ କୁମାର ସିଂ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଆଲୋକକୁମାର ନାଥ, ଓଡ଼ିଶା ଜୀବିକା ମିଶନ ଶକ୍ତିର ପ୍ରଶାନ୍ତ ପଲ୍ଲାଇ, କୃଷିବୀମା ଅଧିକାରୀ ସୌରଭ ଗୁପ୍ତା, ଏଆଇସିର (ପିଏମ୍ଏଫ୍‌ବିୱାଇ)ର ସଂଯୋଜକ, ବିଭିନ୍ନ ବ୍ୟାଙ୍କର ଜିଲ୍ଲା ସଂଯୋଜକ, କୃଷକ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ନାବାର୍ଡର ଚ୍ୟାନେଲ୍ ପାର୍ଟନର ମାନେ ଯୋଗ ଦେଇଥିଲେ । ଡିଡିଏମ୍, ନାବାର୍ଡ ସ୍ୱାଗତ ଭାଷଣରେ କହିଥିଲେ ଯେ, ସମସ୍ତ ବିଭାଗ ଓ ବ୍ୟାଙ୍କର ସମନ୍ୱିତ ପ୍ରୟାସ ମାଧ୍ୟମରେ ପ୍ରାଥମିକ କ୍ଷେତ୍ରରେ ଋଣ ପ୍ରବାହ ବୃଦ୍ଧି, ଋଣର ସଠିକ୍ ବ୍ୟବହାର, ସରକାରୀ ଯୋଜନାର ସମନ୍ୱୟ ଏବଂ ସ୍ଥାୟୀ ଗ୍ରାମୀଣ ବିକାଶ ସମ୍ଭବ । ସେ ଜଳ ବିଭାଜିକା ବିକାଶ, ଜନଜାତି ବିକାଶ, ଜଳବାୟୁ ଅନୁକୂଳ କୃଷି, କୃଷକ ଉତ୍ପାଦକ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ଆର୍ଥିକ ଅନ୍ତର୍ଭୁକ୍ତି, ଗ୍ରାମୀଣ ଭିତ୍ତିଭୂମି ବିକାଶ ଏବଂ ଡିଜିଟାଲ୍ କୃଷି କ୍ଷେତ୍ରରେ ନାବାର୍ଡର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ଋଣ ସଂଯୁକ୍ତ ସରକାରୀ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଅଗ୍ରିକଲଚର୍ ଇନ୍‌ଫ୍ରାଷ୍ଟ୍ରକଚର୍ ଫଣ୍ଡ, କିସାନ୍ କ୍ରେଡିଟ୍ କାର୍ଡ ଏବଂ ଇ-କେୟୁଏନ୍ ପୋର୍ଟାଲ୍ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଏଥିସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ଏହାର କାର୍ଯ୍ୟକାରୀ ସମୟସୀମା ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ଦିଆଯାଇଥିଲା । ଉପସ୍ଥିତ ଅଧିକାରୀ ଓ ଅଂଶଗ୍ରହଣକାରୀ ମାନେ ପ୍ରାଥମିକ କ୍ଷେତ୍ରରେ ଋଣ ପ୍ରବାହ ବୃଦ୍ଧି ଏବଂ ଗ୍ରାମୀଣ ସମୃଦ୍ଧି ପାଇଁ ନାବାର୍ଡର ଉଦ୍ୟମକୁ ପ୍ରଶଂସା କରିଥିଲେ । ଶେଷରେ କିଶୋର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶୁଭଲକ୍ଷ୍ମୀ ମହାନ୍ତି, ପୂଜାଶ୍ରୀ ସୁତାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଶ୍ରଦ୍ଧାଳୁଙ୍କ ବିଶ୍ୱାସରେ ବିଷ ଦେଇଛି ରାମ ମନ୍ଦିର ଟ୍ରଷ୍ଟ:କଂଗ୍ରେସ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



କୋଟି କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ପ୍ରଭୁ ଶ୍ରୀରାମ । ଦୀର୍ଘ ବର୍ଷର ଦୁର୍ବାର ଆନ୍ଦୋଳନ, ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ବଳିଦାନ ଓ ସେମାନଙ୍କ ଦାନ ଅର୍ଥରେ ଉତ୍ତରପ୍ରଦେଶ ଅଯୋଧ୍ୟା ଠାରେ ନିର୍ମିତ ହୋଇଛି ପ୍ରଭୁଙ୍କ ମନ୍ଦିର । କିନ୍ତୁ ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସରେ ବିଷ ଦେଇ ରାମ ମନ୍ଦିର ଟ୍ରଷ୍ଟ ଶତାଧିକ କୋଟି ଦାନ ଟଙ୍କା ଲୁଟ୍ କରିଛି । ଯାହାକି ଶ୍ରଦ୍ଧାଳୁଙ୍କୁ ଅଶେଷ ଦୁଃଖ ଦେଇଛି । ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷତା କରି ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କାନ୍ତ ମହାନ୍ତି କହିଛନ୍ତି ଯେ, ରାମ ମନ୍ଦିର ଟ୍ରଷ୍ଟ ଗଠନ, ଏହାର ପ୍ରମୁଖଙ୍କ ନିଯୁକ୍ତି କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରମୁଖ ଭୂମିକା ନେଇଥିଲା । କିନ୍ତୁ ଏବେ ଏହି ମନ୍ଦିରକୁ ଦାନ ଦେଇଥିବା ଶ୍ରଦ୍ଧାଳୁଙ୍କ ଅର୍ଥକୁ ଟ୍ରଷ୍ଟର କେତେକ ପ୍ରଭାବଶାଳୀ ସଦସ୍ୟ ଲୁଟ୍ କରିଥିବା ନଜରକୁ ଆସିଛି । ଦୋଷ ଲୁଚାଇବାକୁ ଯାଇ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା ଏହି ଅଭିଯୋଗର ସତ୍ୟତାକୁ ପ୍ରମାଣିତ କରିଛି । ଏହା ଏକ ଆର୍ଥିକ ଦୁର୍ନୀତି ନୁହେଁ ବରଂ କୋଟି କୋଟି ରାମଭକ୍ତଙ୍କ ଆସ୍ଥା, ବିଶ୍ୱାସ ଓ ଭାବନା ପ୍ରତି ଗୁରୁତର ବିଶ୍ୱାସଘାତକତା । ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ନିରବତା ଦେଶବାସୀଙ୍କୁ ଚକିତ କରିଛି । ଗତ ଜାନୁଆରୀ ୨୦୨୪ରେ ଶ୍ରୀ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ୧୧୩ କୋଟି ଟଙ୍କା ବ୍ୟୟ କରାଯାଇଥିଲା । ୨୫ ନଭେମ୍ବରରେ ୧୦ କୋଟି ଟଙ୍କା ବ୍ୟୟରେ ପତାକା ଉତ୍ତୋଳନ ଉତ୍ସବର ଆୟୋଜନ କରାଯାଇଥିଲା । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ବିଜେପି-ଆର୍‌ଏସ୍‌ଏସ୍ ପରିସଂସ୍ଥାନ ଭଗବାନ ରାମଙ୍କ ନାମରେ ମିଳିଥିବା ଦାନକୁ ବି ଛାଡ଼ିନାହାନ୍ତି । ଯେତେବେଳେ ସମ୍ପୂର୍ଣ୍ଣ ଟ୍ରଷ୍ଟ କାଠ ଗଡ଼ାରେ ଛିଡ଼ା ହୋଇଛି, କାର୍ଯ୍ୟାନୁଷ୍ଠାନ କେବଳ କନିଷ୍ଠ କର୍ମଚାରୀଙ୍କ ମଧ୍ୟରେ କାହିଁକି ସୀମିତ ରହିଛି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଟ୍ରଷ୍ଟ ଗଠନ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଭୂମିକା, ଚମ୍ପତ ରାୟ, ଅନିଲ ମିଶ୍ର ଓ ଦୁର୍ନୀତିରେ ସଂପୃକ୍ତ ଅନ୍ୟ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିବା, ସର୍ବୋଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ଏବେରେ ଟ୍ରଷ୍ଟକୁ ଭଙ୍ଗ କରିବା, ରାମ ମନ୍ଦିର ସହ ଜଡ଼ିତ ସମସ୍ତ ଦାନ, ଭେଟି, ଜମି କାରବାର କାର୍ଯ୍ୟକ୍ରମ ଓ ବ୍ୟୟର ସ୍ୱାଧୀନ ଫୋରେନ୍‌ସିକ୍ ଅଡିଟ୍ କରାଯାଇ ଏହାକୁ ସାର୍ବଜନୀନନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇ ଶ୍ରଦ୍ଧାଳୁଙ୍କ ବିଶ୍ୱାସରେ ବିଷ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ନ୍ୟାୟର ପରିଉଭୁକ୍ତ କରିବାକୁ ସେ ଦାବି କରିଛନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ଦେବରୂପ ମହାନ୍ତି, ରାଜ୍ୟ ଏସ୍‌ସି ସେଲ୍ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଯେନା, ମହିଳା ସଭାପତି ଅମିତା ବାଳା ଆଚାର୍ଯ୍ୟ, ଅବଦୁଲ ମୋକିତ ଖାନ, ଯୁବ ସଭାପତି ବଳରାମ ରାଉତ, ପିତବାସ ଧଳ, ଶୁଭାଶିଷ ମଲ୍ଲିକ, ଶର୍ମିଷ୍ଠା ପଣ୍ଡା, ବିଜୟ ବାରିକ, ରଞ୍ଜନ ଯେନା, ଇଲ୍ଲିୟାସ୍ ଅଲି ଖାନ୍, ଏନାମୁଲ ହକ୍ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶିକ୍ଷାମୂଳକ ପରିଦର୍ଶନ



**ବାଲେଶ୍ୱର, ନ୍ୟୁଜ୍**

ଛାତ୍ରଛାତ୍ରୀଙ୍କ ମନରେ ବୈଜ୍ଞାନିକ ଚେତନା ସୃଷ୍ଟି, ଉଚ୍ଚ ଶିକ୍ଷା ଓ ଗବେଷଣା ପ୍ରତି ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧ର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ୧୪୦ ଜଣ ଛାତ୍ରଛାତ୍ରୀ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରିଥିଲେ । ଏହି ଶିକ୍ଷାମୂଳକ ଗସ୍ତ ଅବସରରେ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ଥିବା ଅତ୍ୟାଧୁନିକ ପରୀକ୍ଷାଗାର, ଗବେଷଣା ସୁବିଧା ଏବଂ ସଂଗ୍ରହାଳୟ ପରିଦର୍ଶନ କରିଥିଲେ । ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଓ ସମନ୍ୱୟକାରୀ ମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସୁଚାରୁ ଭାବେ ପରିଚାଳିତ ହୋଇଥିଲା । ବିଭାଗର ଅଧ୍ୟାପକ ଓ ଗବେଷକମାନେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାଗାର ଏବଂ ସଂଗ୍ରହାଳୟ ବୁଲାଇ ଅତ୍ୟାଧୁନିକ ବୈଜ୍ଞାନିକ ଯନ୍ତ୍ରପାତିର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅବଗତ କରାଇବା ସହ ବିଭିନ୍ନ ବୈଜ୍ଞାନିକ ଧାରଣା, ପ୍ରଦର୍ଶନୀ ସାମଗ୍ରୀ ଓ ଚାଲିଥିବା ଗବେଷଣା କାର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଏହି ପାରସ୍ପରିକ ଆଲୋଚନା ମାଧ୍ୟମରେ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ଗବେଷଣା ପରିବେଶ ସହ ସିଧାସଳଖ ପରିଚିତ ହେବାର ସୁଯୋଗ ପାଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପରିଦର୍ଶନକାରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କୁ ଅଧ୍ୟୟନ, ନବସୃଜନ ଓ ଗବେଷଣା କ୍ଷେତ୍ରରେ ନିଷ୍ଠାର ସହ ଆଗେଇବାକୁ ବାର୍ତ୍ତା ପ୍ରଦାନ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ମନରେ ବୈଜ୍ଞାନିକ ମନୋଭାବ, ଗବେଷଣା ପ୍ରତି ଆଗ୍ରହ ଓ ନବସୃଜନଶୀଳ ଚିନ୍ତାଧାରା ବିକାଶ କରିବାକୁ ଆହ୍ୱାନ ଜଣାଇଥିଲେ । ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସଫଳତା ପାଇଁ ଜିଜ୍ଞାସା, ସମାଲୋଚନାତ୍ମକ ଚିନ୍ତନ ଏବଂ ନିରନ୍ତର ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସେ ଆଲୋକପାତ କରିଥିଲେ । ପରିଦର୍ଶନ ଶେଷରେ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ମାନେ ବିଶ୍ୱବିଦ୍ୟାଳୟର ଅତ୍ୟାଧୁନିକ ଶିକ୍ଷା ଓ ଗବେଷଣା ସୁବିଧା ସହିତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କ ଆନ୍ତରିକ ସହଯୋଗର ଉଚ୍ଚ ପ୍ରଶଂସା କରିଥିଲେ । ସମଗ୍ର ଶିକ୍ଷାମୂଳକ ପରିଦର୍ଶନ ଛାତ୍ରଛାତ୍ରୀଙ୍କ ପାଇଁ ଜ୍ଞାନବର୍ଦ୍ଧକ, ପ୍ରେରଣାଦାୟକ ଓ ସ୍ମରଣୀୟ ଅନୁଭୂତିରେ ପରିଣତ ହୋଇଥିଲା ବୋଲି ମତବ୍ୟକ୍ତ କରିଥିଲେ ।

# କେନ୍ଦୁପତ୍ର ଦର ବୃଦ୍ଧି ଏବଂ ଶ୍ରମିକମାନଙ୍କୁ ବୋନସ୍ ଘୋଷଣା ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**




ଓଡ଼ିଶା ସରକାରଙ୍କ କେବିନେଟ୍ ମିଟିଙ୍ଗରେ ଓଡ଼ିଶାରେ କାର୍ଯ୍ୟରତ ୧୨ ଲକ୍ଷ କେନ୍ଦୁପତ୍ର ଶ୍ରମିକମାନଙ୍କ ପାଇଁ କେନ୍ଦୁପତ୍ର ଦର ବୃଦ୍ଧି ଓ ବୋନସ୍ ପ୍ରଦାନ ପାଇଁ ନିଷ୍ପତି ନେଇଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କୃତଜ୍ଞତା ଜ୍ଞାପନ କରିଛି । ଦୀର୍ଘ ଦିନ ଧରି କେନ୍ଦୁପତ୍ର ଦରବୃଦ୍ଧି, ଶ୍ରମିକଙ୍କ ବୋନସ୍ ପ୍ରଦାନ, ସିଜିନାଲ୍ କର୍ମଚାରୀଙ୍କ ଦରମା ବୃଦ୍ଧି, ସିଜିନାଲ୍ କର୍ମଚାରୀଙ୍କ ଅବସର ବୟସ ସୀମା ୬୨ ବର୍ଷରୁ ୬୫ ବର୍ଷ କରିବା ଆଦି ବିଭିନ୍ନ ଦାବିକୁ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା ଚାଲିଥିଲା । ବିଜୁ ଜନତାଦଳର ସରକାର ଓଡ଼ିଶା କେନ୍ଦୁପତ୍ର ଶ୍ରମିକ ମାନଙ୍କୁ ବାରମ୍ବାର ଧୋକା ଦେବା ପରେ ବର୍ତ୍ତମାନ ଓଡ଼ିଶାର ମୋହନ ଚରଣ ମାଝୀଙ୍କ ସରକାର କେନ୍ଦୁପତ୍ର ଶ୍ରମିକ ମାନଙ୍କ ପାଇଁ ଏକ ଐତିହାସିକ ପଦକ୍ଷେପ ନେଇଛି ବୋଲି ବରଗଡ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ପ୍ରକାଶ କରିଛନ୍ତି । କେନ୍ଦୁପତ୍ର କେରି ପ୍ରତି ୧୦ ପଇସା ବୃଦ୍ଧି ଓ ଫାଲ କେରି ପ୍ରତି ୨୦ ପଇସା ବୃଦ୍ଧି ସହ କେନ୍ଦୁପତ୍ର ତୋଳାଳି ମାନଙ୍କୁ ୨୫% ଓ ବନ୍ଧେଇ ସିଜିନାଲ୍ କର୍ମଚାରୀ ମାନଙ୍କ ପାଇଁ ୫% ବୋନସ୍ ବୃଦ୍ଧି ଯୋଗୁ ଓଡ଼ିଶାର ୧୨ ଲକ୍ଷ କେନ୍ଦୁପତ୍ର ଶ୍ରମିକ ଲାଭବାନ ହେବେ । ବିଶେଷ କରି ଗ୍ରାମାଞ୍ଚଳର ଆଦିବାସୀ, ଦଳିତ ପରିବାରର ଲୋକେ ବିଶେଷ ଲାଭ ପାଇବେ । ଓଡ଼ିଶା କେନ୍ଦୁପତ୍ର ଶ୍ରମିକ ମାନଙ୍କର ଆଉ କେତେକ ପ୍ରମୁଖ ଦାବି ଉପରେ ମଧ୍ୟ ଓଡ଼ିଶା ସରକାର ବିଚାର ବିମର୍ଶ କରୁଥିବା କଥା ସାଂସଦ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି । ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ନେତା ଯଦୁମଣି ପାଣିଗ୍ରାହୀ, କରିଣ ସିଂ ଦେଓ, କୋକିଳ ସାହୁ, ପିଣ୍ଟୁ ତ୍ରିପାଠୀ, ଲାଲୁ ଖାଁ, ସୁରେଶ ପଣ୍ଡା, ଅନାଦି ସାହୁ, ବିନୋଦ ଜେନା, ଶ୍ରୀକାନ୍ତ ମିଶ୍ର, ଚିରାକ୍ ସିଂ ଦେଓ, ରୁଷଭ ପ୍ରଧାନ, ମହେନ୍ଦ୍ର ପ୍ରଧାନ, ଚୂଡାମଣି ପାଣିଗ୍ରାହୀ, ଚକାମନ ପ୍ରଧାନ ଏବଂ ଅନେକ ନେତା ଓଡ଼ିଶା ସରକାରର ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ପଣ୍ଡିତ ଗୋପବନ୍ଧୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



'ପଛ ଘୁଞ୍ଚା ନାହିଁ ବୀରର ଜାତକେ, ନମରେ ସେ କେବେ ପରାଣ ଆତଙ୍କେ....' ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କେବେ ପଛଘୁଞ୍ଚା ଦେଇନଥିଲେ ନିଜର କର୍ତ୍ତବ୍ୟ ପଥରେ । ସେ ସର୍ବଦା ବୀରତ୍ୱର ସହ ଲଢ଼େଇ କରି ଦିନଦରିଦ୍ରଙ୍କ ସେବା କରୁଥିଲେ । ତେଣୁ ବର୍ତ୍ତମାନ ଯୁବସମାଜ ସେହି ମହାପୁରୁଷଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାକୁ ନିଜର ବ୍ରତ ଭାବରେ ଗ୍ରହଣ କଲେ ତାହା ଆଜି ଭଳି ଏକ ପୁଣ୍ୟ ତିଥିରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ହେବ ବୋଲି ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଓ 'ସମାଜ' ପରିବାରର ମିଳିତ ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ଯୋଗଦେଇ ସେବାରେ କେବେବି ପାତର ଅନ୍ତର ନଥାଏ । ସର୍ବଦା ପରସ୍ପରକୁ ସ୍ନେହ, ଶ୍ରଦ୍ଧା ଦେବା ଉଚିତ ବୋଲି କହିଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସେଭଳି ଜଣେ ବ୍ୟକ୍ତି ଯିଏ ସେବାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରି ପରସ୍ପର ପ୍ରତି ସ୍ନେହ ଓ ଶ୍ରଦ୍ଧା ପ୍ରଦର୍ଶନ କରୁଥିଲେ । ତେଣୁ ବର୍ତ୍ତମାନର ଯୁବସମାଜ ସେହି ମହାପୁରୁଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ସେ କହିଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବରେ ସୋନପୁର କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡ. ସୌରଭ ରଞ୍ଜନ ଖମାରୀ ଯୋଗଦେଇ ସ୍ୱାଧୀନତା ପୂର୍ବବର୍ଷର ଅସହଯୋଗ ଆନ୍ଦୋଳନରେ ଉତ୍କଳମଣୀଙ୍କ ଭୂମିକା ଅବିସ୍ମରଣୀୟ ବୋଲି କହିଥିଲେ । ଏପରିକି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ତାଙ୍କୁ ଜାତୀୟ ଆନ୍ଦୋଳନରେ ଓଡ଼ିଶାର ପିତା ବୋଲି ବର୍ଣ୍ଣନା କରିଥିଲେ । କିନ୍ତୁ ସେଭଳି ଜଣେ ମହାପୁରୁଷଙ୍କୁ ଯେଉଁ ସମ୍ମାନ ମିଳିବା କଥା, ତାହା ଆଜିପର୍ଯ୍ୟନ୍ତ ତାଙ୍କୁ ମିଳିପାରିନାହିଁ ବୋଲି ସେ ମତ ପ୍ରକାଶ କରିଥିଲେ । ଉପଜିଲ୍ଲାପାଳ ଡ. ସୌମ୍ୟରୂପା ରଥ କହିଥିଲେ ଯେ, ସେବାର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ପଣ୍ଡିତ ଉତ୍କଳମଣି କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନଥିଲେ, ସେ ଓଡ଼ିଆ ସାହିତ୍ୟ ଜଗତର ଜଣେ ଧ୍ରୁବତାରା ଥିଲେ । ତାଙ୍କର କାଳଜୟୀ କବିତା 'ବନ୍ଦୀର ଆତ୍ମକଥା', 'ଧର୍ମପଦ' ଓ 'ଅବକାଶ ଚିନ୍ତା' ଏବେବି ସମସ୍ତଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ତେଣୁ ସେହି ମହାପୁରୁଷଙ୍କ ନୀତି ଓ ଆଦର୍ଶ ସହ ସେବା ମନୋଭାବ ନେଇ କାର୍ଯ୍ୟ କଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବପର ବୋଲି ସେ ମତ ପ୍ରକାଶ କରିଥିଲେ । ଆରମ୍ଭରେ 'ସମାଜ'ର ଜିଲ୍ଲା ପ୍ରତିନିଧି ସ୍ୱାଧୀନ ମେହେର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ସଙ୍ଗଠନ 'ରେଆର'ର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସଂଯୋଜନା କରିଥିଲେ । ଶେଷରେ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ନାଟ୍ୟଶ୍ରୀ ଗଦାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା, ଜିଲ୍ଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ରଘୁମଣି ଦେହେରୀ, ବୀମା ପରାମର୍ଶଦାତା ଆର୍ତ୍ତତ୍ରାଣ ହୋତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ସହାୟକ ମାନଭଞ୍ଜନ ପଟ୍ଟନାୟକ, ପ୍ରିୟଦର୍ଶିନୀ, ଅଶୋକମୋହନ ଜେନା, ଚମରା ବିଶି, ଭାଗୀରଥ ମହାଲିକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପୃଥୀରାଜ ଥନାପତି ପ୍ରମୁଖଙ୍କ ସହ ସାହାରା ଟ୍ରଷ୍ଟ ହାଇସ୍କୁଲର ଛାତ୍ରଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, କବି, ଲେଖକ, ସାହିତ୍ୟିକ ଓ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ ।

# ପୋଷ୍ଟ-ଡ୍ରାଫ୍ଟ ପାଇଁ ବିଏଲ୍ଓ ଓ ସୁପରଭାଇଜରମାନଙ୍କ ପ୍ରଶିକ୍ଷଣ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମର ପୋଷ୍ଟ-ଡ୍ରାଫ୍ଟ ପର୍ଯ୍ୟାୟକୁ ସଫଳ ଓ ତ୍ରୁଟିମୁକ୍ତ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ବୌଦ୍ଧ ଜିଲ୍ଲାର ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଏଲ୍ଓ ଏବଂ ବିଏଲ୍ଓ ସୁପରଭାଇଜର ମାନଙ୍କ ପାଇଁ ପୋଷ୍ଟ-ଡ୍ରାଫ୍ଟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଅନିରୁଦ୍ଧ ପଧାନଙ୍କ ତତ୍ତ୍ୱାବଧାନରେ ଏହା ସମ୍ପନ୍ନ ହୋଇଯାଇଛି । ୮୬ ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଏଲ୍ଓ ଓ ବିଏଲ୍ଓ ସୁପରଭାଇଜର ମାନଙ୍କୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଅତିରିକ୍ତ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ବୌଦ୍ଧ ତହସିଲଦାର ଅନୀତା ସାହୁ, ଡେପୁଟି କଲେକ୍ଟର ନିର୍ବାଚନ ମନସିତ ସ୍ୱରୂପ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେହିପରି ୮୫-କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଏଲ୍ଓ ଓ ବିଏଲ୍ଓ ସୁପରଭାଇଜର ମାନଙ୍କୁ ଏହି ପ୍ରଶିକ୍ଷଣ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଏବଂ ଅତିରିକ୍ତ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ହରଭଙ୍ଗା ବ୍ଲକରେ ମଧ୍ୟ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ପ୍ରଶିକ୍ଷଣରେ ପୋଷ୍ଟ-ଡ୍ରାଫ୍ଟ ପର୍ଯ୍ୟାୟରେ ବିଏଲ୍ଓ ମାନଙ୍କର ଭୂମିକା, ଖସଡ଼ା ଭୋଟର ତାଲିକା ପ୍ରକାଶ ପରେ ଦାଖଲ ହେଉଥିବା ଦାବି ଓ ଆପତ୍ତିର ସଠିକ୍ ଗ୍ରହଣ ଓ ଯାଞ୍ଚ, ନିର୍ଦ୍ଧାରିତ ପତ୍ରଗୁଡ଼ିକର ସଠିକ୍ ପୂରଣ, କ୍ଷେତ୍ରସ୍ତରରେ ଯାଞ୍ଚ ପ୍ରକ୍ରିୟା, ମୃତ, ସ୍ଥାନାନ୍ତରିତ ଏବଂ ଦ୍ୱିତୀୟ ନାମଭୁକ୍ତି ସମ୍ବନ୍ଧୀୟ ମାମଲାର ଯାଞ୍ଚ, ସମୟବଦ୍ଧ ଭାବେ ଅନ୍‌ଲାଇନ୍ ଏଣ୍ଟ୍ରି ଓ ରିପୋର୍ଟ ଦାଖଲ ଏବଂ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ଉପରେ ବିସ୍ତୃତ ଅଲୋଚନା କରାଯାଇଥିଲା । ପୋଷ୍ଟ-ଡ୍ରାଫ୍ଟ ପର୍ଯ୍ୟାୟ ଭୋଟର ତାଲିକାର ସ୍ୱଚ୍ଛତା, ସଠିକତା ଏବଂ ନିର୍ଭୁଲତା ସୁନିଶ୍ଚିତ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତେଣୁ ପ୍ରତ୍ୟେକ ବିଏଲ୍ଓ ଓ ବିଏଲ୍ଓ ସୁପରଭାଇଜର ନିଜ ଦାୟିତ୍ୱକୁ ସମ୍ପୂର୍ଣ୍ଣ ନିଷ୍ଠା, ସ୍ୱଚ୍ଛତା ଓ ନିରପେକ୍ଷତାର ସହିତ ପାଳନ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ପରାମର୍ଶ ଦିଆଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଭୟ ନିର୍ବାଚନ ମଣ୍ଡଳୀର ସମସ୍ତ ବିଏଲ୍ଓ, ବିଏଲ୍ଓ ସୁପରଭାଇଜର ଏବଂ ନିର୍ବାଚନ ଶାଖାର କର୍ମଚାରୀମାନେ ଉପସ୍ଥିତ ରହି ପୋଷ୍ଟ-ଡ୍ରାଫ୍ଟ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

# ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନକୁ ବିରୋଧ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଚୋରା ମଦ, ଗଞ୍ଜେଇ, ବ୍ରାଉନସୁଗାର, କଫ୍‌ସିରପ୍ ଇତ୍ୟାଦି ବିକ୍ରି ହେଉଥିବାବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ପୁଣି ୬୪ଟି ନୂତନ ମଦ ଦୋକାନ ଖୋଲିବା ପାଇଁ ଅନୁମତି ମିଳିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ମଦ ଦୋକାନ ଖୋଲିବା ପାଇଁ ଅନୁମତି ନେଇଥିବା ଦୋକାନୀମାନେ ଦୋକାନ ଖୋଲିବା ପାଇଁ ଜାଗା ନପାଇବାରୁ ଶିକ୍ଷାନୁଷ୍ଠାନ, ମନ୍ଦିର, ମଠ, ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଖୋଲିବା ପାଇଁ ଉଦ୍ୟମ କରୁଥିବାରୁ ଜନସାଧାରଣ ଓ ସ୍ଥାନୀୟ ବାସୀ ଏହାର ତୀବ୍ର ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଦୈନିକ ଅଭିଯୋଗ କରିଆସୁଛନ୍ତି । କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ବାଙ୍କିମୁଣ୍ଡାଇ ଚାନ୍ଦୋଳ ନିକଟରେ ଥିବା ମାକ[illegible]ରେଇ ପୂର୍ଣ୍ଣାଙ୍ଗ ଶିଶୁ ଶିକ୍ଷା ନିକେତନ ନିକଟରେ ମଦ ଦୋକାନ ଖୋଲିବା ପାଇଁ ଉଦ୍ୟମ କରୁଥିବାରୁ ଏହାକୁ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ପ୍ରଧାନ ଶିକ୍ଷକ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଶିକ୍ଷାନୁଷ୍ଠାନ ଏଠାରେ ଚାଲୁରହିଛି । ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଅଧ୍ୟୟନ କରନ୍ତି । ଛୋଟ ଛୋଟ ପିଲାଙ୍କୁ ଅଭିଭାବକମାନେ ସ୍କୁଲକୁ ଛାଡିବାକୁ ଯିବା ଆସିବା କରନ୍ତି । ଏଠାରେ ମଦ ଦୋକାନ ଖୋଲାହେଲେ ପରିବେଶ ନଷ୍ଟ ହେବା ସହ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଉପରେ ଏହାର ପ୍ରଭାବ ପଡିବ । ତେଣୁ ଏଠାରେ ମଦ ଦୋକାନ ନ ଖୋଲିବା ପାଇଁ ଶତାଧିକ ଗ୍ରାମବାସୀ ଓ ସ୍କୁଲର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ଭେଟି ମଦ ଦୋକାନକୁ ମିଳିଥିବା ଅନୁମତିକୁ ବାତିଲ୍ କରିବା ପାଇଁ ଦାବି କରିଛନ୍ତି ।

# ଭାଇ ଭାଇଙ୍କୁ ଆକ୍ରମଣ ଏବଂ ବଟି ଆଦାୟ ଅଭିଯୋଗରେ ଅଭିଯୁକ୍ତ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ସିମେଣ୍ଟ ପୋଲ ଉତ୍ପାଦନ ୟୁନିଟରେ ଲାଭ ଭାଗବଣ୍ଟାକୁ ନେଇ ବିବାଦ ପରେ ବୈଦ୍ୟନାଥପୁର ପୋଲିସ ତାଙ୍କ ଭାଇ ଭାଇଙ୍କୁ ଆକ୍ରମଣ କରିବା ଏବଂ ୮୦ ଲକ୍ଷ ଟଙ୍କା ଆଦାୟ ପାଇଁ ଧମକ ଦେବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଅଭିଯୁକ୍ତ, ମଣିରାଜ ସାହୁ ମଣି, ବିଶ୍ୱନାଥ ସାହୁ ବିଶୁଙ୍କ ପୁଅ, ଲକ୍ଷ୍ମୀ ନଗର, ଦ୍ୱିତୀୟ ଲେନ, ଆଙ୍କୁଲି, ବ୍ରହ୍ମପୁର ନିବାସୀ, ବୈଦ୍ୟନାଥପୁର ପିଏସ୍ କେସ୍ ନଂ. ୩୬୨ ୧୪ ତାରିଖରେ ଧାରା ୧୨୬(୨)/୨୯୬/୧୧୫(୨)/୩୦୮(୬)/୩୫୧(୨) ବିଏନ୍‌ଏସ୍ ଅନୁଯାୟୀ ଗିରଫ କରାଯାଇଛି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଜୁଲାଇ ୨୦୨୬ ଶନିବାର





## ପାରାଦୀପ-ହରିଦାସପୁର ରେଳ ଲାଇନ୍ ଦୋହରୀକରଣ ପାଇଁ ରେଳମନ୍ତ୍ରୀଙ୍କୁ ଅଭିନନ୍ଦନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ ସାମ୍ମୁଖ୍ୟ ତରଫରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ହରିଦାସପୁର-ପାରାଦୀପ ରେଳଲାଇନ୍ ଦୋହରୀକରଣ ପାଇଁ ଗତ କିଛିଦିନ ତଳେ ସ୍ମାରକପତ୍ର ଦିଆଯାଇଥିଲା। ଗତ କ୍ୟାବିନେଟ୍‌ରେ ଏହା ଉପରେ ଅର୍ଥ ବରାଦ କରାଯାଇଛି। ୨୫୪୦ କୋଟି ଟଙ୍କାର ୭୦ କିଲୋମିଟର ବ୍ୟାପି ଏ ରେଳପଥ ପାଇଁ ବେଜଟ୍ ବ୍ୟବସ୍ଥା କରାଯାଇଛି। ଏଥିସହିତ ପାରାଦୀପ ଠାରୁ ପୁରୀ ପର୍ଯ୍ୟନ୍ତ ରେଳ ଚଳାଚଳ ପ୍ରତିଦିନ କରିବା ପାଇଁ ରେଳମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ଏ ପର୍ଯ୍ୟନ୍ତ ତାହାର କୌଣସି ସୂଚନା ମିଳିନାହିଁ। ଜିଲ୍ଲା ବିକାଶ ସାମ୍ମୁଖ୍ୟ ତରଫରୁ ଦୋହରୀକରଣ ରାସ୍ତା ପାଇଁ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ, ସଭାପତି ଡଃ. ଅଲେଖ ଚନ୍ଦ୍ର ପଢିଆରୀ, କର୍ମକର୍ତ୍ତା ବୈଷ୍ଣବ ଚରଣ ସ୍ୱାଇଁ, ରାଜକୁମାର ବିଶ୍ୱାଳ, ଭାଗିରଥି ଜେନା, ସୁରେଶ ପଟ୍ଟନାୟକ, ଆଦିକନ୍ଦ ରାଉଳ ପ୍ରମୁଖ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ୱାଗତ କରିଛନ୍ତି।

### ////////////// ଏନ୍‌ଏସ୍‌ଏ, ଏନ୍‌କାଉଣ୍ଟର ସତ୍ତ୍ୱେ ଥମୁନି ଭାଇଗିରି //////////////

# ୫ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରି କାବୁ କରିଛି ପୋଲିସ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରରେ ସଙ୍ଗଠିତ ଅପରାଧ ଓ ଦାଦାବଟିକୁ ରୋକିବା ପାଇଁ ପୋଲିସ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। କେତେକ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ୍ ଲାଗୁ କରାଯାଇଥିବା ବେଳେ ପୂର୍ବରୁ ୫ ଜଣ ଅପରାଧୀ ପୋଲିସ ଏନ୍‌କାଉଣ୍ଟରରେ ଆହତ ହୋଇଥିଲେ। ବ୍ରହ୍ମପୁର ପୋଲିସର ଏନ୍‌କାଉଣ୍ଟର ଚେତାବନୀ ସତ୍ତ୍ୱେ ପୋଲିସକୁ ଓପନ୍ ଚାଲେଞ୍ଜ ଦେଉଛନ୍ତି ଅପରାଧୀ। ଗତ ମଇ ମାସ ୧୬ ତାରିଖରେ ଗୋପାଳପୁର ପୋଲିସ ଶ୍ୟାମ ବେହେରା ହତ୍ୟା ଉଦ୍ୟମ ମାମଲାରେ ଲାଞ୍ଜିପଲ୍ଲୀ ଢିପ ସାହିର ଅଭିଯୁକ୍ତ ଦିପୁନା ନାୟକକୁ ଏନ୍‌କାଉଣ୍ଟର କରିଥିବା ବେଳେ ୨୧ ତାରିଖରେ ଉମେଶ ରଥ ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତ ତଥା ହିଲ୍‌ପାଟଣା ନିବାସୀ ମୁକେଶ ସାହୁକୁ ଟାଉନ୍ ଥାନା ପୋଲିସ ଏନ୍‌କାଉଣ୍ଟର କରିଥିଲା। ସେହିପରି ୨୪ ତାରିଖ ରାତିରେ ହରିଡ଼ାଖଣ୍ଡି ମାଛ ବଜାର ଛକରେ ମଙ୍ଗଳା ବେହେରାଙ୍କୁ ହୋଇଥିବା ହତ୍ୟା ଉଦ୍ୟମ ମାମଲାର ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ସାହୁ ଓରଫ୍ ଜଗାକୁ ପୋଲିସ ଏନ୍‌କାଉଣ୍ଟର କରିଥିବା ବେଳେ ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ଫେରାର୍ ଅଭିଯୁକ୍ତ ତଥା ବଡ଼ଗଡ଼ ଥାନା ଅନ୍ତର୍ଗତ ନାଉଗାଁର ରଞ୍ଜନ ମଲ୍ଲିକ ଓ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଶିକିରି ଗ୍ରାମ ପାଢ଼ୀ ସାହିର ସରୋଜ ପଣ୍ଡାଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିଲା। ସେପଟେ ବ୍ରହ୍ମପୁର ପୋଲିସର ସୁପାରିଶକ୍ରମେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍ ଜାତୀୟ ନିରାପତ୍ତା ଆଇନ୍ ବଳରେ ଜରଡ଼ା ଥାନା ଅନ୍ତର୍ଗତ ନନ୍ଦିଗାଁ ନିବାସୀ ଦୁର୍ଦ୍ଧାନ୍ତ ଅପରାଧୀ ସାଗର ବେହେରାଙ୍କ ବିରୁଦ୍ଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗିରଫ କରିଥିଲା। ୨୦୧୧ରୁ ୨୦୨୬ ମସିହା ଅର୍ଥାତ୍ ଏଯାବତ୍ ଜରଡ଼ା ଏବଂ କେ. ନୂଆଗାଁ ଥାନାରେ ସାଗର ନାମରେ ଦଙ୍ଗା, ମାରପିଟ୍, ଅପରାଧିକ ଧମକ, ଦାଦାବଟି ଆଦାୟ, ହିଂସା ଆକ୍ରମଣ, ମାରଣାସ୍ତ୍ର ପ୍ରଦର୍ଶନ, ଓଡ଼ିଶା ଜୁଆ ନିବାରଣ ଆଇନ୍ ଏବଂ ଲଘୁ ଖଣିଜ ନିୟମ ଉଲ୍ଲଂଘନ ଭଳି ୧୧ଟି ସଙ୍ଗୀନ ଅପରାଧରେ ସାମିଲ ଥିବା ଜଣାପଡ଼ିଛି। ଉପରୋକ୍ତ ଘଟଣା ସତ୍ତ୍ୱେ ସହରର ବିଭିନ୍ନ ଇଲାକାରେ ଭାଇଗିରି, ଦାଦାବଟି ଓ ଧମକ ଭଳି ଘଟଣା ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢୁଛି। ନିକଟରେ କୃପାସିନ୍ଧୁପୁର ଶାସନ ଗ୍ରାମର ପ୍ରଶାନ୍ତ କୁମାର ଦାସଙ୍କୁ ଅଭିଯୁକ୍ତ ଆର୍ ଅରୁପଙ୍କ ସମେତ ସ୍ଥାନୀୟ ସରପଞ୍ଚ କେ. ବୁଲୁ ଓ ଅନ୍ୟକିଛି ଯୁବକ ଉଠାଇ ନେଇ ନିର୍ମମ ଭାବେ ମାଡ଼ ମାରିଥିଲେ। ଏପରିକି ଭାଇଗିରି ଦେଖାଇ ୩ ଦିନ ଧରି ପ୍ରଶାନ୍ତଙ୍କୁ ଏକ ବନ୍ଦ କୋଠରୀରେ ରଖି ନିର୍ଯାତନା ଦେଇଥିଲେ। ତଥାପି ସଦର ଥାନା ଅନ୍ତର୍ଗତ ଏ. ରଘୁନାଥପୁର, ଗୋସାଇଁନୂଆଗାଁ, ବଡ଼ବଜାର ଥାନା ଅଞ୍ଚଳର ଓ ଆଙ୍କୁଲି ଅଞ୍ଚଳରେ ଭାଇଗିରି ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ପ୍ରକାରେ କେତେକ ଯୁବକ ସୋସିଆଲ୍ ମିଡ଼ିଆରେ ଅସ୍ତ୍ର ପ୍ରଦର୍ଶନ, ଧମକପୂର୍ଣ୍ଣ ପୋଷ୍ଟ ଓ ଗ୍ୟାଙ୍ଗ ସଂସ୍କୃତିକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି। ଏହା ସାଧାରଣ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରୁଛି। ଅପରାଧୀଙ୍କ ବିରୋଧରେ ଅଭିଯାନ କରି ରହିଛି ଏବଂ ଆଇନ୍ ହାତକୁ ନେବାକୁ ଚେଷ୍ଟା କରୁଥିବା ଯେକୌଣସି ବ୍ୟକ୍ତିବିଶେଷଙ୍କୁ କ୍ଷମା ଦିଆଯିବନାହିଁ। ତେବେ ଲୋକଙ୍କ ପ୍ରଶ୍ନ ଏତେ ସବୁ ପଦକ୍ଷେପ ସତ୍ତ୍ୱେ ସହରରେ ଭାଇଗିରିର ମାନସିକତା କାହିଁକି ଶେଷ ହେଉନାହିଁ? ଏହାର ଉତ୍ତର ଖୋଜିବା ଏବେ ପ୍ରଶାସନ ଓ ସମାଜ ଉଭୟଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ।



## ବେଙ୍ଗାଲୁରୁ ସ୍ଥିତ ଆହଦ ସେରେନିଟିରେ ଓଡ଼ିଆ ଜଗନ୍ନାଥ ସଂସ୍କୃତି କମିଟି ପକ୍ଷରୁ ରଥଯାତ୍ରା ପାଳିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭାରତର ବିଭିନ୍ନ ପ୍ରାନ୍ତରୁ ଆସି ସେରେନିଟି ଭିତରେ ରହୁଥିବା ବିଭିନ୍ନ ଭାଷାଭାଷୀର ଲୋକ ବହୁ ସଂଖ୍ୟକ ଯୁବକ ଯୁବତୀ ବୟୋଜ୍ୟେଷ୍ଠ ବ୍ୟକ୍ତିବୃନ୍ଦ ଓ କୁନି କୁନି ପିଲାମାନେ ଏହି ପବିତ୍ର ଘୋଷଯାତ୍ରା ପର୍ବରେ ଉତ୍ସାହ ସହ ଯୋଗଦାନ କରି ଉତ୍ସବକୁ ସଫଳ କରିଥିଲେ। ଭକ୍ତମାନଙ୍କର "ଜୟ ଜଗନ୍ନାଥ" ଧ୍ୱନି ପରିବେଶକୁ ମୁଖରିତ କରିଥିବା ବେଳେ, ଭଜନ, କୀର୍ତ୍ତନ ଓ ଘଣ୍ଟ ଘଣ୍ଟାର ନାଦରେ ବିହ୍ୱଳ ଭକ୍ତଗଣ ରଥ ଟାଣିବାରେ ଆନନ୍ଦର ସହ ସାମିଲ ହୋଇଥିଲେ। ରଙ୍ଗିନ ସାଜସଜ୍ଜା, ପାରମ୍ପରିକ ପୋଷାକ ଏବଂ ଆଧ୍ୟାତ୍ମିକ ପରିବେଶ ସମଗ୍ର କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା। ଉତ୍ସବରେ ବିଭିନ୍ନ ରାଜ୍ୟର ଲୋକମାନେ ଅଂଶଗ୍ରହଣ କରି ଭାରତର "ବିବିଧତାରେ ଏକତା"ର ଅପୂର୍ବ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ସମସ୍ତଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ଯୋଗୁ ଏହି ରଥଯାତ୍ରା ଅତ୍ୟନ୍ତ ସୁସଂଗଠିତ, ଶାନ୍ତିପୂର୍ଣ୍ଣ ଓ ସ୍ମରଣୀୟ ହୋଇପାରିଥିଲା।

## କୋଲାବିରାରେ ଦନ୍ତା ଆତଙ୍କ: ଘର ଭାଙ୍ଗି ଧାନ ଖାଇଦେଲା

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ଓ ବାଗଡିହି ବନାଞ୍ଚଳରେ ଗତ ୩ରୁ ୪ ଦିନ ଧରି ଏକ ଦନ୍ତା ହାତୀର ଉପଦ୍ରବ ଲାଗିରହିଥିବା ବେଳେ ବୁଧବାର ରାତିରେ ଆଉ ଏକ ଦନ୍ତା ହାତୀ କୋଲାବିରା ବନାଞ୍ଚଳକୁ ପ୍ରବେଶ କରିବାରୁ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୧ଟା ସମୟରେ ହାତୀଟି ରେଙ୍ଗାଲି ବନାଞ୍ଚଳର ବେଙ୍ଗା ଜଙ୍ଗଲରୁ ବାହାରି ଭେଡେନ ନଦୀ ପାର ହୋଇ କେ. ସମାସିଂହା ଗ୍ରାମରେ ପ୍ରବେଶ କରିଥିଲା। ସେଠାରେ ବସୁଦେବ ଜୟପୁରୀଯାଙ୍କ ଘର ପଛପଟେ ଥିବା ଏକ କୋଠରୀର କାନ୍ଥ ଭାଙ୍ଗି ଧାନ ଭର୍ତ୍ତି ଏକ ବସ୍ତା ଟେକି ନେଇ ଖାଇ ଦେଇଥିବା ଅଭିଯୋଗ ହୋଇଛି। ଖବରପାଇ କୋଲାବିରା ରେଞ୍ଜର ସୁଦାମ ଜଗଦଳାଙ୍କ ନେତୃତ୍ୱରେ ବନ ବିଭାଗର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ପରେ ହାତୀଟି ସମାସିଂହା ଓ ସନ୍ୟାସୀପାଲି ଗ୍ରାମ ଦେଇ ମହୁଲମୁଣ୍ଡା ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିବା ସମ୍ପର୍କରେ ରେଞ୍ଜର ଶ୍ରୀ ଜଗଦଳା ସୂଚନା ଦେଇଛନ୍ତି। ତେବେ ସନ୍ଧ୍ୟା ହେଲେ ହାତୀଟି ପୁଣି ଜଙ୍ଗଲରୁ ବାହାରି ଗ୍ରାମମୁହାଁ ହେବାର ଆଶଙ୍କା ଥିବାରୁ ଜଙ୍ଗଲ ସଂଲଗ୍ନ ଗ୍ରାମଗୁଡ଼ିକର ଲୋକମାନଙ୍କ ମଧ୍ୟରେ ଭୟ ଓ ଚିନ୍ତା ବଢ଼ିଛି। ବନ ବିଭାଗ ପକ୍ଷରୁ ସତର୍କ ରହିବା ସହ ରାତିରେ ଏକାକୀ ବାହାରକୁ ନଯିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି।

# ଖଲ୍ଲିକୋଟରେ ଶ୍ରୀଜୀଉଙ୍କ ରଥଯାତ୍ରା: ୩୦ ହଜାର ଭକ୍ତଙ୍କ ସମାଗମ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଖଲ୍ଲିକୋଟ ଠାରେ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା, ସୁଦର୍ଶନଙ୍କ ପବିତ୍ର ଐତିହାସିକ ରଥଯାତ୍ରା ଆନୁଷ୍ଠାନିକ ରୀତିରେ ସମ୍ପାଦିତ ହୋଇଛି। ଭୋର୍ ସମୟରୁ ମଙ୍ଗଳ ଆଳତି ଅବକାଶ ନୀତି ପରେ ଯଥାରୀତି ଦୈନନ୍ଦିନ ନୀତିକାନ୍ତି ପୂର୍ବକ ସମସ୍ତ କାର୍ଯ୍ୟ ଶେଷ ହେବା ପରେ ସେବକମାନେ ଶ୍ରୀଅଙ୍ଗ ସୁରକ୍ଷା, ସେନାପଟା ଲାଗି କରିଥିଲେ। ଠାକୁରମାନଙ୍କ ମଙ୍ଗଳାର୍ପଣ ପରେ ଅପରାହ୍ନରେ ଧାଡ଼ି ପହଣ୍ଡି କାର୍ଯ୍ୟ ଆରମ୍ଭିତ ହୋଇଥିଲା। ସର୍ବ ପ୍ରଥମେ ପ୍ରଭୁ ସୁଦର୍ଶନ ପରେ ଜ୍ୟେଷ୍ଠ ଭ୍ରାତା ବଳଭଦ୍ର, ଭଗ୍ନୀ ସୁଭଦ୍ରା, ପରିଶେଷରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ଘଣ୍ଟ, କାହାଳୀ, ଛତ୍ରି, ହରିବୋଲ ଧ୍ୱନିର ତାଳେ ତାଳେ ଶ୍ରୀଜୀଉମାନଙ୍କୁ ବୋଲାଇ ବୋଲାଇ ଭକ୍ତଙ୍କ ସମାବେଶରେ ତିନି ରଥରେ ପହଣ୍ଡି ମାଧ୍ୟମରେ ବିଜେ କରାଇଥିଲେ। ଠାକୁରମାନଙ୍କ ନାନାଦି ବେଷ, ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ରମ୍ଭା ରଥଯାତ୍ରାରେ ବିରୁଳିଗଡ଼ ରାଜା ମହେନ୍ଦ୍ର ସିଂହ ଦେଓ ଓ ଖଲ୍ଲିକୋଟ ରାଜ ପରିବାର ପକ୍ଷରୁ ସୁରେନ୍ଦ୍ର ନାଥ ଆଚାର୍ଯ୍ୟ ତିନି ରଥରେ ଛେରାପହଁରା କରିଥିଲେ। ରଥ ପଥ ଆଦି ସମସ୍ତ ପ୍ରସ୍ତୁତି ହେବା ପରେ ଶେଷରେ ଉତ୍ସାହ ଉଦ୍ଦୀପନା ସହକାରେ ହଜାର ହଜାର ଭକ୍ତ ଶ୍ରୀବାଳୁ ଶ୍ରୀଜୀଉମାନଙ୍କ ସୁସଜ୍ଜିତ ରଥ ଟାଣିବା ପାଇଁ ପ୍ରବଳ ଭକ୍ତି ନିଷ୍ଠା ସହକାରେ ବଡ଼ଦାଣ୍ଡରେ ଦଣ୍ଡାୟମାନ ହୋଇଥିଲେ। ତାଳଧ୍ୱଜ, ଦର୍ପଦଳନ, ନନ୍ଦିଘୋଷ ରଥ ସୁସଜ୍ଜିତ ହୋଇ ଶ୍ରୀମନ୍ଦିର ସମ୍ମୁଖରୁ ବାହାରି କ୍ରମାନ୍ୱୟରେ ଗୁଣ୍ଡିଚା ମନ୍ଦିର ପାଖରେ ପହଞ୍ଚିଥିଲା। ଖଲ୍ଲିକୋଟ ରଥଯାତ୍ରା ଦେଖିବା ପାଇଁ ତିରିଶି ହଜାରରୁ ଉର୍ଦ୍ଧ୍ୱ ଭକ୍ତ ରଥ ଟାଣିଥିଲେ। ସବୁଠାରୁ ବିଶେଷ ଆକର୍ଷଣ ହେଉଛି



ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ରଥଯାତ୍ରା ସୁପରିଚାଳନା ପାଇଁ ଶଙ୍କରାନନ୍ଦ ଗିରି ମହାରାଜ, କୃଷ୍ଣ ଜଗନ୍ନାଥ ଦାସ, ପୂର୍ବତନ ନଗରପାଳ ରହିଥିବା ବେଳେ ଖଲ୍ଲିକୋଟ ତହସିଲଦାର ଡି. ମାଳେଶ୍ୱର ପାତ୍ର, ଖଲ୍ଲିକୋଟ ଥାନାଧିକାରୀ ରମେଶ କୁମାର ପ୍ରଧାନଙ୍କ ସମେତ ରାଜସ୍ୱ ନିରୀକ୍ଷକ, ଦେବୋତ୍ତର ବିଭାଗ କର୍ମଚାରୀ, ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ, ପୋଲିସ ଫୋର୍ସ ଅଗ୍ନିଶମ ବାହିନୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ସହକାରେ ରଥଟଣା କାର୍ଯ୍ୟ ସମ୍ପାଦନ କରିଥିଲେ।

# ଟାୱାର ଯନ୍ତ୍ରାଂଶ ଚୋରୀ ଅଭିଯୋଗରେ ୭ କୋର୍ଟ ଚାଲାଣ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଏୟାରଟେଲ୍ ଟାୱାର୍‌ରୁ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ଧର୍ମଶାଳା ପୋଲିସକୁ ଆଉ ଏକ ସଫଳତା ମିଳିଛି। ୭ଜଣ ଆସାମୀଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ଠାରୁ ୧ ଲକ୍ଷ ୧୦ ହଜାର ଟଙ୍କା, ୩ଟି ମୋବାଇଲ, ୩ଟି ଟାୱାର୍ ଯନ୍ତ୍ରାଂଶ, ଗୋଟିଏ କାର୍‌କୁ ପୋଲିସ ଜବତ କରିଥିବା ଧର୍ମଶାଳା ଥାନା ପରିସରରେ ଏସ୍‌ଡିପିଓ ଶରତଚନ୍ଦ୍ର ପାତ୍ର ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି। ଧର୍ମଶାଳା ଥାନା ଅଧୀନରେ ଥିବା ଏୟାରଟେଲ୍ ଟାୱାର୍‌ରୁ ଲଗାତର ଭାବେ ଚୋରି ହେଉଥିବା ଅଭିଯୋଗ ପରେ ପୋଲିସ କେସ୍‌ନଂ



୨୮୮/୨୬ରେ ମାମଲା ରୁଜୁକରି ଚୋରଙ୍କୁ ଧରିବା ପାଇଁ ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ହୋଇଥିଲା। ଏହି ଚୋରି ଘଟଣାରେ ଅଭିଯୁକ୍ତମାନେ ହେଲେ ବିଂଝାରପୁର ଅରେଇ ଗ୍ରାମର ସୁନୀଲ କୁମାର ପରିଡ଼ା (୨୬), ଭଦ୍ରକ ଜିଲ୍ଲା ଧାମନଗର ଥାନା ହବିବନଗରର ମିର ରାମଜାନ (୩୦) ଓ ଜିଲ୍ଲାନି ଖାଁ (୪୦) ଧାମନଗରର ସେକ୍ ମୁରାଦ (୨୦) ଏହି ଜିଲ୍ଲା ଗ୍ରାମାଞ୍ଚଳ ଥାନା ତେନ୍ତୁଳିଗଡ ଗ୍ରାମରେ ଯୋଗେନ୍ଦ୍ର ପୃଷ୍ଟି (୩୧), ଯାଜପୁର ଥାନା ଶ୍ରୀଧରପୁର ଗ୍ରାମର ଲୋକନାଥ ବେହେରା (୨୪), ଭୁବନେଶ୍ୱର ଇନ୍‌ଫୋସିଟ୍ ଥାନା ଗଙ୍ଗାପଡାର ରାକେଶ ଦାସ (୩୪)। ଗ୍ୟାଙ୍ଗର ଅନ୍ୟମାନଙ୍କୁ ପୋଲିସ ଖୋଜୁଛି। ଏମାନେ ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ଅଞ୍ଚଳରେ ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତି ଅଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଓ ଅନ୍ୟ ସହଯୋଗୀ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ଅଦରକାରୀ ଲୁହାରେ ୬ ଫୁଟର ଜଗନ୍ନାଥ ପ୍ରତିମୂର୍ତ୍ତି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରଥଯାତ୍ରା ଉପଲକ୍ଷେ ବ୍ରହ୍ମପୁର ସରକାରୀ ଆଇଟିଆଇ ଫିଟର ଓ ପେଇଣ୍ଟର ଟ୍ରେଡ଼ର ଛାତ୍ରଛାତ୍ରୀ ଅଦରକାରୀ ଲୁହାରେ ୬ ଫୁଟର ଏକ ଜଗନ୍ନାଥ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଉକ୍ତ ପ୍ରତିମୂର୍ତ୍ତିରେ ପ୍ରାୟ ଅଢ଼େଇ ଶହ ଓଜନର ଅଦରକାରୀ ଲୁହା ବ୍ୟବହାର କରାଯାଇଛି। ପୁରୁଣା ବାଇକ୍ ଓ ସାଇକେଲ୍ ଚେନ୍, କ୍ରାଙ୍କ୍, ସ୍କେଟ୍, ଲୁହାଛଡ଼ ଆଦିକୁ ଆଇଟିଆଇ ଛାତ୍ରଛାତ୍ରୀ ବ୍ୟବହାର କରିଛନ୍ତି। ଏହାଦ୍ୱାରା ଆଇଟିଆଇ ଫିଟର ଟ୍ରେଡ଼ର ଛାତ୍ରଛାତ୍ରୀ ଖୁବ୍ ସୁନ୍ଦର ଜଗନ୍ନାଥ ପ୍ରତିମୂର୍ତ୍ତି ନିର୍ମାଣ କରିଥିବା ବେଳେ ପେଇଣ୍ଟର ଟ୍ରେଡ଼ର ଛାତ୍ରୀମାନେ ରଙ୍ଗ ଦେଇଥିଲେ।



## ବିଶ୍ୱର ସବୁଠାରୁ କ୍ଷୁଦ୍ର କୁନି ରଥ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଏହାର ଉଚ୍ଚତା ୧.୯ ସିଏମ୍, ଏହା ମଧ୍ୟରେ ବ୍ୟବହୃତ ସାମଗ୍ରୀ- ବେଲ, ତୁଳସୀ, ଦୁବ, ନିମ୍ବ, ଗଳି ଗୁଆ, ରଥରେ ଯେପରି ୧୬ ଚକ, ଓଲଟ ଶୁଆ, ଡାହୁକ, କଳସ, ଚାରୋଟି ଘୋଡ଼ା, ପତିତପାବନ ବାନା (ନେତା) ନିର୍ମାଣ କରିଛନ୍ତି ବିଶ୍ୱବିଖ୍ୟାତ ବାଲୁକା ଶିଳ୍ପୀ ଡ଼. ସୁବଳ ମହାରଣା। ତିଆରି କରିବା ପାଇଁ ୪ ଘଣ୍ଟା ୨୦ ମିନିଟ୍ ସମୟ ଲାଗିଛି। ଏହା ନିର୍ମାଣ କରି ଶିଳ୍ପୀ ବିଶ୍ୱକୁ ଏକ ଶାନ୍ତିପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରି କହିଛନ୍ତି ବିଶ୍ୱରେ ଯୁଦ୍ଧ ନ ହେଉ ଶାନ୍ତି ଜୀବନ ଯାପନ କରନ୍ତୁ। ବିଶ୍ୱର ଠାକୁର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ।



## ଦୁଇ ଶିକ୍ଷକଙ୍କୁ 'ଶିକ୍ଷା ରତ୍ନ' ସମ୍ମାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଅଭିଭାବକ ମହାସଂଘ ଓ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ଓଡ଼ିଶା ଶିକ୍ଷାରତ୍ନ ସମ୍ମାନ ବିଚାରପତି ବି.ଆର. ଷଡ଼ଙ୍ଗୀ ଓ ଅବସରପ୍ରାପ୍ତ ଆଇପିଏସ୍ ଅନୁପ ପଟ୍ଟନାୟକଙ୍କ ଠାରୁ ବୌଦ୍ଧ ଜିଲ୍ଲାର ତେଲିବନ୍ଧ ନୋଡାଲ୍ ହାଇସ୍କୁଲର ସହକାରୀ ଶିକ୍ଷକ ଶମ୍ଭୁଗିରି ଓ କୃଷ୍ଣମୋହନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ କୁମାର ସେଠୀ ପୁରସ୍କାର ଗ୍ରହଣ କରିଛନ୍ତି। ଶ୍ରୀଗିରି ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର, ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ଉପସଭାପତି, ବୌଦ୍ଧ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି, ଓଡ଼ିଶାର ଅବହେଳିତ ଜନସାଧାରଣଙ୍କ କଲ୍ୟାଣ ପାଇଁ ଲୋକ ସେବକ ମଣ୍ଡଳ, ଓଡ଼ିଶା ତରଫରୁ ଗୋପବନ୍ଧୁ ଜ୍ୟୋତି ସମ୍ମାନ, ଯୁବକମାନଙ୍କ କଲ୍ୟାଣ ପାଇଁ ଜିଲ୍ଲା ଯୁବ ସମ୍ମାନ ପୁରସ୍କାର ଆଦି ଅନେକ ପୁରସ୍କାର ଓ ସମ୍ମାନିତ ହୋଇଥିବା ବେଳେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଆସୁଛନ୍ତି। ଶ୍ରୀ ଗିରି ଓ ସେଠି ଉଭୟ ଶିକ୍ଷକ ଓଡ଼ିଶା ଶିକ୍ଷାରତ୍ନ ସମ୍ମାନରେ ସମ୍ମାନିତ ହୋଇଥିବାରୁ ଜିଲ୍ଲାର ବିଭିନ୍ନ ଶିକ୍ଷକ ସଂଘ ତଥା କର୍ମଚାରୀ ସଂଗଠନ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।

## କଳପଡାରେ ବେଆଇନ୍ ଦୋକାନ ଘର ଉଚ୍ଛେଦ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଗତ କିଛି ଦିନ ହେଲା ବାଲିକୁ ନେଇ ହଣାକଟା, ମାଡ଼ଧର୍ ଓ ହତ୍ୟା ଧମକ ଆଦି ଚାଲୁ ରହିଛି। ଜିଲ୍ଲାରେ ଥିବା ବାଲି ଖାଦାନ ଗୁଡିକ ମଧ୍ୟରୁ ଅଧାଅଧି ନିଲାମ ହୋଇଥିବା ବେଳେ ଆଉ ଅଧାଅଧି ରାଜନୈତିକ ବ୍ୟକ୍ତି, ମାଫିଆମାନେ ନିଜ କବ୍‌ଜାରେ ରଖି ଦୈନିକ ଲକ୍ଷ ଲକ୍ଷ ଟଙ୍କା ଆୟ କରୁଛନ୍ତି। କଳପଡାରେ ଥିବା ବାଲିସାରାତ୍ରୁ ଦୈନିକ ଶହ ଶହ ଟ୍ରିପ୍ ବେଆଇନ୍ ଭାବେ ବାଲି ଚୋରାରେ ଚାଲାଣ ହେଉଛି। ବଡ ବଡ ଗାଡି ଗୁଡିକ ଯିବା ଆସିବାରେ ଅସୁବିଧା ହେଉଥିବାରୁ ଏଠାରେ ଶତାଧିକ ଶିକ୍ଷିତ ଯୁବକମାନେ କ୍ଷୁଦ୍ର ବ୍ୟବସାୟ କରି ନିଜର ପରିବାର ଚଳାଉଥିଲେ। ଉପଜିଲ୍ଲାପାଳ ଓ ତହସିଲଦାର ବାଲି ମାଫିଆଙ୍କ ସହିତ ମିଶି ଏମାନଙ୍କ ଦୋକାନ ଘରକୁ ବୁଲ୍‌ଡୋଜର୍ ଲଗାଇ ଭାଙ୍ଗି ଦେଇଥିବା ଜିଲ୍ଲାପାଳଙ୍କ ନିକଟରେ ଜିଲ୍ଲା ବିଜେପି ସଭାନେତ୍ରୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ



କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ଦୀର୍ଘ ୩୦ ବର୍ଷ ହେଲା ଏଠାରେ ଉଚ୍ଚ ଶିକ୍ଷିତ ଯୁବକମାନେ ଚାକିରି ନପାଇ କ୍ଷୁଦ୍ର ବ୍ୟବସାୟ କରି ନିଜର ପରିବାର ଚଳାଇ ଆସୁଥିଲେ। ତହସିଲଦାର କୌଣସି ନୋଟିସ୍ ନଦେଇ ହଠାତ୍ ଜେସିବି ମେସିନ୍ ଧରି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଦୋକାନ ଘର ଭାଙ୍ଗି ଛାରଖାର୍ କରିଦେଇଛନ୍ତି। ଏଠାରେ କୌଣସି ରାସ୍ତା ଅବରୋଧ ହେଉନଥିବା ବେଳେ କାହା ନିର୍ଦ୍ଦେଶରେ ଏବଂ କଣ ପାଇଁ ତହସିଲଦାର ଏମାନଙ୍କ ପରିବାର ଉଜାଡି ଦେଲେ ଏହି ଦୋକାନୀମାନେ ଜିଲ୍ଲାପାଳଙ୍କୁ ପ୍ରଶ୍ନ ପଚାରିଛନ୍ତି। ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ ଡକ୍ଟର ଜ୍ୟୋତ୍ସ୍ନାରାଣୀ ଜେନା ଏହି ଉଚ୍ଛେଦ ହୋଇଥିବା ଦୋକାନ ଗୃହ ମାଲିକଙ୍କୁ ପୁନର୍ବାର ଥଇଥାନ କରିବା ପାଇଁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। ଯଦି ଏହା ପୂରଣ ନହୁଏ ତେବେ ୫୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପେଟ୍ରୋଲ୍ ଢାଳି ହୋଇ ଜଳିବେ ବୋଲି ଜିଲ୍ଲାପାଳଙ୍କୁ ରୋକ୍ ଠୋକ୍ କହିଛନ୍ତି। ଏଥିସହିତ ବଗଡା ଆର୍.ଆଇ ବିନା ଲାଞ୍ଚରେ କାମ କରୁନଥିବା ଏହି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ସମୟରେ ଡକ୍ଟର ଶ୍ରୀମତୀ ଜେନାଙ୍କ ସହିତ ଅବିନାଶ ସାହାଣି, ଅଞ୍ଜଳି ସେଠୀ, ପ୍ରଭୁଦତ୍ତ ସ୍ୱାଇଁ, ରମେଶ ସାହୁ, କୁଳମଣୀ ମହାନ୍ତି, ଅଭୟ ସ୍ୱାଇଁ, ଶୁଭେନ୍ଦୁ ସ୍ୱାଇଁ, ପ୍ରଭାତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାଉନ୍‌ସୁଗାର କାରବାର: ବାପ-ପୁଅ ଗିରଫ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ଠେଲକୋଲୋଇ ଥାନାରେ ୩୩୮/୨୬ରେ ହୋଇଥିବା ଏନ୍‌ଡିପିଏସ୍ ମାମଲାରେ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନଙ୍କ ଚିହ୍ନଟରେ ରେଙ୍ଗାଲି ଥାନା ଅନ୍ତର୍ଗତ ସିଆନବାହାଲ ଗ୍ରାମର ଶଙ୍କର ଓରାମ (୪୧) ଏବଂ ତା'ର ପୁଅ ସ୍ୱାଧୀନ ଓରାମ (୧୯) ବୋଲି ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୧୫ ତାରିଖ ରାତି ୧୦ଟା ବେଳେ ଏସ୍‌ଆଇ ପିଏମ୍ ମହାନ୍ତି ଓ ସହ କର୍ମଚାରୀମାନେ ଖିଣ୍ଡା ସ୍ଥିତ ପିଡବ୍ଲ୍ୟୁଡି ରୋଡ଼ର ସାତଗୋଛିଆ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ନିୟନ୍ତ୍ରଣ ସନ୍ଦେହଜନକ ଭାବେ ଯାଉଥିବା ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ସ୍କୁଟି ଡିକିରେ ୧୦.୫୮ ଗ୍ରାମ୍ ବ୍ରାଉନ୍ ସୁଗାର ଥିବା ଦେଖିବାକୁ ମିଳିଥିଲା। ପୋଲିସ ତୁରନ୍ତ ଦୁଇ ସନ୍ଦିଗ୍ଧଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗ୍ରାମ ବ୍ରାଉନ୍ ସୁଗାର, ଟିଭିଏସ୍ ଜୁପିଟର ସ୍କୁଟି, ଏକ ୧୫ ପ୍ରୋ ଆଇଫୋନ୍ ଓ ନଗଦ ୧୩ ହଜାର ୬ ଶହ ଟଙ୍କା ଜବତ କରିଥିଲା।

## ୧୨୦ କେଜି ଗଞ୍ଜେଇ ଜବତ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଥାନା ସାନ ବବଡା ଜଙ୍ଗଲ ନିକଟରୁ ବୌଦ୍ଧ ଅବକାରୀ ରେଞ୍ଜ ପକ୍ଷରୁ ୧୨୦ କେଜି ଗଞ୍ଜେଇ ଜବତ କରାଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ପାଟ୍ରୋଲିଂ ସମୟରେ ଚାଲାଣ ପାଇଁ ଲୁଚାଇ ରଖାଯାଇଥିବା ଗଞ୍ଜେଇକୁ ଠାବ କରି ଜବତ କରାଯାଇଥିଲା। ଜବତ ଗଞ୍ଜେଇକୁ ବୁଧବାର ଅପରାହ୍ନରେ ଆଇନ୍‌ଗତ ପ୍ରକ୍ରିୟା ପାଇଁ କୋର୍ଟରେ ଉପସ୍ଥାପନ କରାଯାଇଛି। ଚଢ଼ଉରେ ବୌଦ୍ଧ ଅବକାରୀ ରେଞ୍ଜ ଇନ୍ସପେକ୍ଟର ଦିଲ୍ଲୀପ କୁମାର ଶତପଥୀଙ୍କ ନେତୃତ୍ୱରେ ହୋଇଥିବା ବେଳେ ଅବକାରୀ ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, କନେଷ୍ଟବଳ ଲୋକନାଥ ଭୋଇ, ଆନନ୍ଦ ଚନ୍ଦ୍ର ମେହେର, ଅଞ୍ଜଳି ଅମାତ, ହୃଷିକେଶ ବାରିକ, କୈଳାଶ ସାହୁ ଓ ନିରଞ୍ଜନ ମଲ୍ଲିକ ଏଥିରେ ସାମିଲ ଥିଲେ। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ ବୃ / ୧ ମ | ୧୦ | ଶ ୯ / ୮ ରା |
| ଲବୃର | ୧୧ / ୫ | ୭ |
| ୨ ଶୁ କେ ଚଂ / ୩ | ୪ | ୬ / ୫ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୮।୦୭।୨୦୨୬, ଶ୍ରାବଣ ଦ୨ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୧୮।୧୯ ଚନ୍ଦ୍ରୋଦୟ- ଦିଘ ୯।୦୪।୨୮**

ପଞ୍ଚମୀ ରାଘ ୩।୪୫ ପର୍ଯ୍ୟନ୍ତ। ପୂର୍ବା ଫାଲ୍ଗୁନୀ ନକ୍ଷତ୍ର ସଂଘ ୬।୦୩ ପର୍ଯ୍ୟନ୍ତ। ସିଂହ ଚନ୍ଦ୍ର ରାଘ ୧୨।୦୪ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। ରାଘ ୧୨।୦୪ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର। ରାଘ ୧୨।୦୪ ଗତେ ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ଦିଘ ୩।୪୫ ଗତେ ନିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୧୦।୧୫ ଗତେ ଦିଘ ୧।୧୩ ମଧ୍ୟେ।



**ମେଷ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଦେହ ଓ ମନ ଭଲ ରହିବ। ରୋଜଗାର ମଧ୍ୟମ ଧରଣର ହେବ। ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଲାଭବାନ୍ ହେବେ।



**ବୃଷ:** ବ୍ୟବସାୟରେ ଲାଭବାନ୍ ହେବେ। ମହିଳାମାନେ ଶାନ୍ତିରେ ଦିନ କାଟିବେ। ଦେହ ଓ ମନ ଭଲ ରହିବ। ବନ୍ଧୁଙ୍କ ସହ ତିକ୍ତତାର ଅବସାନ ଘଟିବ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ। ରୋଜଗାର ଭଲ ହେବ।



**ମିଥୁନ:** ସାମାଜିକ ସ୍ତରରେ ମାନ ସମ୍ମାନ ବଢ଼ିବ। ଆୟର ପରିମାଣ ବଢ଼ିବ। କର୍ମକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମହିଳାମାନେ ସୁଖୀ ହେବେ।



**କର୍କଟ:** ଚାକିରୀ କ୍ଷେତ୍ରରେ ଅସନ୍ତୋଷ ଦେଖାଦେବ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ। ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବାର ସୂଚନା। ମହିଳାମାନେ ଚିନ୍ତିତ ହେବେ। ପରିବାରରେ ଆନନ୍ଦ ଲାଭ ହେବ।



**ସିଂହ:** ବ୍ୟବସାୟ ମଧ୍ୟମ ଧରଣର ହେବ। ଆର୍ଥିକ ଅବସ୍ଥାରେ ଉନ୍ନତି ଘଟିବ। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦରେ ସୁଅ ଛୁଟିବ। ଦେହ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ।



**କନ୍ୟା:** କର୍ମକ୍ଷେତ୍ରରେ ବିବାଦ ଲାଗି ରହିବ। ଦୂରକୁ ଯାତ୍ରା କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ବନ୍ଧୁ ଦର୍ଶନର ସୁଯୋଗ। ଘରେ ଆନନ୍ଦ ଦେଖାଦେବ। ସାମାଜିକ ସ୍ତରରେ ପ୍ରତିଷ୍ଠା ବୃଦ୍ଧି ପାଇବ।



**ତୁଳା:** ଧର୍ମ କାର୍ଯ୍ୟରେ ଲିପ୍ତ ରହିପାରନ୍ତି। ବ୍ୟବସାୟରେ ପରିବର୍ତ୍ତନ ଘଟିପାରେ। ମନ ଭଲ ରହିବ। ରୋଜଗାର ଭଲ ହେବ। ସାଂସାରିକ ଜୀବନ ସୁଖମୟ ହେବ। ମହିଳାମାନେ ସୁଖୀ ହେବାର ସୂଚନା।



**ବିଛା:** ନୂତନ ବନ୍ଧୁ ଦର୍ଶନ କରି ଖୁସି ହେବେ। ବ୍ୟବସାୟରେ ଲାଭବାନ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ସୁଖ ଶାନ୍ତି ବଜାୟ ରହିବ। ପିଲାମାନେ ପଢ଼ାପଢ଼ିରେ ଉନ୍ନତି କରିବେ।



**ଧନୁ:** ଶାରୀରିକ ଅସୁସ୍ଥତା ଦେଖାଦେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ସହଯୋଗ ଲାଭ ହେବ। ରୋଜଗାରରେ ଉନ୍ନତି ଦେଖାଦେବ। ମନ ଭଲ ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**ମକର:** କୌଣସି କାରଣ ନଥାଇ ମନରେ ଅଶାନ୍ତି ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ବ୍ୟୟର ପରିମାଣ ବଢ଼ିବ। ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେଇପାରେ।



**କୁମ୍ଭ:** କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଅର୍ଥ ଲାଭ ଯୋଗ ରହିଛି। ଶତ୍ରୁ ନାଶ ହେବେ। କଚେରି ମାମଲାରେ ଶୁଣାରି ସାପେକ୍ଷ ଜନିତ ହେବ। ପାରିବାରିକ ଜୀବନରେ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ବନ୍ଧୁ ଦର୍ଶନର ସୁଯୋଗ ରହିଛି।



**ମୀନ:** କର୍ମକ୍ଷେତ୍ରରେ ଲାଭବାନ୍ ହେବେ। ପାରିବାରିକ ଜୀବନ ବ୍ୟସ୍ତ ବହୁଳ ହେବ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ ହେବ। ଘରେ ଆନନ୍ଦ ଲାଭ ହେବାର ସୂଚନା ମଧ୍ୟ ରହିଛି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୯।୦୭।୨୦୨୬, ଶ୍ରାବଣ ଦ୩ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୧୮।୪୦ ଚନ୍ଦ୍ରୋଦୟ- ଦିଘ ୯।୫୮।୩୧**

ଷଷ୍ଠୀ ରାଘ ୩।୩୨ ପର୍ଯ୍ୟନ୍ତ। ଉତ୍ତରା ଫାଲ୍ଗୁନୀ ନକ୍ଷତ୍ର ସଂଘ ୬।୧୪ ପର୍ଯ୍ୟନ୍ତ। କନ୍ୟା ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର-** ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ୍ବ ରାଘ ୩।୩୨ ଗତେ ତାଳ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୨୩ ଗତେ ଦିଘ ୯।୪୪ ମଧ୍ୟେ। ଦିଘ ୧।୩୧ ଗତେ ଦିଘ ୨।୦୫ ମଧ୍ୟେ।

ପଞ୍ଚାୟତ
32 YEARS
ସମ୍ବାଦ କଳିକା

# ଡିଜେଲ ନୁହେଁ ଏଣିକି ହାଇଡ୍ରୋଜେନରେ ଦୌଡ଼ିବ ଟ୍ରେନ

ନୂଆ ଯୁଗରେ ପାଦ ଥାପିବ ଭାରତୀୟ ରେଳ... ଭାରତୀୟ ରେଳବାଇ ଏକ ନୂଆ ଇତିହାସ ସୃଷ୍ଟି କରିବାକୁ ଯାଉଛି । ଡିଜେଲ ନୁହେଁ, ଏଣିକି ହାଇଡ୍ରୋଜେନରେ ଦୌଡ଼ିବ ଟ୍ରେନ୍ । ଯାତ୍ରୀଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଆଜି ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନର ଶୁଭାରମ୍ଭ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିନ୍ଦ-ସୋନିପତ୍ ରୁଟରେ ଚାଲିବାକୁ ଥିବା ଏହି ଐତିହାସିକ ଟ୍ରେନକୁ ପତାକା ଦେଖାଇ ଉଦ୍ଘାଟନ କରିଛନ୍ତି। ଏହା ସହିତ ଭାରତ ସେହି ଦେଶମାନଙ୍କ ତାଲିକାରେ ସାମିଲ ହେବ, ଯେଉଁଠାରେ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍ ଚଳାଚଳ କରୁଛି। ଏହି ଟ୍ରେନର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହି ଟ୍ରେନ୍ ସମ୍ପୂର୍ଣ୍ଣ ଭାବେ ଭାରତରେ ନିର୍ମିତ। ପାରମ୍ପରିକ ଡିଜେଲ୍ ଇଞ୍ଜିନର ସ୍ଥାନରେ ଏହା ହାଇଡ୍ରୋଜେନ୍ ଇନ୍ଧନ ବ୍ୟବହାର କରିବ। ସାଧାରଣ ଡିଜେଲ୍ ଟ୍ରେନ୍ ପରି ଧୂଆଁ ଛାଡ଼ିବ ନାହିଁ, ବରଂ ହାଇଡ୍ରୋଜେନ୍ ଇନ୍ଧନରେ ଚାଲିବ। ଏଥିରୁ ପ୍ରଦୂଷଣ କମିବ ଏବଂ ପରିବେଶ ସୁରକ୍ଷାରେ ବଡ଼ ସହାୟତା ମିଳିବ। ପ୍ରଥମ ପର୍ଯ୍ୟାୟରେ ଜିନ୍ଦ-ସୋନିପତ୍ ରୁଟରେ ଏହି ଟ୍ରେନ୍ ଘଣ୍ଟାପ୍ରତି ୭୫ କିଲୋମିଟର ବେଗରେ ଚାଲିବ। ଜିନ୍ଦରୁ ସକାଳ ୭ଟା ୪୦ରେ ଯାତ୍ରା ଆରମ୍ଭ କରି ସକାଳ ୯ଟା ୪୦ରେ ସୋନିପତରେ ପହଞ୍ଚିବ। ପୁଣି ସୋନିପତରୁ ସକାଳ ୧୦ଟା ୪୦ରେ ବାହାରି ଅପରାହ୍ନ ୧ଟାରେ ଜିନ୍ଦରେ ପହଞ୍ଚିବ। ଏହି ଟ୍ରେନ୍ ଜିନ୍ଦ ସିଟି, ପାଣ୍ଡୁ ପିଣ୍ଡାରା, ଲଳିତ ଖେଡା, ଭାପେଗା, ଲାଥ, ମୋହନା, ଇଶାପୁର ଖେରି, ବୁଟାନା, ଖଣ୍ଡରାଇ, ଗୋହାନା, ରାବ୍ରା ଏବଂ ବାରୱାସନି ଷ୍ଟେସନ ରହିବ। ଯାତ୍ରୀ କ୍ଷମତାରେ ମଧ୍ୟ ଏହା ଅତ୍ୟାଧୁନିକ। ୧୦ଟି କୋଚ୍ ବିଶିଷ୍ଟ ଏହି ଟ୍ରେନରେ ରହିଛି ୮ଟି ଯାତ୍ରୀ କୋଚ୍ ଏବଂ ୨ଟି ହାଇଡ୍ରୋଜେନ୍ ପାୱାର କୋଚ୍। ଏକାଥରକେ ପ୍ରାୟ ୨୬୦୦ ଯାତ୍ରୀ ଯାତ୍ରା କରିପାରିବେ। ସୁରକ୍ଷା ପାଇଁ ମଧ୍ୟ ରହିଛି ବିଶେଷ ବ୍ୟବସ୍ଥା। ହାଇଡ୍ରୋଜେନ୍ ଗ୍ୟାସକୁ ୫୦୦ ବାର୍ ଚାପରେ ସଂରକ୍ଷଣ କରାଯିବ। ଗ୍ୟାସ ଲିକ୍, ତାପମାତ୍ରା, ଅଗ୍ନି ଓ ଧୂଆଁ ଚିହ୍ନଟ ପାଇଁ ଅତ୍ୟାଧୁନିକ ସେନ୍ସର୍ ଲଗାଯାଇଛି। ଆପାତକାଳୀନ ସ୍ଥିତିରେ ସ୍ୱୟଂଚାଳିତ ସଟ୍-ଅଫ୍ ସିଷ୍ଟମ୍ ମଧ୍ୟ କାମ କରିବ। ଭାରତର ସ୍ୱଚ୍ଛ ଶକ୍ତି ଅଭିଯାନରେ ଏହା ଏକ ବଡ଼ ପଦକ୍ଷେପ। ଜାତୀୟ ହାଇଡ୍ରୋଜେନ୍ ମିଶନ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତ ବାର୍ଷିକ ୫ ନିୟୁତ ଟନ୍ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନର ଲକ୍ଷ୍ୟ ରଖିଛି । ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍... କେବଳ ଏକ ଟ୍ରେନ୍ ନୁହେଁ, ଏହା ଭାରତର ଭବିଷ୍ୟତ ଯାତାୟାତର ନୂଆ ପରିଚୟ।

# ଗୁଣ୍ଡିଚା ନାମେ ମୋ ଯାତ୍ରା ...



ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ପ୍ରଫେସର
ସହପ୍ରତିରଦ୍ୱିକ ଓ ଅବସର ପ୍ରାପ୍ତ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ: ୯୪୩୭୦୫୧୯୫୭

ଶ୍ରୀଜଗନ୍ନାଥ ଓଡ଼ିଶାର ସର୍ବଜନମାନ୍ୟ ରାଷ୍ଟ୍ରଦେବତା। ଓଡ଼ିଆ ଜାତିର ଧର୍ମ, କଳା, ସଭ୍ୟତା, ସଂସ୍କୃତି, ସାହିତ୍ୟ, ଦର୍ଶନ ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ ହେଉଛନ୍ତି ଜଗନ୍ନାଥ। ଜଗନ୍ନାଥ ଧର୍ମ ମୈତ୍ରୀ ଧର୍ମ-ଭାବ ହେଉଛି ବିଶ୍ୱଭ୍ରାତୃତ୍ୱଭାବ। ଜଗନ୍ନାଥ ଏ ଜାତିର ନେତା-ନିୟନ୍ତା ଓ ନିୟାମକ। ଏ ଜାତିର କେତେ ହସକାନ୍ଦ କେତେ ଲୁହ ଲୁହ କେତେ ହର୍ଷବିଷାଦ-କେତେ ଉତଥାନପତନ ସବୁଥିରେ ପ୍ରଭୁ ଜଗନ୍ନାଥ ଏ ଜାତିକୁ ତାର ବାହୁଛାୟାତଳେ ତୋଳି ଧରିଛି। ଅତଏବ ଏ ଗୁଣ୍ଡିଚା ଯାତ୍ରା ହେଉଛି ବାସ୍ତବରେ ମାନବବାଦର ଯାତ୍ରା। ଶ୍ରୀଜଗନ୍ନାଥ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥାରୋହଣ, ବଡ଼ଦାଣ୍ଡ ଭ୍ରମଣ, ରଥୋତ୍ସବ କାଳୀନ ବିଧାନ ମଧ୍ୟରେ ମାନବୋଚିତ ଜୀବନଚର୍ଯ୍ୟାର ସମସ୍ତ ଦିଗ ପାଳନପୂର୍ବକ ଅନୁସୃତ ହୋଇଥାଏ। ଏ ଯାତ୍ରା ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମୁଖ୍ୟଧାରା ସହିତ ଜଡ଼ିତ। ଜୈନ, ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବାଦି ଧର୍ମର ଧାରା ଓ ଦର୍ଶନକୁ ଆତ୍ମସ୍ଥ କରି ଦାରୁଦେବତା ବା ନାଗ ଓ ଶବରର ସମନ୍ୱୟର ଦେବତା ଜଗନ୍ନାଥରୂପେ ଶ୍ରୀମନ୍ଦିରରେ ଉଭା ହୋଇଛନ୍ତି। ତେଣୁ ଏ ଯାତ୍ରା ସତରେ ଶ୍ରୀଜଗନ୍ନାଥ ଧର୍ମଚେତନାର ଏକ ଅପୂର୍ବ ମାନବୀୟ ରୂପାୟନ।

ପ୍ରସିଦ୍ଧ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ କେତେ ଯେ ମହାତ୍ମା ପୂଣ୍ୟାତ୍ମା ମହାପ୍ରଭୁଙ୍କ ଦର୍ଶନାର୍ଥେ ଶ୍ରୀକ୍ଷେତ୍ରକୁ ଆସିଛନ୍ତି, ତାର କଳନା ନାହିଁ। ଭଗବାନ ବୁଦ୍ଧଙ୍କ ଠାରୁ ଆଦି ଶଙ୍କାରାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ସନ୍ଥକବିର, ରାମାନନ୍ଦ, ରାମାନୁଜ, ନାନକ, ଶ୍ରୀଚୈତନ୍ୟଙ୍କ ଠାରୁ ଭକ୍ତ ସାଲବେଗ ଓ ସିପୁଟି ଠାରୁ ବନ୍ଧୁ ମହାନ୍ତି, ଦାସିଆ ବାଉରୀ ପର୍ଯ୍ୟନ୍ତ ସମସ୍ତେ ଧାଇଁ ଆସିଛନ୍ତି ମହାପ୍ରଭୁଙ୍କ ଦର୍ଶନ ପାଇଁ। 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ' - ଅର୍ଥାତ୍ ରଥ ଉପରେ ବାମନରୂପୀ ଜଗନ୍ନାଥଙ୍କୁ ଦର୍ଶନ କଲେ, ଆଉ ପୁନର୍ଜନ୍ମ ହୁଏ ନାହିଁ। ଅତଏବ ରଥାରୂଢ଼ ପତିତପାବନ ଜଗନ୍ନାଥ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ମାନବ ଧର୍ମ-ଦର୍ଶନକୁ ଏକାକାର କରି ସମନ୍ୱୟର ପ୍ରତୀକ ଭାବରେ ଉଭା ହୋଇଛନ୍ତି। ଏହା ଚେତନାର ଜନ୍ମବେଦୀରୁ ଆରମ୍ଭ ହୋଇ ଭକ୍ତର ହୃଦୟବେଦୀ ପର୍ଯ୍ୟନ୍ତ ଏ ଯାତ୍ରା ମହାବେଦୀ ଯାତ୍ରା ମହାମାନବ ମିଳନର ଯାତ୍ରା ବା ମୋକ୍ଷଯାତ୍ରା। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଦଶାବତାର ଯାତ୍ରା କୁହାଯାଏ। କାରଣ ରଥଯାତ୍ରା ସମୟରେ ଜଗନ୍ନାଥ ଦଶାବତାର ଧାରଣ କରୁଥିବାରୁ ଏହି ଯାତ୍ରାକୁ ଦଶାବତାର ଯାତ୍ରା ବୋଲି କୁହାଯାଏ। ଆଉ କେତେକ ଗବେଷକ ଓ ଐତିହାସିକଙ୍କ ମତରେ ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ସହିତ ବାସୁଦେବ, ଜୟଦୁର୍ଗା, ଯୋଗମାୟା, ମଦନମୋହନ, ରାମକୃଷ୍ଣ - ଏହି ଦଶ ମୂର୍ତ୍ତି ରଥରେ ବସି ଯାତ୍ରା କରୁଥିବାରୁ ଏହାକୁ ଦଶାବତାର ଯାତ୍ରା କୁହାଯାଏ। ଏହା ବ୍ୟତୀତ ଗୁଣ୍ଡିଚାଯାତ୍ରା-ନବଦିନାତ୍ମିକାଯାତ୍ରା-ପତିତପାବନ ଯାତ୍ରା-ବ୍ରହ୍ମଯାତ୍ରା-ଜନକପୁରୀଯାତ୍ରା-ଆଡ଼ପଯାତ୍ରା ଭାବରେ ମଧ୍ୟ ଏହା ବିଦିତ। ଏ ସମ୍ପର୍କରେ 'ଜଗନ୍ନାଥ ପୁରାଣ'ରେ ଉଲ୍ଲେଖ ଅଛି - 'ଗୁଣ୍ଡିଚା ନାମେ ମୋ ଯାତ୍ରା ପରନପାବନୀ, ରଥଯାତ୍ରା ନାମେ ଖାତ ହେବ ଯେ ଅବନୀ। ଜାତିଗୁଣ ନାମଧାମ ସବୁ ପଛକରି। ଏକୀଭୂତ ମନୋଭାବ ପୁଣ୍ୟଫଳଧରି।'

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ରଥର ପାର୍ଶ୍ୱ ଦେବତାଙ୍କ ଗୁରୁତ୍ୱପୂର୍ଣ୍ଣ ପୂଜା ବିଧି ଓ ନୀତିକାନ୍ତି ରହିଛି। ପ୍ରଭୁଙ୍କ ରଥାରୋହଣ ପରେ ରଥ ଓ ପଥ ମଧ୍ୟ ଦେବତାର ପ୍ରାଧାନ୍ୟ ଲାଭ କରିଥାନ୍ତି। ଏହି ରଥ ତିନୋଟିରେ ବିଜେ ହୋଇଯାଆନ୍ତି ବହୁ ଦେବାଦେବୀ । ଯାହା ହୁଏତ ସ୍ଥୁଳ ଦୃଷ୍ଟିରୁ ଦେଖାଯାଏ ନାହିଁ କିନ୍ତୁ ଅନୁଭବ କରିହୁଏ ସୂକ୍ଷ୍ମଦୃଷ୍ଟିରେ । ପୁନଶ୍ଚ ପ୍ରତ୍ୟେକ ରଥର ତିନି ପାର୍ଶ୍ୱରେ ଅବସ୍ଥାନ କରନ୍ତି ପାର୍ଶ୍ୱ ଦେବତା । ତିନିରଥର ତିନୋଟି ଦିଗ ଅର୍ଥାତ୍ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଦିଗରେ ତିନୋଟି ଲେଖାଏଁ ମୋଟ ୨୭ ଜଣ ପାର୍ଶ୍ୱଦେବତା ଓ ୨ଜଣ ଲେଖାଏଁ ଦ୍ୱାରପାଳ ଶୋଭାବର୍ଦ୍ଧନ ରୂପକ ଅବସ୍ଥାନ କରିଥାନ୍ତି । ୨ ଫୁଟ ଉଚ୍ଚତା ଓ ଦେଢ଼ ଫୁଟ ଓସାରର ଏହି ପାର୍ଶ୍ୱ ଦେବତା ଆସ୍ଥାନଗୁଡ଼ିକରେ ଉକ୍ତ ରଥରେ ଆରୋହଣ କରିଥିବା ଠାକୁରଙ୍କ ଅବତାର ଗଣ ପ୍ରାୟତଃ ସୁଶୋଭିତ ହୁଅନ୍ତି । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଶିବ ଓ ବଳରାମଙ୍କର ଅବତାର ପୁରୁଷଗଣ ଆସ୍ଥାନ ଜମାଇଥିବାବେଳେ ଦେବଦଳନ ରଥରେ ସପ୍ତମାତୃକା ଓ ଦଶମହାବିଦ୍ୟାରୁ କେତେକ ଦେବୀ ପାର୍ଶ୍ୱଦେବୀ ସାଜିଥାନ୍ତି । ଏଥିସହିତ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଶ୍ରୀକୃଷ୍ଣ ଲୀଳା, ରାମଲୀଳା ଓ ମହାବିଷ୍ଣୁଙ୍କର ଲୀଳା ପ୍ରଭୃତି ଚିତ୍ରିତ ହୋଇଥାଏ । ରଥ ପାର୍ଶ୍ୱରେ ଅବସ୍ଥାପିତ ଏହି ପାର୍ଶ୍ୱଦେବତାମାନେ ବିଭିନ୍ନ ପୌରାଣିକ କିମ୍ବଦନ୍ତୀ ଓ ଇତିହାସକୁ ମନେ ପକାଇ ଦେଇଥାନ୍ତି। ଏହା ମଧ୍ୟ କୁହାଯାଇଥାଏ ଯେ ପାର୍ଶ୍ୱ ଦେବତାଗଣ ରଥକୁ ସୁରକ୍ଷା ଦେବୀ ନିମିତ୍ତ ଆବାହନ କ୍ରମେ ଆସିଥାନ୍ତି । ରଥଯାତ୍ରା ଯେହେତୁ ଶ୍ରେଷ୍ଠ ଯାତ୍ରା ଭଗବାନ ଶ୍ରୀଜଗନ୍ନାଥ ଏଥିରେ ସମସ୍ତଙ୍କୁ ସାମିଲ କରାଇବାକୁ ଚାହିଁଥାନ୍ତି । ପୁନଶ୍ଚ ରଥଯାତ୍ରା ଅବସରରେ ବିଜେ କରୁଥିବା ଦେବାଦେବୀ ପ୍ରଭୃତିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଧର ପଣା ଭଙ୍ଗା ନୀତି ଅନୁଷ୍ଠିତ ହୋଇଥାଏ । କେବଳ ଏହି ନୀତି ପାଇଁ ଠାକୁରେ ଗୋଟାଏ ଦିନ ରଥରେ ଅଧିକ ଅବସ୍ଥାନ କରିଥାନ୍ତି ।

ମହାପ୍ରଭୁ ଜଗନ୍ନାଥଙ୍କର ଏ ଆଷାଢ଼ ଉତ୍ସବ ସଂସାର ଜଞ୍ଜାଳରୁ ଶ୍ରଦ୍ଧାଳୁ ଭକ୍ତ ଦର୍ଶକମାନଙ୍କ ମୁକ୍ତିମୋକ୍ଷ, ନିର୍ବାଣପ୍ରାପ୍ତିର ପଥ ସୁଗମ କରିଦିଏ। କି ପବିତ୍ର ଏ ପୀଠ ଓ ତାର ପରମ୍ପରା, କି ମହାନ୍ ଏ ଯାତ୍ରା। ମନୁଷ୍ୟର ସ୍ୱାଭାବିକ ଜୀବନଚର୍ଯ୍ୟା ଭଳିଯାତ୍ରା। ମହାପ୍ରଭୁ ଏ ଜାତିର ଶ୍ରଦ୍ଧାଳୁ ମଣିଷ ମେଳରେ ରଥାରୂଢ଼ ହୋଇ ନଗର ଭ୍ରମଣ ବା ଯାତ୍ରା କରନ୍ତି। ତେଣୁ କୁହାଯାଏ - 'ଗୁଣ୍ଡିଚାଯାତ୍ରା ଏ ନାମ କଲେ ଉଚ୍ଚାରଣ, ତା'ର ଶତଜନ୍ମ ପାପ ହୁଅଇ ଦହନ।'

# ରଥ ଯାତ୍ରାର ଐତିହାସିକବାର୍ତ୍ତା !



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ଇତିହାସକାର ମାନେ ବିଶ୍ୱାସ କରନ୍ତି ଯେ, ରଥଯାତ୍ରା ମଧ୍ୟଯୁଗରୁ ଆରମ୍ଭ ହୋଇଥିଲା, ଯେତେବେଳେ ସମାଜରେ ଗଭୀର ବିଭାଜନ ଏବଂ ଜାତି ଭିତ୍ତିକ ଭେଦଭାବ ଥିଲା । ସେହି ସମୟରେ ଏହି ପର୍ବ ଏକ ବୈପ୍ଳବିକ ବାର୍ତ୍ତା ଦେଇଥିଲା ଯେ ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କୁ ଦେଖି ପାରିବେ, ସେ ଗରିବ କିମ୍ବା ଧନୀ, ଶୁଦ୍ର କିମ୍ବା ବ୍ରାହ୍ମଣ। ଏହି କାରଣରୁ ରଥ ଯାତ୍ରୀଙ୍କୁ "ଲୋକ ଧର୍ମର ମହାନ ପର୍ବ" କୁହାଯାଉଥିଲା।

ଏହି ଯାତ୍ରାର ଐତିହାସିକ ମହତ୍ୱ ମଧ୍ୟ ରହିଛି ଯେ ଏହା ଧର୍ମକୁ ମନ୍ଦିରର କାନ୍ଥରୁ ବାହାର କରି ଲୋକଙ୍କ ଜୀବନରେ ନେଇଥାଏ। ରଥ ଯାତ୍ରା ଶତାବ୍ଦୀ ଧରି ବାର୍ତ୍ତା ଦେଇଛି ଯେ ଧର୍ମର ମୂଳତା ହେଉଛି ସମାନତା, ଭାଇଚାରା ଏବଂ କରୁଣା। ଏହାର କାରଣ ହେଉଛି ଆଜି ମଧ୍ୟ ଏହି ପର୍ବ କେବଳ ଧାର୍ମିକ ବିଶ୍ୱାସର ନୁହେଁ ବରଂ ସାଂସ୍କୃତିକ ଚେତନା ଏବଂ ସାମାଜିକ ସମନ୍ୱୟର ଜୀବନ୍ତ ପ୍ରତୀକ ଭାବରେ ବିବେଚନା କରାଯାଏ ।

ରଥ ଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଏଥିରେ ଭାରତୀୟ ସଂସ୍କୃତିର ଏକ ଗଭୀର ସାମାଜିକ ଦାର୍ଶନିକ ବାର୍ତ୍ତା ରହିଛି । ଜଗନ୍ନାଥଙ୍କ ରଥ ଯାତ୍ରାର ମୌଳିକ ଧାରଣା ହେଉଛି ସମାନତା, ଅନ୍ତର୍ଭୂକ୍ତ ଏବଂ ଲୋକ ଧର୍ମ। ଯେତେବେଳେ ଭଗବାନ ନିଜେ ତାଙ୍କ ମନ୍ଦିରରୁ ବାହାରି ଏକ ରଥରେ ବସି ସାଧାରଣ ଲୋକଙ୍କ ମଧ୍ୟରେ ଆସନ୍ତି, ଏହା ଏକ ସଙ୍କେତ ଅଟେ ଯେ ଭଗବାନ କୌଣସି ଶ୍ରେଣୀ, ଜାତି କିମ୍ବା ଶକ୍ତିର ନୁହଁନ୍ତି, ବରଂ ସମଗ୍ର ମାନବିକତାର ଅଟନ୍ତି । ଏହି ପରମ୍ପରା ସେହି ସମୟରୁ ଚାଲିଆସୁଛି ଯେତେବେଳେ ସମାଜରେ ଉଚ୍ଚ ଏବଂ ନିମ୍ନ କାନ୍ଥଗୁଡ଼ିକ ବହୁତ ଉଚ୍ଚ ଥିଲା ଏବଂ ଜଗନ୍ନାଥଙ୍କ ରଥ ସେହି କାନ୍ଥ ଭାଙ୍ଗିବାର ପ୍ରତୀକ ପାଲଟିଥିଲା ।

ଇତିହାସରେ ରଥ ଯାତ୍ରାର ବାର୍ତ୍ତା ହେଉଛି ଯେ ଧର୍ମ କେବଳ ମନ୍ଦିରର ଚାରି କାନ୍ଥରେ ସୀମିତ ନୁହେଁ, ବରଂ ଏହା ଲୋକଙ୍କ ଜୀବନରେ ପ୍ରବେଶ କରିଥାଏ। ଏହି ଯାତ୍ରା ଦର୍ଶାଏ ଯେ ଭଗବାନଙ୍କୁ ଦେଖିବା ପାଇଁ କୌଣସି ବିଶେଷ ଯୋଗ୍ୟତା ର ଆବଶ୍ୟକତା ନାହିଁ, ପ୍ରତ୍ୟେକ ବ୍ୟକ୍ତି - ଗରିବ, ଧନୀ, ଶୁଦ୍ର, ବ୍ରାହ୍ମଣ, ମହିଳା, ପୁରୁଷ - ତାଙ୍କୁ ସମାନ ଭାବରେ ଦେଖିପାରିବେ । ଏହି କାରଣରୁ ରଥ ଯାତ୍ରୀଙ୍କୁ "ଲୋକ ଧର୍ମର ମହାନ ପର୍ବ" କୁହାଯାଉଥିଲା।

କିନ୍ତୁ ଆଜିର ପରିବର୍ତ୍ତନଶୀଳ ପରିସ୍ଥିତିରେ, ଏହି ମହାନ ବାର୍ତ୍ତା ଅନୁସରଣ କରାଯାଉଛି ନା ସବୁକିଛି କେବଳ ପରମ୍ପରା ଆଧାରରେ ଚାଲିଛି ବୋଲି ପ୍ରଶ୍ନ ଉଠିଛି । ଆଧୁନିକ ଯୁଗରେ, ରଥ ଯାତ୍ରାର ରୂପ କେବଳ ମହାନତା, ପର୍ଯ୍ୟଟନ ଏବଂ ବ୍ୟବସାୟିକ ଲାଭରେ ସୀମିତ ଥିବା ପରି ମନେହୁଏ । ଏହି ବିଶାଳ ଇଭେଣ୍ଟ, ମିଡିଆ କଭରେଜ୍, ପ୍ରାୟୋଜକ କମ୍ପାନୀ ଏବଂ ରାଜନୈତିକ ଉପସ୍ଥିତି - ସମସ୍ତେ ଏହି ଉତ୍ସବକୁ ଏକ "ଇଭେଣ୍ଟ" କରିପାରିଛନ୍ତି । ବିଶ୍ୱାସ ଏବଂ ଭାବନା ସ୍ଥାନରେ ପ୍ରଦର୍ଶନ ଏବଂ ବଜାର ପ୍ରଭାବ ବୃଦ୍ଧି ପାଉଛି । ଜଗନ୍ନାଥ ପରମ୍ପରାର ବ୍ୟବସାୟିକରଣ ଏକ ଗମ୍ଭୀର ଚିନ୍ତା । ଯେତେବେଳେ ଧର୍ମ ପର୍ବ ମାଧ୍ୟମରେ ଏକ ବଜାର ଦ୍ରବ୍ୟରେ ପରିଣତ ହୁଏ, ଏହାର ମୂଳ ବାର୍ତ୍ତା ଧୀରେ ଧୀରେ ହଜିଯିବା ଆରମ୍ଭ କରେ । ରଥଯାତ୍ରାର ଉଦ୍ଦେଶ୍ୟ ଥିଲା ସମାଜକୁ ଏକଜୁଟ କରିବା, କିନ୍ତୁ ଯଦି ଏହା କେବଳ ପର୍ଯ୍ୟଟନ ଶିଳ୍ପର ଏକ ଅଂଶ ହୋଇଯାଏ, ତେବେ ଏହାର ଆଧ୍ୟାତ୍ମିକ ଏବଂ ସାମାଜିକ ମହତ୍ତ୍ୱ ହ୍ରାସ ପାଇବ। ଜଗନ୍ନାଥ ସଂସ୍କୃତିର ପୁନର୍ଜୀବନ ପାଇଁ, ଏହି ପର୍ବକୁ ଏହାର ମୂଳ ଅର୍ଥ ସହିତ ଯୋଡିବା ଆବଶ୍ୟକ । ସର୍ବପ୍ରଥମେ, ରଥ ଯାତ୍ରା କେବଳ ଧାର୍ମିକ ରୀତିନୀତି ନୁହେଁ ସାମାଜିକ ଚେତନାର ପର୍ବ ଭାବରେ ବିବେଚନା କରାଯିବା ଆବଶ୍ୟକ । ଏଥିରେ ସମାନତା, ଭାଇଚାରା ଏବଂ ଲୋକ ଧର୍ମର ଆତ୍ମାକୁ ପୁନର୍ଜୀବିତ କରିବାକୁ ପଡ଼ିବ । ମନ୍ଦିର ପ୍ରଶାସନ ଏବଂ ସମାଜ ନିଶ୍ଚିତ କରିବା ଉଚିତ୍ ଯେ କେବଳ ମହାନ୍ ନୁହେଁ, ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ସାମାଜିକ ବାର୍ତ୍ତା ଏହି ଘଟଣାରେ ପ୍ରମୁଖ । ଦ୍ୱିତୀୟତଃ, ବ୍ୟବସାୟିକୀକରଣ ସୀମିତ ହେବା ଆବଶ୍ୟକ । ଜଗନ୍ନାଥ ସଂସ୍କୃତିର ସୁରକ୍ଷା ହେଉଛି ବିଶ୍ୱାସ ଏବଂ ବିଶ୍ୱାସକୁ ବଜାର ଦ୍ରବ୍ୟରୁ ରକ୍ଷା କରିବା। ଯଦି ରଥ ଯାତ୍ରା କେବଳ ବିଜ୍ଞାପନ ଏବଂ ପ୍ରାୟୋଜକ କମ୍ପାନୀଗୁଡିକ ପାଇଁ ଏକ ପ୍ଲାଟଫର୍ମ ହୋଇଯାଏ, ତେବେ ଆଗାମୀ ପିଢ଼ି ଏହାକୁ କେବଳ "ପର୍ବ" ଭାବରେ ବିବେଚନା କରିବେ ଏବଂ ସାଂସ୍କୃତିକ ଚେତନାର ଏକ ମହାନ୍ ପର୍ବ ନୁହେଁ । ତୃତୀୟତଃ, ଜଗନ୍ନାଥ ପରମ୍ପରାର ମୌଳିକ ବାର୍ତ୍ତା ଯୁବକମାନଙ୍କୁ ଶିକ୍ଷା ଏବଂ ସଂସ୍କୃତି ମାଧ୍ୟମରେ ପହଞ୍ଚାଇବାକୁ ପଡିବ । ଆଜିର ପିଢ଼ିକୁ ବୁଝାଇବା ଜରୁରୀ ଯେ ରଥ ଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ ବରଂ ସାମାଜିକ ସମାନତା ଏବଂ ଲୋକ ଧର୍ମର ପ୍ରତୀକ । ଯଦି ଆମେ ଏହି ଦିଗରେ ଉଦ୍ୟମ ନକରିବା, ଭବିଷ୍ୟତରେ ରଥ ଯାତ୍ରାର ପ୍ରକୃତି ବଦଳିଯିବ । ଏହା କେବଳ ପର୍ଯ୍ୟଟନ ଏବଂ ବ୍ୟବସାୟିକ ଇଭେଣ୍ଟରେ ପରିଣତ ହେବ ଏବଂ ଏହାର ଐତିହାସିକ ବାର୍ତ୍ତା ହଜିଯିବ । ସମାଜରେ ବିଭାଜନ ଏବଂ ଅସମାନତା ବୃଦ୍ଧି ପାଇବ, କାରଣ ଧର୍ମର ରୂପ ଯାହା ସମସ୍ତଙ୍କୁ ଏକତ୍ର କରିଥିଲା । ତେଣୁ, ଆଜି ଅନୁସନ୍ଧାନର ଆବଶ୍ୟକତା ଅଛି । ଆମେ କେଉଁଠାରେ ଭୁଲ୍ ଯାଉଛୁ ତାହା ଦେଖିବା ଆବଶ୍ୟକ - ଆମେ କେବଳ ପରମ୍ପରାକୁ ଅନୁସରଣ କରୁଛୁ ନା ଆମେ ଏହାର ବାର୍ତ୍ତା ମଧ୍ୟ ବଞ୍ଚାଉଛୁ । ଯଦି ଆମେ କେବଳ ପରମ୍ପରାକୁ ଅନୁସରଣ କରୁ, ଫଳାଫଳ ହେବ ଯେ ଭବିଷ୍ୟତ ପିଢ଼ି ମାନେ ରଥ ଯାତ୍ରାକୁ ଏକ "ଘଟଣା ଭାବରେ ବିବେଚନା କରିବେ । କିନ୍ତୁ ଯଦି ଆମେ ତାଙ୍କ ବାର୍ତ୍ତା ବଞ୍ଚାଇଥାଉ, ଜଗନ୍ନାଥ ସଂସ୍କୃତି ପୁନର୍ଜୀବିତ ହେବ ଏବଂ ସମାଜରେ ସମାନତା, ଭାଇଚାରା ଏବଂ ଲୋକ ଧର୍ମର ଆତ୍ମା ଦୃଢ଼ ହେବ।

ରଥ ଯାତ୍ରାର ଐତିହାସିକ ବାର୍ତ୍ତା ହେଉଛି - ଏହି ଦୁନିଆରେ ସମସ୍ତେ ସମାନ ଏବଂ ସମାଜରେ ଉଚ୍ଚ ଏବଂ ନିମ୍ନ ନାହିଁ । ଏହି ଆତ୍ମା ସହିତ ହିଁ ରଥ ଯାତ୍ରା ଆରମ୍ଭ ହୋଇଥିଲା ଯାହା ଆଜି ପର୍ଯ୍ୟନ୍ତ ଜାରି ରହିଛି, କିନ୍ତୁ ସେହି ଆତ୍ମା ର ଅଭାବ ଆଜି ଅନୁଭବ କରାଯାଉଛି । ଏହାର କାରଣ ହେଉଛି ରାଜନୀତି ଧର୍ମ ସହିତ ମିଶ୍ରିତ ହୋଇଛି। କେବଳ ଓଡିଶାରେ ନୁହେଁ, ମହାରାଷ୍ଟ୍ରରେ ଗଣେଶ ଚୈତନ୍ୟ ସମାନ ଆତ୍ମା ସହିତ ଆରମ୍ଭ ହୋଇଥିଲେ ଯାହା ଦ୍ୱାରାସମସ୍ତେ ଜାତି ଓ ଧର୍ମ ନିର୍ବିଶେଷରେ ସ୍ୱାଧୀନତା ସଂଗ୍ରାମରେ ବ୍ରିଟିଶମାନଙ୍କ ବିରୁଦ୍ଧରେ ଏକାଠି ହେବା ଉଚିତ ଏବଂ ବ୍ରିଟିଶମାନଙ୍କୁ ଭାରତ ଦେଶରୁ ହଟାଇବା ଉଚିତ୍। ଆଜିର ଆହ୍ୱାନ ହେଉଛି ଏହି ବାର୍ତ୍ତାକୁ ବ୍ୟବସାୟିକୀକରଣ ଏବଂ ପ୍ରଦର୍ଶନରୁ ବଞ୍ଚାଇ ପୁନଃ ଜୀବିତ କରିବା । କେବଳ ସେତେବେଳେ ଜଗନ୍ନାଥ ସଂସ୍କୃତିର ପ୍ରକୃତ ପ୍ରତ୍ୟାବର୍ତ୍ତନ ସମ୍ଭବ ହେବ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

# କାଳନେମି

### ଚିନ୍ତା ଚିତା

ଶ୍ରଦ୍ଧେୟ ଭକ୍ତବୃନ୍ଦ କଥାରେ ଅଛି "ଚିନ୍ତା ଖାଏ ଗଣ୍ଡି, ଲୁଣ ଖାଏ ହାଣ୍ଡି" ତେଣୁ ହେ ଭକ୍ତ ଏହି ଚିତା ଜିବକୁ ଏକା ଥରକେ ପୋଡି ଜାଳି ପାଉଁଶ କରି ଦେଇଥାଏ । ସକଳ ଚିନ୍ତାକୁ ସେ ଏକାଥରକେ ଭସ୍ମୀଭୂତ କରିଦେଇଥାଏ । କିନ୍ତୁ ଏହି ଚିନ୍ତା ମାନବକୁ ପ୍ରତି ମୂହୁର୍ତ୍ତରେ ମୃହୁ ମୃହୁ କରି ପୋଡି ଚାଲିଥାଏ । ନ ମରିକି ବି ସେ ପ୍ରତି ମୂହୁର୍ତ୍ତରେ ମରୁଥାଏ। ଏବଂ ପୋଡୁଥାଏ । ଏହା ହେଉଛି ଜୀବ ଜଗତରେ ସ୍ୱଭାବିକ ଗତି କିନ୍ତୁ ଭକ୍ତ ଏଇ ଦୁଇଟିର ଉର୍ଦ୍ଧରେ ଥାଏ । ସେ ଦୁଇଟି ହେଲା (ଚିନ୍ତା ଓ ଚିତା)ସେତ ଅଚିନ୍ତାକୁ ଧ୍ୟାନ ରଖିଥାଏ। ତାକୁ ଏ ଚିନ୍ତା ଚିତାରୁ କଣ ମିଳିବ । ତେଣୁ ହେ ଭକ୍ତ ହେ ଶିଷ୍ୟ ଥରେ ସେ ଅଚିନ୍ତ୍ୟ ପଦ୍ମପାଦରେ ଶରଣ ନେଇ ସାରିଲା ପରେ ସେହି ଅଭୟ ପଦ୍ମ ପାଦକୁ ଜାବୁଡି ଧରି ପଛକୁ ଅନାଇଲେ ଭୟଙ୍କର ପଶ୍ଚାତପତ ହେବାକୁ ପଡିବ । ଭୟ ପୁଣି ତୁମକୁ ବାରମ୍ବାର ଭୟଭୀତ କରାଇବ । ତେଣୁ ବାଳକେ ମୋର ବୋଲ କର ବେଳହୁଁ ଗୋବିନ୍ଦ ସୁମର, ତେଣୁ ଏ ସଂସାରରେ ମୋହମାୟାର ଜାଲରେ ଛନ୍ଦି ନ ହୋଇ ପରମପିତା ପଂରବ୍ରହ୍ମ ଶରଣରେ ରୁହ, ନିଷ୍ଠାର ସହିତ ପ୍ରଭୁଙ୍କ କାର୍ଯ୍ୟ କର । ପ୍ରତିଭା କୁ ଜାଗ୍ରତ କର କିନ୍ତୁ ପ୍ରତିଷ୍ଠାକୁ ନୁହେଁ। କାରଣ ପ୍ରତିଷ୍ଠା ହେଉଛି ଶୁକରୀ ବିଷ୍ଠା ସଦୃଶ । ତେଣୁ ହେ ଭକ୍ତ ଚିନ୍ତା ଓ ଚିତାକୁ ଛାଡି ଚୈତନ୍ୟକୁ ଜାଗ୍ରତ କରି ଚିନ୍ତା ଓ ଚିତା ଗଣ୍ଡିରୁ ବାହାରି ଆସି ମୃତ୍ୟୁ ମା ଅମୃତ ଗମୟଃ ରାସ୍ତାରେ ମାତିଚାଲ ତମେସୌ ମା ଜ୍ୟୋତିର୍ଗମୟ ଆଲୋକରେ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ହେଉଛି ଭକ୍ତର କର୍ତ୍ତବ୍ୟ, ନଚେତ୍ ଭ୍ରମରେ ପଡି ଉବୁଟୁବୁ ହେଉଥିବ ।

### ସ୍ୱୀକୃତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ସାଧନାର ଶୀର୍ଷରେ ପହଞ୍ଚିଲେ ଯାଇ ଈଶ୍ୱରଙ୍କର ସ୍ୱୀକୃତି ପ୍ରାପ୍ତ ହୋଇଥାଏ । ଯେ ପର୍ଯ୍ୟନ୍ତ ସେଠାରୁ ସ୍ୱୀକୃତି ପ୍ରାପ୍ତ ନହୋଇଛି ସେ ପର୍ଯ୍ୟନ୍ତ ସାଧନା ସ୍ତରକୁ ପ୍ରତି ମୂହୁର୍ତ୍ତରେ ସମୀକ୍ଷା କର । ସନ୍ଦେହ ମନକୁ ପରିମାର୍ଜିତ କରି ମନକୁ ସରଳିକୃତ କରିଚାଲ, ଭକ୍ତି, ପ୍ରେମ, ଶ୍ରଦ୍ଧା, ସେବା ଉପରେ ନିୟନ୍ତ୍ରଣ ରଖ, ପ୍ରକୃତ ତୁମେ ସଚ୍ଚା ସେବକ ହେଲେବି ସେଥିପ୍ରତି ଧ୍ୟାନ ଦିଅ । ଅନ୍ତର ବାହାରର ଧ୍ୟାନକୁ କେନ୍ଦ୍ରୀଭୂତ କର । ଅଧୈର୍ଯ୍ୟତାକୁ ଧ୍ୟାନ ଦିଅ ନାହିଁ । ଧୈର୍ଯ୍ୟର ଲଗାମ ଧର । ସମୟ ଭିତରେ ଶକ୍ତିର ପରାକାଷ୍ଠା ନିଦର୍ଶନ କର । ସମୟ ବା ମୂହୂର୍ତ୍ତକୁ ଯିଏ ଜୟକରେ ସେହିଁ କାଳଜୟୀ ଭକ୍ତ। ସେହିଁ ପ୍ରକୃତରେ ଈଶ୍ୱରଙ୍କର ଦିବ୍ୟ ବିଭୂତି ରୂପକ ସ୍ୱୀକୃତି ପ୍ରାପ୍ତ ହୋଇଥାଏ। ଅନ୍ୟଥା ବୃଥା । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ସେଇ ଈଶ୍ୱର କ୍ଷେତ୍ରଜ୍ଞ୍ୟ ରୂପରେ ବସିଛନ୍ତି ତେଣୁ କ୍ଷେତ୍ରକୁ ଭୂଲିଯାଅନାହିଁ ।କ୍ଷେତ୍ରର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ହିଁ ଶିଷ୍ୟର ଗୁରୁ ଦାୟିତ୍ୱ ।

# ଲୀଳାମୟଙ୍କ ଘୋଷଯାତ୍ରା



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୦୫, ଭୁବନେଶ୍ୱର
ଫୋନ୍- ୮୨୪୯୬୫୦୪୧୪

ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର। ଶ୍ରୀମନ୍ଦିରରେ ବାର ମାସରେ ତେର ପର୍ବ ପାଳିତ ହୁଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାନ ଗାଥା ବଖାଣେ ଏହି ଘୋଷଯାତ୍ରା । କାହିଁ କେଉଁ ଆଦିମକାଳରୁ କଳାଠାକୁର ପତିତ ଜନଙ୍କ ଉଦ୍ଧାରପାଇଁ ରତ୍ନ ବେଦୀ ପରିତ୍ୟାଗକରି ବଡଦାଣ୍ଡକୁ ଧାଇଁ ଆସୁଛନ୍ତି । ରଥଯାତ୍ରା ସହିତ ଓଡିଶାର ଜନଜୀବନ ଓ ସାଂସ୍କୃତିକ ଭାବ ପ୍ରବଣତାର ଏକ ସୁଦୀର୍ଘ ଇତିହାସ ରହିଛି । କେବଳ ସାଂସ୍କୃତିକ ବା ଧାର୍ମିକ ଜୀବନବୋଧ ନୁହେଁ, ବରଂ ଓଡ଼ିଶାର ରାଜନୀତି ଏବଂ ଅର୍ଥନୀତି ସହ ରଥଯାତ୍ରାର ନିବିଡ ସମ୍ପର୍କ ରହିଛି । ଏକଦା ଅର୍ଥନୈତିକ ଭାବରେ ଏହା ସାମନ୍ତବାଦ କବଳିତ ଓଡ଼ିଶାର ସବୁଠୁ ଅଧିକ 'ତୀର୍ଥ କର' ଦେଉଥିବା ଯାତ୍ରାଭାବରେ ପରିଗଣିତ ହେଉଥିଲା । ମୋଗଲ ଓ ମରାଠାମାନେ ରଥଯାତ୍ରା ସମୟରେ ଯାତ୍ରୀମାନଙ୍କଠାରୁ ବିପୁଳ କର ଆଦାୟ କରୁଥିଲେ । ଅନ୍ୟ ଏକ ଘଟଣାକ୍ରମରେ ଓଡ଼ିଶାରେ ନିଜର ରାଜନୈତିକ ପତିଆରା ବଜାୟ ରଖିବାକୁ ଖୋର୍ଦ୍ଧାର ଗଜପତି ରାଜାମାନେ ମହାପ୍ରଭୁଙ୍କ ଆଦ୍ୟ ସେବକ ଭାବରେ ଶ୍ରୀମନ୍ଦିରର ମୁଖିଆ ପଦ ମଣ୍ଡନ କରିଥିଲେ । ଐତିହାସିକ ଦୃଷ୍ଟିକୋଣରୁ ରଥଯାତ୍ରା ସହିତ ରାଜନୈତିକ କ୍ଷମତା ପ୍ରଦର୍ଶନର ଏକ ସୂକ୍ଷ୍ମ ଧାର୍ମିକ ସଂପର୍କ ରହି ଆସିଛି । ଏହା ଜାତି, ଧର୍ମ, ବର୍ଣ୍ଣ, ବିଶ୍ୱାସ ଓ ରାଷ୍ଟ୍ରୀୟତା ଆଦି ପ୍ରତିବନ୍ଧକର ବହୁ ଉର୍ଦ୍ଧ୍ୱରେ ଭକ୍ତମାନଙ୍କୁ ଜଗନ୍ନାଥଙ୍କ ପ୍ରତି ସେମାନଙ୍କ ହୃଦୟରେ ଥିବା ପ୍ରେମଭାବରେ ଏକତ୍ରୀତ କରିଥାଏ । ଆପଣ ଭାଗବତ ଅନୁରାଗୀ ଜଣେ ଭକ୍ତ ହୋଇଥାଆନ୍ତୁ କିମ୍ବା ଜଣେ ଜିଜ୍ଞାସୁ ଯାତ୍ରୀ ହୋଇଥାଆନ୍ତୁ, ସମସ୍ତଙ୍କ ପାଇଁ ରଥଯାତ୍ରାର ଅନୁଭବ ଆଧ୍ୟାତ୍ମିକ ଜାଗରଣ ଏବଂ ସାଂସ୍କୃତିକ ଉଦବୁଦ୍ଧତାର ଏକ ଯାତ୍ରା ଅଟେ । ବଡଦାଣ୍ଡରେ ରଥଗୁଡିକ ଗଡି ଯାଉଥିବାବେଳେ ସେମାନେ ପ୍ରେମ, ଏକତା ଏବଂ ଭକ୍ତ ଭଗବାନଙ୍କ ମଧ୍ୟରେ ଥିବା ଶାଶ୍ୱତ ବନ୍ଧନର ଚିରନ୍ତନ ସନ୍ଦେଶ ବହନକରି ଚାଲିଥାଆନ୍ତି । ରଥଯାତ୍ରାର ଐତିହାସିକ ଓ କିମ୍ବଦନ୍ତୀମୂଳକ ଆଲୋଚନାରୁ କେତୋଟି ବିଶେଷ ତଥ୍ୟାବଳୀର ଉପସ୍ଥାପନ ନିମ୍ନରେ କରାଗଲା । ଯଥା-



୧.୧୬ଶ ଶତାବ୍ଦୀରେ ରଚିତ କପିଳ ସଂହିତାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜେ ରତ୍ନସିଂହାସନ ତ୍ୟାଗକରି ନିଜ ଭକ୍ତମାନଙ୍କୁ ସକଳ ପାପତାପରୁ ମୁକ୍ତି ଦେବାପାଇଁ ରଥରେ ବସି ବଡଦାଣ୍ଡରେ ବିଜେ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଏହା ମହାପ୍ରଭୁଙ୍କ ନିଜ ଇଚ୍ଛାର ଯାତ୍ରା । ଏହି ଯାତ୍ରାରେ ଭକ୍ତଙ୍କ ଭୂମିକା ସବୁଠୁ ଆଗରେ । ତେଣୁ ଏହାକୁ ନବ ଦିନାତ୍ମକ ପତିତପାବନ ଯାତ୍ରା ବୋଲି ମଧ୍ୟ କୁହାଯାଏ ।

୨.ଶ୍ରୀମନ୍ଦିରଠାରୁ ତିନି କି. ମି. ଦୂର ଗୁଣ୍ଡିଚା ମନ୍ଦିରକୁ ଶ୍ରୀଜଗନ୍ନାଥଙ୍କ ଜନ୍ମବେଦୀ ବୋଲି ମଧ୍ୟ କୁହାଯାଏ । ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଜଗନ୍ନାଥ ନିଜେ କହିଛନ୍ତି- ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଆମ୍ଭଙ୍କୁ ବଳଭଦ୍ର ଓ ସୁଭଦ୍ରାଙ୍କ ସହ ସେଇ ମହାବେଦୀକୁ ରଥରେ ବସାଇ ଘେନିଯିବ । ସେହି ମହାବେଦୀ ଆମ୍ଭର ଆଦ୍ୟ ପୀଠ ଓ ସେଠାରେ ତୁମେ ରାଜା ଇନ୍ଦ୍ରଦ୍ୟୁମ୍ନ ହଜାରେ ଅଶ୍ୱମେଧ ଯଜ୍ଞ କରିଛ । (ଉତ୍କଳ ଖଣ୍ଡ-୨୯/୩୪)

୩. କପିଳ ସଂହିତା, ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ ଓ ନୀଳାଦ୍ରି ମହୋଦୟ ଇତ୍ୟାଦି ଗ୍ରନ୍ଥରେ ରଥଯାତ୍ରାର ପ୍ରାଚୀନ ବିବରଣୀ ଲିଖିତ ହୋଇ ରହିଛି । ସେହିପରି ମାଦଳା ପାଞ୍ଜିରେ ମଧ୍ୟ ରଥଯାତ୍ରା ଓ ତା'ର ବିଭିନ୍ନ ସମୟର ସମସ୍ୟା-ସଙ୍କଟ ବିଷୟରେ ଉଲ୍ଲେଖ ରହିଛି ।

୪. ପ୍ରଥମ ରଥଯାତ୍ରା ସମ୍ପର୍କିତ ତଥ୍ୟ ମାଦଳାପାଞ୍ଜିରେ କେଶରୀ ବଂଶର ଆଲୋଚନାରୁ ଜଣାଯାଏ । ମୁରାରୀ କବିଙ୍କର 'ଅନର୍ଘ ରାଘବ' (ଦଶମ ଶତାବ୍ଦୀ) ନାଟକରେ ମଧ୍ୟ ରଥଯାତ୍ରାର ଉଲ୍ଲେଖ ରହିଛି । କେତେକ ଗବେଷକଙ୍କ ମତରେ ରଥଯାତ୍ରାରେ ବୌଦ୍ଧ ଓ ଜୈନ ପରମ୍ପରା ଏବଂ କିଛିକିଛି ତନ୍ତ୍ର ପରମ୍ପରାର ପ୍ରଭାବ ରହିଛି ବୋଲି ମଧ୍ୟ କୁହାଯାଏ ।

୫. ଧାର୍ମିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ରଥକୁ ଶରୀର ଓ ଚଳନ୍ତି ଦେଉଳ ସହିତ ତୁଳନା କରାଯାଇଛି । ତେବେ ସାମାଜିକ ଇତିହାସ ଦୃଷ୍ଟିରୁ ଏହା ଓଡ଼ିଶାର ସବୁଠାରୁ ବଡ ରାଜନୈତିକ ଯାତ୍ରା। ଏହାର ଏକମାତ୍ର କାରଣ ହେଉଛି ମହାପ୍ରଭୁ ଶହଶହ ବର୍ଷଧରି ଓଡ଼ିଶାର ରାଜାଧିରାଜ ଏବଂ ଓଡ଼ିଶାର ଗଜପତି ତାଙ୍କର ରାଉତ ବୋଲି ସ୍ୱୀକାର କରିବା । ତେଣୁ ମହାପ୍ରଭୁଙ୍କ ଉପରେ ବାହ୍ୟ ଆକ୍ରମଣକାରୀ ଓ ଲୁଣ୍ଠନକାରୀ ସବୁବେଳେ ଦାଉ ସାଧିଛନ୍ତି ।

୬. ଶ୍ରୀମନ୍ଦିର ଉପରେ ଯବନ ରକ୍ତବାହୁ ଠାରୁ ଆରମ୍ଭ କରି ତକି ଖାନ୍ ପର୍ଯ୍ୟନ୍ତ ବହୁ ଆକ୍ରମଣକାରୀ ଲୋଲୁପ ଦୃଷ୍ଟି ପକାଇଛନ୍ତି । ତେବେ ୧୬୦୯ ମସିହାରେ ମୋଗଲ ଦରବାରରେ ସେନାପତି ଥିବା ହିନ୍ଦୁ ରାଜପୁତ୍ କେଶୋଦାସ୍ ମାରୋ ରଥଯାତ୍ରା ସମୟରେ ପୁରୀ ଆକ୍ରମଣ କରିଥିଲେ।

୭. କେଶୋଦାସ୍ ମାରୋର ରଥଯାତ୍ରା ଆକ୍ରମଣ ବିଷୟ ଉଲ୍ଲେଖକରି ମାଦଳାପାଞ୍ଜିରେ ଲେଖାଅଛି ଯେ, 'ଏ ମହାରାଜାଙ୍କ ଯାତ୍ରୀପଣେ କେଶୋଦାସ୍ ମାରୋ ଆସି ଗୁଣ୍ଡିଚା ଯାତ୍ରା ଦେଖି ଦୁଇ ଦେଉଳ ଧଇଲା । ପରମେଶ୍ୱର ଗୁଣ୍ଡିଚା ଘରେ ବିଜେ କରିଥିଲେ । ତିନିରଥ ପୋଡିଦେଲା। ଗୁଣ୍ଡିଚା ଘରେ ଅନେକ ମାଇଲା ।' ରଥଯାତ୍ରା ସମୟରେ ଏହା ବୋଧହୁଏ ସବୁଠୁ ବଡ ଆକ୍ରମଣ ଯାହା ଜଣେ ହିନ୍ଦୁ ସେନାପତିଙ୍କ ଦ୍ୱାରା ସଂଘଟିତ ହୋଇଥିଲା ।

୮.୧୮୦୩ ମସିହାରେ ବ୍ରିଟିଶମାନେ ଓଡ଼ିଶା ଦଖଲ କଲେ। ୧୮୦୪ ମସିହାରେ କଟକର ଗୋରା କମିଶନ ଜନ୍ ମେଲଭିଲ୍ ରଥଯାତ୍ରା ଦେଖିବାକୁ ଆସି ନିଜ ରିପୋର୍ଟରେ ଲେଖିଲେଯେ -'ମୁଁ ପୁରୀରେ ପହଞ୍ଚିଲା ମାତ୍ରେ ଯାତ୍ରୀ ଓ ସେବାୟତମାନେ କରତାଳି ତଥା କୋଳାହଳ ମାଧ୍ୟମରେ ମୋତେ ସ୍ୱାଗତ ଜଣାଇଲେ । ଏଥିରୁ ମୋତେ ଲାଗୁଛିଯେ , ସେବାୟତ ଓ ଯାତ୍ରୀଙ୍କ ମନରେ ବ୍ରିଟିଶ ସରକାରଙ୍କ ପ୍ରତି ଉତ୍ତମ ମନୋଭାବ ରହିଛି । ସୁତରାଂ ଜଗନ୍ନାଥ ରଥଯାତ୍ରା ଯଥାବିଧି ଚାଲୁବୋଲି ମୁଁ ଅନୁମୋଦନ କରୁଅଛି।' ଏହା ପରଠାରୁ ବ୍ରିଟିଶ ସରକାର ମନ୍ଦିର ପରିଚାଳନାରେ ଅନୁପ୍ରବେଶ କରିନଥିଲେ ।

୯. ରଥଯାତ୍ରା ପରିଚାଳନା ନିମିତ୍ତ ଗଜପତି ଅମଳରୁ ଆଜିଯାଏ ବହୁ ନିୟମ ଓ ବିଧାନ ଗଢା ହୋଇଛି ଓ ଭଙ୍ଗା ମଧ୍ୟ ହୋଇଛି । ତେବେ ରଥଯାତ୍ରା ସହ ସାଧାରଣ ଭକ୍ତଙ୍କ ଆବେଗ ଶହଶହ ବର୍ଷ ଧରି ଯେମିତି କି ସେମିତି ରହି ଆସିଛି । ଏହାହିଁ ଲୀଳାମୟଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସବୁଠାରୁ ବଡ ସାର୍ଥକତା। ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ଅବଲୋକନ କଲେ ଭାରି ରୋଚକ ଲାଗେ । ପୁରାଣ ଓ ଇତିହାସ ଲୀଳାମୟ ପ୍ରଭୁଙ୍କ ଲୀଳା ବଖାଣି ଚାଲିଛି ଏବଂ ଚାଲୁଥିବ ମଧ୍ୟ ।

-- ଜୟ ଜଗନ୍ନାଥ ସ୍ୱାମୀ--

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## ଜଗା ପାଇଁ କେରେ ଗୀତ

**ଦେବାଶିଷ ଚକ୍ରବର୍ତ୍ତୀ**

**ଅରୁଣସ୍ତମ୍ଭ**
ଦୂର ହୋଇଯାଏ ଦୂରିତ ସକଳ
ଦେଲେ ଯଦି ତୋତେ ଛୁଇଁ
ନିରାଶା ବାଲୁରେ ଜୀବନ ସରିତ
ରାହା କିଆଁ ପାଉନାହିଁ ?

**ସେନାପଟା**
ଲୋଡ଼ା ହୁଏ ନାହିଁ ସେନାପଟା ଆଉ
ମଣ୍ଡପେ ବସିଲେ ଦିଅଁ
କ୍ଷମତା ମିଳିଲେ ଅଲୋଡ଼ା ହୁଅଇ
ଯେପରି ଭୋଟର ମୁହଁ।

**ରଥଚକ**
ଭଗତେ ଭିଡ଼ିଲେ ବଡଦାଣ୍ଡେ ସିନା
ରଥଚକ ଯାଏ ଗଡ଼ି
ଭଲ ପାଇବାର ଚକ ଗଡେନାହିଁ
ବିଦ୍ୱେଷ ଥିଲେ ବେଡ଼ି।

**ବାହୁଡ଼ା**
ବାହୁଡ଼ା ଯାତରେ ଆପଣା ଘରକୁ
ଦିଅଁ ଆସିଥାନ୍ତି ଫେରି
ସହଜେ ଫେରେନି ସୁଖର ଚଢେଇ
ଥରେ ଗଲେ ପଥ ହୁଡ଼ି।

**ସୁନାବେଶ**
ତିନି ଦିଅଁ ସିନା ଝଟକନ୍ତି ନାଇ
ମହଣ ମହଣ ସୁନା
ପରାଣ କୁଞ୍ଜର ଦିଅଁ ଝଟକେନି
ମଣିଷପଣିଆ ବିନା।

*ମଣ୍ଡୁଆ, କେନ୍ଦୁଝରଗଡ*
*ମୋ-୯୪୩୭୭୫୨୩୯୫*

## ନୀଳାଦ୍ରିନାଥ ମଣିମା

**ବସନ୍ତ କୁମାର ପ୍ରଧାନ**



ହେ ନୀଳାଦ୍ରିନାଥ ମଣିମା ଶୁଣିମା
ହେଉ ମୋହର ଗୁହାରି
ଏ ଭବ ସାଗରେ ଭାସି ଯାଉଅଛି
ଉଦ୍ଧର ହେ କୃପା କରି ।

ତୁମେ ଓଡ଼ିଶାର ଆରାଧ୍ୟ ଦେବତା
ଆହେ ପ୍ରଭୁ ଜଗନ୍ନାଥ
ନିତ୍ୟ ବୈକୁଣ୍ଠ ନୀଳାଚଳ ଧାମେ
ଦେଖାଉଛ ମୁକ୍ତିପଥ ।

ଜଗତ ହିତରେ ତୁମ ଅବତାର
ଆହେ ଦୟାମୟ ହରି
ଜଗତ କରତା ଗତିମୁକ୍ତି ଦାତା
ଭବ ସାଗର ନାଉରି ।

ତୁମେ ଲୀଳାମୟ ଅନାଦି ପୁରୁଷ
ଅପୂର୍ବ ତୁମର ଲୀଳା
ତୁମେ ଇଚ୍ଛାମୟ କରୁଣା ନିଧାନ
ଭକ୍ତ ଭାବ ଭକ୍ତି ଭୋଳା ।

ତୁମେ ଗତିମୁକ୍ତି ଭାଗ୍ୟ ବିଧାତା
ଜଗତର ପରାତ୍ପର
ପତିତପାବନ ଜଗତ ବନ୍ଦନ
ଅଟ ସୃଷ୍ଟି ମୂଳାଧାର ।

ତୁମରି ସୃଷ୍ଟିର ଶ୍ରେଷ୍ଠ ଜୀବ ମୁହିଁ
ପଡ଼ିଅଛି ମାୟା ମୋହେ
ତୁମରି ଚିନ୍ତନ ହୁଏ ଅନ୍ତର୍ଦ୍ଧାନ
କରୁଣା ଟିକିଏ ଚାହେଁ ।

ହେ ସଂସାର ସାର କୃପା ଅସରନ୍ତି
ଏତିକି ସୁଦୟା କର
ତୁମ ପ୍ରେମ ଭକ୍ତି ଜ୍ଞାନରେ ସମୃଦ୍ଧି
ହେଉ ଜୀବନ ମୋହର ।

*ହରିହରପୁର, ଛେଣ୍ଡିପଦା, ଅନୁଗୋଳ*
*ମୋ -୭୭୩୫୬୧୧୪୮୪*

## ହରି ଅନନ୍ତ

**ଶରତ ଦାଶ**



ଭଜିଲେ କୃଷ୍ଣ ସର୍ବ ଅନିଷ୍ଟ
ତ୍ୱରିତ ହେବ ଦୂର
ଭଜିଲେ ରାଧା ସକଳ ବାଧା
ହଟିବ ପଥୁ ତୋର ।।

ମନ ହୃଦୟ ଲଗାଇ ଦେଲେ
ମୋହନ ଶ୍ରୀପୟରେ
ଧନ ସଂପତ୍ତି ଅମାପ ପ୍ରାପ୍ତି
ହୋଇବ ଅକାତରେ ।।

ମାନ ସମ୍ମାନ ସବୁ ମଳିନ
ଭକ୍ତି ହୋଇଲେ ଘନ
ଅବଶ୍ୟ ଦୃଶ୍ୟ ହେବେ ରମେଶ
ବାକି କେବଳ ଶୂନ୍ୟ ।।

ହରି ଅନନ୍ତ ଏକାକୀ ସତ୍ୟ
ଅସୀମ ତାଙ୍କ ବ୍ୟାପ୍ତି
ସକଳ ସୃଷ୍ଟି ପାଳନକାରୀ
ଧର୍ମର ଅଭିବ୍ୟକ୍ତି ।।

ବିଶ୍ୱାସେ ସ୍ଥିତ ପ୍ରଭୁ ଅଚ୍ୟୁତ
କଳ୍ପନାବଳେ ରୂପ
ଧରନ୍ତି ନିତ୍ୟ ଭାବରେ ସିକ୍ତ
ହୋଇ ରହନ୍ତି ଗୋପ୍ୟ ।।

ସଚରାଚର ତାଙ୍କ ଗୋଚର
ସକଳ ଘଟେ ରହି
କରନ୍ତି ଲୀଳା ଅପୂର୍ବ ଖେଳା
ସନ୍ଥଙ୍କୁ କରି ଛାଇ ।।

ପ୍ରାଣୀର ଅନ୍ତଃକରଣେ ରହି
ଦେଖନ୍ତି କର୍ମାକର୍ମ
ଦିଅନ୍ତି ଯାଚି ଫଳ ଅନେକ
ତୁଟାଇ ସବୁ ଭ୍ରମ ।।

ଧର୍ମର ସାର ପରୋପକାର
ବିଶ୍ୱ ହିତରେ ପ୍ରାଣ
ଦେଲେ ସମର୍ପି ମାନବ ଜନ୍ମ
ସାର୍ଥକ ହେଲା ଜାଣ ।।

*ଭୁବନେଶ୍ୱର*

## କେବେ ଶୁଣିବ ମୋ ଗୁହାରି

**ଉମା ଶଙ୍କର ପ୍ରସାଦ**



କେବେ ଶୁଣିବ ମୋ ଗୁହାରୀ
ଆହେ ବିଶ୍ୱବିହାରୀ
ସରି ଆସଇ ବେଳ
ଡାକଇ ମହାକାଳ
ଦିନକୁ ଦିନ ଦୁଃଖ ହେଉଅଛି ପ୍ରବଳ
ସାଲବେଗ ଦାସିଆ ପାଇଁ ତ ଅଟକିଲ
ଭକ୍ତର ଭଗବାନ ବୋଲିତ ବୋଲଇଲ। (୧)
ପଦ୍ମ ପାଦରେ ତୁମ ଆଶା ରଖିଛି ଦୀନ
ଡାକଇ ନିତ୍ୟ ତୁମ ନାମକୁ ଜପି
ନଶୁଣିଲେ ଗୁହାରୀ ଅବସୋସରେ ମରି
କଳଙ୍କ ଦେବି ତୁମ ନାମରେ ଲେପି। (୨)
ଜଗତେ ଦୟାମୟ ତୁମେ ପରା ବୋଲାଅ
ନଶୁଣିଲେ ମୋ ଦୁଃଖ ଦୟାମୟ ନାମରେ
ଲାଗିଯିବ କଳଙ୍କ
ଟିକିଏ କର୍ଣ୍ଣପାତ କରହେ ଜଗନ୍ନାଥ
ଏତିକି ବିନତି ଅଟେ ମୋହରି । (୩)

*ଖୋର୍ଦ୍ଧା*
*ମୋ-୬୩୭୦୬୭୫୫୬୨*

## ଜୀବନ ଖୋଜୁଛି

**ଦୁର୍ଗାଚରଣ ଷଡ଼ଙ୍ଗୀ**



ଜୀବନକୁ ଆଡ଼ କରି କେତେ କେତେ ବାଗରେ ବଞ୍ଚିଲି
ଉଦ୍ଦାମତା ହେଲି
ଅସୁମାରୀ ଆଶା ସ୍ୱପ୍ନରେ ବାଲିଘର
ଯା'ଦିନେ ଗଢ଼ିଥିଲି ଅଜାଣତରେ
ତାକୁ ବି ଭାଙ୍ଗିଲି
ପାଣି ଫୋଟକା ପରି
ଦିନେ ସେ ସବୁ ମିଳେଇ ଗଲେ
ଜୀବନ ଦୁଃଖର ଦୀର୍ଘ ଶ୍ୱାସରେ ।

ଜୀବନ-ବାଲିଯାତ୍ରାର ଗୋଟେ ଧୂସର ପଡ଼ିଆ
ଅନେକ ବିପଣି
କିଣା ବିକାର ତାକ୍ ତରିକା ଖେଳ
ଅନେକ ସ୍ନେହର ଆଖି ଲାଖି ରହିଲା
ସ୍ମୃତିର ମାଟି କାନ୍ଥରେ ସାକ୍ଷୀଟିଏ ହୋଇ
ପ୍ରେମାସ୍ପଦ ଆଲିଙ୍ଗନରେ
ସେ ସବୁ ବି ଦିନେ ବତୁରିଗଲେ
ମୋ ଗାଁ ପ୍ରାଚୀ ନଈର ପାଣି ଧାରରେ।

ସେଇ ଜୀବନ ଏବେ ମେଲାଣି ମାଗୁଛି
ଦେହରୁ
ଆତ୍ମାରୁ
ପଞ୍ଚଭୂତରୁ
କ୍ୟାଲେଣ୍ଡରର ପୃଷ୍ଠା ସବୁ
କେବଳ ଯା ଓଲଟି ଯାଉଛି
ସମୟର ମିଛ ପ୍ରତିଶ୍ରୁତିରେ।

ଆଜି ଭାବୁଛି
ଯେତେ ଯାହା ସବୁ ଏ ଯାଏଁ ଅର୍ଜିଲି
ସେ' କ'ଣ ମୋ ଜୀବନ ଥିଲା !!

ଯୋଉ ଜୀବନକୁ ନେଇ ଏତେ ଦମ୍ଭ
ଏତେ ଉଲ୍ଲାସ
ଏତେ ସମ୍ମୋହନ
କୁରୁକ୍ଷେତ୍ରର ଘମାଘୋଟ କଳି - ତକରାଳ
ପଞ୍ଚଜନ୍ୟର ପ୍ରାଣଥରା ବ୍ରହ୍ମନାଦ
ସେ' କ'ଣ ଜୀବନ ଥିଲା ?

## ତୋ ବଡ଼ ଦାଣ୍ଡରେ

**ରତ୍ନପ୍ରଭା ବାଇ**



ତୋ ବଡ ଦାଣ୍ଡରେ ବୁଲୁଛି ଆଜିରେ
କରୁଣା ଭିକାରୀ ହୋଇ
ମୋ ଜୀବନ ପାତ୍ରେ ବିନ୍ଦୁଟିଏ ମାତ୍ର
କରୁଣା ଢାଳିଦେ ତୁହି ।

ଚଉବର୍ଗ ଦାନୀ ଜଗା କାଳିଆ ତୁ
ଭକତର ଗଳାମାଳି
ଯେ ଯାହା ମାଗିଲେ ନିରାଶ ନକରି
ଦେଇଥାଉ ବାହୁ ତୋଳି
ସେଇ ଆଶା ନେଇ ତୋ ବଡ ଦାଣ୍ଡକୁ
ଆସିଛି ଆଜି ମୁଁ ଧାଇଁ ।
କାଳିଆରେ- କରୁଣା ଢାଳି ଦେ ତୁହି-

ସାରା ଜୀବନ ମୁଁ ଦୁନିଆଁ ନିଆଁରେ
ଜାଣେନି ଜଳିଛି କେତେ
ସବୁ ଦୁଃଖ ମିଶି ଭିକାରି କରିଛି
ତୋ ବଡ ଦାଣ୍ଡରେ ମତେ
ଏତିକି କଥାରୁ ସବୁ ତୁ ବୁଝିବୁ
ଆଉ ମୁଁ ପାରୁନି କହି ।
କାଳିଆରେ-କରୁଣା ଢାଳିଦେ ତୁହି-

ବରଷକେ ଥରେ ବସି ତୁ ରଥରେ
ବଡ ଦାଣ୍ଡେ ଆସୁ ବୁଲି
ସିଂହ ଦୁଆରକୁ ଚାହିଁ ରହିଛି ମୁଁ,
ହାତେ ଧରି ଭିକ୍ଷା ଝୁଲି
ଦେଉଳୁ ବାହାରି ଅଣଦେଖା କରି
କେବେ ଚାଲିଯିବୁ ନାହିଁ ।।
କାଳିଆରେ- କରୁଣା ଢାଳି ଦେ ତୁହି ।

*ସମ୍ପାଦକ, ବର୍ଣ୍ଣାଳୀ ସାହିତ୍ୟ ସଂସଦ, ତାଳଚେର, ଅନୁଗୁଳ*
*ମୋ- ୯୩୩୭୯୭୨୭୪୯*

## ବଳି

**ତପନ ସାହୁ**

ମନ୍ଦିର ସିଡ଼ିରେ
ରକ୍ତର ଲାଲ ରେଖା,
ଆଉ କେହି କହେ-
ଏହା ଭକ୍ତିର ପ୍ରମାଣ।

ନିରୀହ ଆଖି ଦୁଇଟି
ମୃତ୍ୟୁ ପୂର୍ବରୁ ପଚାରିଥାଏ-
'ମୋ ପ୍ରାଣର ଦୋଷ କ'ଣ ଥିଲା ?'

ଯେଉଁ ଧର୍ମ
ଦୟାର ଦୀପ ଜଳାଏ,
ସେଠାରେ
ରକ୍ତର ନଦୀ କାହିଁକି ବହେ ?

ଦେବତା କେବେ
ପ୍ରାଣର ବିନିମୟ ମାଗନ୍ତି ନାହିଁ,
ମଣିଷର ଭୟ
ତାଙ୍କ ନାମରେ ତଲୱାର ଧରେ।

ବଳି ନୁହେଁ,
ବଳିଦାନ କର
ନିଜର ଅହଂକାର,
କ୍ରୋଧ, ଲୋଭ ଓ ହିଂସାକୁ।

ସେଇ ଦିନ
ମନ୍ଦିର ସତେଜ ହେବ,
ଯେଦିନ ବେଦୀରେ
ରକ୍ତ ନୁହେଁ,
କରୁଣାର ଫୁଲ ଫୁଟିବ।

*ବେଲଗାଁ, ବାରବନ୍ଧା,*
*ମ.ରାମପୁର, କଳାହାଣ୍ଡି*
*ମୋ-୯୦୧୯୩୧୧୮୬୮*

## କାଳିଆରେ ତୋ ବିନା କେହିନାହିଁ

**ଇତିଶ୍ରୀ ଦାଶ**



ଏଡ଼େ ବଡ଼ ଦୁନିଆରେ ତୋ ଛଡା କେ ନାହିଁ
କାଳିଆରେ କାଳିଆରେ ତୋ ବିନୁ କେ ନାହିଁ
ନିଳାମ୍ବର ପିତାମ୍ବର ପାଟ ବସ୍ତ୍ରଧାରୀ
ଅବ୍ୟକ୍ତ ଅପାର ତୋର କରୁଣାର ବାରି
ଜଗତ ଠାକୁର ତୁହି ବିଶ୍ୱରେ ବିଖ୍ୟାତ
ତୋହରି ଆଦେଶେ ସୂର୍ଯ୍ୟ ଚନ୍ଦ୍ର ଆତଯାତ
କାଳିଆରେ କାଳିଆରେ ତୁ ବିଶ୍ୱ ବିଖ୍ୟାତ
ଜୀବନଟା ଯେବେ ପାଣିର ଫୋଟକା
କେଉଁ ପଥେ କେବେ ମିଳି ଯିବ ଧୋକା
ନିଜ ପର ସବୁ ମିଛ ମାୟା ଜାଲେ ବନ୍ଧା
ମଣିଷ ଜୀବନଟା ଜଞ୍ଜାଳ ରଜ୍ଜୁରେ ଛନ୍ଦା
ସଂସାରରେ ତୁହି ଏକା ମୋ ପ୍ରିୟ ମିତ
ଜନମ ଜନମ ପାଇଁ ଗାଏ ତୋର ଗୀତ
କାଳିଆରେ କାଳିଆରେ ହେବୁ କି ମୋ ସଙ୍ଗାତ ।

*ପେଲେସ ଲାଇନ, ବଲାଙ୍ଗୀର*
*ମୋ-୭୬୦୫୯୯୦୫୦୦*

## ଆହେ ମହାବାହୁ

**ହେମନ୍ତ କୁମାର ଗନ୍ତାୟତ**

ଆହେ ମହାବାହୁ ତୁମେ ଥାଉ ଥାଉ
କାଆଗେ କହିବି ଦୁଃଖ ଆଉ
ସବୁତ ଜାଣିଛ ମଉନେ ବସିଛ
ତୁମ ଆଗେ ମୋ'ର ଦିନ ଯାଉ ।।
ଆହେ ମହାବାହୁ......
ଚାହିଁ ନାହିଁ ମୁହିଁ ରାଜ ସିଂହାସନ
ପ୍ରଭୁ ଚାହେଁ ନାହିଁ କଇବଲ୍ୟ
ମାଗି ନାହିଁ କେବେ ସ୍ୱର୍ଗ ସୁଖ ଭୋଗ
ମାଗି ନାହିଁ ମୋର କର୍ମ ମୂଲ୍ୟ ।।
ଆହେ ମହାବାହୁ......
ଜାଣେ ମୁଁ ପତିତ ତୁମର ହିଁ ଭୃତ୍ୟ
ନାଥ ମାଗିବି କାଆଗେ ଆଉ
ସବୁ ଆଶା ଛାଡ଼ି ବସିଛି ଦୁଆରେ
ଦୟାମୟ ବାରେ ଦୟା ହେଉ ।।
ଆହେ ମହାବାହୁ......

*ଅଧ୍ୟାପକ, ଖଇେଶ୍ୱରୀ ପାଟଣା,*
*ଆସିକା, ଗଞ୍ଜାମ*
*ମୋ-୯୮୬୧୩୩୪୮୬୮*

## ଶବ





**ଡ. ଚନ୍ଦ୍ରକଳା ନାୟକ**

ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳ କଳାପଥର ପାହାଡ ଓ ଖଣି ପାଇଁ ସାରା ରାଜ୍ୟରେ ପରିଚିତ। ଏଠାରେ ଅନେକ କଳାପଥର ପାହାଡ ରହିଛି। ସେହି ପାହାଡ ଗୁଡିକର ଗୋଟିଏ ଇତିହାସ ବି ରହିଛି। ଦିନେ ସେଠାରେ ବନ୍ୟପ୍ରାଣୀ ମାନଙ୍କ ଆବାସ ଥିଲା। ପାହାଡି ଝରଣା କୁଳୁ କୁଳୁ ନାଦରେ ଝରିଯାଉଥିଲା। ଜନସଂଖ୍ୟା ବୃଦ୍ଧି ଫଳରେ ଆଖପାଖରେ ଜନବସତି ଗଢି ଉଠିଲା। ବହୁ ପୂର୍ବରୁ କିନ୍ତୁ ସେଠାରେ ଅନେକ ମୂଳ ବାସିନ୍ଦା ମଧ୍ୟ ରହୁଥିଲେ। ଆଜି ସେହି ମୂଳ ବାସିନ୍ଦାଙ୍କୁ ଦେଖିଲେ ଲାଗୁଛି, ସେମାନଙ୍କ ଜୀବନ ଯେମିତି ଦୁର୍ବିସହ ପାଲଟି ଯାଇଛି।

ସରକାରଙ୍କ ବିଧି ବ୍ୟବସ୍ଥାର ଗଳାବାଟରେ ପାହାଡ ଗୁଡିକୁ ବଡ ବଡ କମ୍ପାନୀ ହାତରେ ଲିଜ୍ ସୂତ୍ରରେ ଟେକି ଦିଆଗଲା। ପାହାଡ ଗୁଡିକ ଧୀରେ ଧୀରେ ନିଜର ଅସ୍ତିତ୍ୱ ହରାଇ ଚାଲିଲେ। ଏ ବର୍ଷ ଖଣି ଖନନର ୩୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବିଶାଳ ସଭାର ଆୟୋଜନ ହୋଇଥିଲା। ମଞ୍ଚରେ ଅତିଥି ଥିଲେ ବଡ ନେତା ତଥା ଜନ ପ୍ରତିନିଧି, ଜିଲ୍ଲାର ଖଣି ଅଧିକାରୀ, ଖଣି କର୍ମଚାରୀ ଏବଂ ବଡ ବଡ କମ୍ପାନୀର ମାଲିକମାନେ । ସାମ୍ନାରେ ଏକ ବିଶାଳ ଜନସମୁଦ୍ର। ଜନସମୁଦ୍ରରେ ପରୋକ୍ଷ ବିସ୍ଥାପିତ ଏବଂ ପ୍ରତ୍ୟକ୍ଷ ବିସ୍ଥାପିତ ସହ ଥିଲେ ଏହି ପାହାଡ ଖନନରେ କ୍ଷତିଗ୍ରସ୍ତ ହେଉଥିବା ଲୋକେ। ସେହି ଜନତାଙ୍କ ପାଇଁ ଆଜିର ଏହି ଉତ୍ସବ। ସାଧାରଣ ମଣିଷମାନେ କେତେ ସହଜରେ ଏଭଳି ଭୋଜି ଭାତର ଆସରରେ ନିଜର ହକ୍‌କୁ ଭୁଲିଯାଇପାରନ୍ତି, ତାହା ସେମାନଙ୍କ କାର୍ଯ୍ୟ ଧାରାରୁ ପ୍ରତିଫଳିତ ହେଉଥିଲା।

ସାରା ବର୍ଷ ପଥର ବ୍ଲାଷ୍ଟିଂର କୁପ୍ରଭାବରେ ଏବଂ କ୍ରସରର ଧୂଳି ଧୂଆଁ ବିଷାକ୍ତ ପ୍ରଦୂଷଣରେ ଘାଣ୍ଟି ହେଉଥିବା ମଣିଷ ଗୁଡା ଆଜି ଭୋଜି ଭାତରେ ବିଭୋର ହେଉଥାନ୍ତି। ମଦ ମାଂସର ଆସର ଭିତରେ ନିଜର ସ୍ୱାଭିମାନକୁ ଭୁଲି ଯାଇଛନ୍ତି । ନିରୀହ ସାଧାରଣ ମଣିଷ ଗୁଡା ପ୍ରତିବାଦ କରିବାକୁ ରାହା କିମ୍ବା ସାହା ପାଇନଥାନ୍ତି। ଡିନାମାଇଟର ବିସ୍ଫୋରଣରେ ଜନଜୀବନ ଅସ୍ତବ୍ୟସ୍ତ। ସାଧାରଣ ଗରିବ ମଣିଷ କିଡ୍‌ନୀ ରୋଗରେ ପୀଡିତ। ଆଖପାଖ ୧୦ ଖଣ୍ଡ ଗାଁର ଭୂତଳ ଜଳ ପ୍ରଦୂଷିତ। କ୍ୟାନ୍‌ସର୍ ଭଳି ରୋଗରେ ଶହ ଶହ ସଂଖ୍ୟାରେ ସାଧାରଣ ଜନତା ଆକ୍ରାନ୍ତ। ଭୟଙ୍କର ବ୍ଲାଷ୍ଟିଂରେ ଘରଗୁଡିକର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ହେଲେ ଆଜି ସେଇ ମଣିଷ ଗୁଡାକ ପାଇଁ ଘାତକ ସାଜିଥିବା କମ୍ପାନୀ ଦ୍ୱାରା ବିଛା ହୋଇଥିବା ଲାଲ କାର୍ପେଟ୍‌ରେ ବସି, ଖାଦ୍ୟ ପେୟରେ ସେଇ ନିରୀହ ମଣିଷମାନେ ବିଭୋର ହେଉଛନ୍ତି। ତା ଭିତରୁ ମାଧ ମଳିକ ଅନ୍ୟତମ । ନିରୀହ ମାଧ ମଳିକ ସ୍ୱର ଖୋଲିଲେ ତା ଅବସ୍ଥା ବି ଶୋଚନୀୟ ହେବ।

> **ବିରାଟ ସଭାମଞ୍ଚ। ମଞ୍ଚରେ ଖାଲି ସତେଜ ଫୁଲର ଆସର। ଭଳିକି ଭଳି ଚାନ୍ଦୁଆ। ମଞ୍ଚରେ ରିମୋଟ୍ ସହାୟତାରେ ଶବ ଗୃହର ଲୋକାର୍ପଣର ଆରମ୍ଭ ହେଉଥିଲା। ସମସ୍ତ ଅତିଥିବୃନ୍ଦ ଖୁବ୍ ଚିତ୍କାର କରି ଏହି ଶୀତତାପ ଶବଗୃହ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରୁଥିଲେ। ଜନପ୍ରତିନିଧି କନ୍ତୁ ସମସ୍ତ ଶ୍ରେୟ ଏକାକୀ ନେବାକୁ ଚାହୁଁଥିଲେ। ଶାସକ ଦଳର ମୁଖ୍ୟ ନେତା ଭାବେ ତାଙ୍କ ମୁଖ ମଣ୍ଡଳରୁ ହସ ପ୍ରସ୍ଫୁଟିତ ହେଉଥିଲା। କିନ୍ତୁ ମନରେ ଏକ ରହସ୍ୟମୟ ହସ ଥିଲା।**

ବଡ ବଡ କମ୍ପାନୀ ତାଙ୍କର ସାମାଜିକ ଦାୟିତ୍ୱବୋଧ ପାଇଁ କେତେ ପ୍ରତିବଦ୍ଧତାର ପରିଚୟ ପ୍ରଦାନ କରୁଛନ୍ତି । ତାର ପ୍ରମାଣ ଏ ବର୍ଷର ଆୟୋଜିତ ହୋଇଥିବା ଏହି ସଭାରୁ ଜଣାପଡୁଥିଲା। ପ୍ରତିବର୍ଷ ଏ ନିରୀହ ମଣିଷ ମାନଙ୍କ ପାଇଁ ଏମିତି ଗୋଟିଏ ଦିନ ଆସେ। ଏ ବର୍ଷ ଏକ ନୂତନ ଅଧ୍ୟାୟ ଯୋଡି ହେବାକୁ ଯାଉଛି। କମ୍ପାନୀ ଦ୍ୱାରା ଶୀତତାପ ନିୟନ୍ତ୍ରିତ ଶବଗୃହ ଉଦ୍‌ଘାଟିତ ହେବାକୁ ଯାଉଛି। ତାସହ ଶବ ପୋଡିବା ପାଇଁ ବିଦ୍ୟୁତ ଚୁଲାର ସୁବନ୍ଦୋବସ୍ତ ବି କରାଯାଇଛି।

ବିରାଟ ସଭାମଞ୍ଚ। ମଞ୍ଚରେ ଖାଲି ସତେଜ ଫୁଲର ଆସର। ଭଳିକି ଭଳି ଚାନ୍ଦୁଆ। ମଞ୍ଚରେ ରିମୋଟ୍ ସହାୟତାରେ ଶବ ଗୃହର ଲୋକାର୍ପଣର ଆରମ୍ଭ ହେଉଥିଲା। ସମସ୍ତ ଅତିଥିବୃନ୍ଦ ଖୁବ୍ ଚିତ୍କାର କରି ଏହି ଶୀତତାପ ଶବଗୃହ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରୁଥିଲେ। ଜନପ୍ରତିନିଧି କନ୍ତୁ ସମସ୍ତ ଶ୍ରେୟ ଏକାକୀ ନେବାକୁ ଚାହୁଁଥିଲେ। ଶାସକ ଦଳର ମୁଖ୍ୟ ନେତା ଭାବେ ତାଙ୍କ ମୁଖ ମଣ୍ଡଳରୁ ହସ ପ୍ରସ୍ଫୁଟିତ ହେଉଥିଲା। କିନ୍ତୁ ମନରେ ଏକ ରହସ୍ୟମୟ ହସ ଥିଲା। କିଛି ଅସମାହିତ ପ୍ରଶ୍ନ ତାଙ୍କ ମନରେ ଉଙ୍କି ମାରୁଥିଲା। କିଛି ଗୋଟାଏ ସନ୍ଦେହ ତାଙ୍କ ମନରେ ଘନୀଭୂତ ହେଉଥିଲା। ମନର ସଂଶୟ ଦୂର କରିବାକୁ ଯାଇ ପାଖରେ ବସିଥିବା ଖଣି ଅଧିକାରୀଙ୍କୁ ପଚାରିଲେ- 'ହଇଓ ନରେଶ ବାବୁ ଏ ଶବଗୃହର ରହସ୍ୟ କଣ କହିଲେ ? ଏଭଳି ଏକ ଖଣି ଅଞ୍ଚଳରେ ଏ ଶବ ଗୃହ କରିବାର ପ୍ରସ୍ତାବ ଆପଣଙ୍କୁ କିଏ ଦେଲା ? ଆଛା କହିଲେ, ଏତେ ଶବ କୋଉଠୁ ଆସିବେ।' ନରେଶ ବାବୁ ମୁହଁକୁ ଚାପି ମୁରୁକି ହସା ମାରିଲେ। ଜନପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଲେ ଯେ, 'ସାର୍ ଆସିବେ ନାଁ, ଶବ ନିଶ୍ଚୟ ଆସିବେ। ଆସିବେ ବୋଲି ତ ମୁଁ ଏଥର ଏ ବ୍ୟବସ୍ଥା କରିଛି। ଗତବର୍ଷ ଏଥିପାଇଁ ଭାରି ହଇରାଣ ହେଲି ସାର୍। ଶବଗୃହ ନଥିବାରୁ ଏବଂ ବିଦ୍ୟୁତ ଚୁଲା ନଥିବାରୁ ବ୍ଲାଷ୍ଟିଂରେ ମରିଥିବା ନିରୀହ ଶ୍ରମିକ ଗୁଡାକ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିଲା। କମ୍ପାନୀ ଟଙ୍କା ସେମାନଙ୍କ ହାତକୁ ଗଲେ ଆମର ଲାଭ କଣ ? ସେ ଟଙ୍କା ମୋ ପକେଟ୍‌କୁ ସିନା ଆସିଲେ, ମୁଁ ଆପଣଙ୍କୁ ସନ୍ତୁଷ୍ଟ କରିବି। ନଚେତ୍ ଆପଣଙ୍କୁ କେମିତି ସନ୍ତୁଷ୍ଟ କରିବି ? ଏମିତି ବି ସାର୍ ଜାଣିଛନ୍ତି ତ, ଏଥର ବନ୍ଦ ଥିବା ଖଣି ଗୁଡିକୁ ପୁନର୍ବାର ଲିଜ୍ ଦେବାର ବନ୍ଦୋବସ୍ତ କରିଛି। କମ୍ପାନୀ ବି ବଢିବ। କମ୍ପାନୀ ସଂପ୍ରସାରିତ ହେବ। ଗାଡି ସଂଖ୍ୟା ବଢିବ। ବ୍ଲାଷ୍ଟିଂ ବି ବଢିବ। ତା ସହ ଶବ ସଂଖ୍ୟା ବି ବଢିବ।' ମୁଂଚୁକୁନ୍ଦ ହସ ହସି ଖଣି ଅଧିକାରୀ ଜନପ୍ରତିନିଧିଙ୍କୁ ପକେଟ୍ ଗରମର ସରଳ ମନ୍ତ୍ର ଶୁଣାଇ ସବୁ ଅସମାହିତ ପ୍ରଶ୍ନର ଉତ୍ତର ଦେଇଦେଲେ। ଉପରକୁ ଆଖି ଫେଡି ଦେଖିଲେ ସେଇ ବିଶାଳ ଜନସମୁଦ୍ର। ମଦ ମାଂସର ଏହି ଆସରର ଜନତା ବି ଖୁସ୍, ନେତା ବି ଖୁସ୍।

ପ୍ରବଳ କରତାଳିରେ ସାରା ଧର୍ମଶାଳାର ସେଇ ଖଣି ଅଞ୍ଚଳଟା ପ୍ରକମ୍ପିତ ହେଉଥିଲା। ସେଇ କରତାଳି ଦେଇ ବିମୋହିତ ହେଉଥିବା ଲୋକ ମାନଙ୍କ ମଧ୍ୟରେ ଥିଲେ ଆସନ୍ତା କାଲିର ଶବମାନେ। ହୁଏତ ଲାଗୁଥିଲା, ମରଣ ପରେ ଶୀତତାପ ନିୟନ୍ତ୍ରିତ ଶବ ଗୃହ ଭିତରେ ରହିବାର ସ୍ୱପ୍ନରେ ବିଭୋର ଥିଲେ ସେମାନେ।

*ଭୁବନପୁର, ମଧୁପୁରଗଡ,*
*ଜେନାପୁର, ଯାଜପୁର*
*ମୋ-୯୪୩୭୯୫୭୬୧୭*



## ଦଗ୍ଧ ଚନ୍ଦ୍ରମା

**ଚନ୍ଦନ କୁମାର ଦାସ**

ନୀଳ ଆକାଶ କୂଳରେ
ଲେଉଟା ସାୟାହ୍ନର ଛାୟାର୍ଦ୍ର ଦାଗ
କାହାର ଉତ୍ତପ୍ତ ଉଶ୍ୱାସରେ ଝରିପଡ଼ିଛି
ମଧୁମାଳତିର ସାଇତା ସ୍ୱପ୍ନର ରଂଗ
ସଂପର୍କର ଫିକା ଲଫାପାରେ
ଆତ୍ମୀୟତାର ସୁଗନ୍ଧ ଖୋଜୁ ଖୋଜୁ
ଶବ୍ଦସବୁ ଲୁହର ତର୍ପଣ ସାରି ଫେରିଯାଆନ୍ତି
ଗୋଟିଏ ନିବୁଜ ପାଖୁଡ଼ାର ଅଫେରା ଇତିହାସକୁ

ଏଠି ବର୍ଷା ମିଛ, ଶୀତ ମିଛ
ମିଛ ପୁଣି ବସନ୍ତର ଆଶ୍ୱାସନା
ଜହ୍ନ ବା କେମିତି ମେଣ୍ଟାଇ ପାରିବ
ଚକୋରର ତୃଷ୍ଣା ... !
ସଫେଦ କଇଁର ଶୁଭ୍ର ପାଖୁଡ଼ା ତଳେ ନିଇତି
ମରିଯାଏ ତା ପ୍ରତୀକ୍ଷାର ପ୍ରଣୟୀ ପିପାସା
ଆଶାର ଗାଲିଚା ପରେ ବର୍ଷ ସାରା
ବହୁଥାଏ ବୈଶାଖର ବେପଥୁ ଈର୍ଷା

ଶୂନ୍ୟତାର ଛାତି ଚିରି
ନିରବରେ ତରଳୁଛି ଏଠି
ଗୋଟିଏ ଗୋଟିଏ ଧୂସର ସହର
ଯେଉଁ ସହରର ରାଜ ରାସ୍ତାରେ
ଆକାଶକୁ ପିଠି କରି
ଜହ୍ନ ଝରାଏ ନିଇତି
ତା ବ୍ୟଥାର ଦଗ୍ଧ ପ୍ରହର।



*ଭୋଗରାଇ, ବାଲେଶ୍ୱର*
*ଦୂ.ଭା-୮୧୧୪୩୪୫୯୮୮*

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୮ ଜୁଲାଇ ୨୦୨୬ ଶନିବାର





# ମିଶନ ଶକ୍ତି ଓ ଇକ୍ରିସାଟ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ଦ୍ୱାରା ପରିଚାଳିତ କୃଷି ଉଦ୍ୟୋଗକୁ ଅଧିକ ସୁଦୃଢ଼ କରିବା ଏବଂ ସେମାନଙ୍କ ଜୀବିକାରେ ସ୍ଥାୟୀ ଉନ୍ନତି ଆଣିବା ଲକ୍ଷ୍ୟରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ମିଶନ ଶକ୍ତି ବିଭାଗ ଓ ଅନ୍ତର୍ଜାତୀୟ କୃଷି ଅନୁସନ୍ଧାନ ସଂସ୍ଥା 'ଇକ୍ରିସାଟ୍' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏହି ଐତିହାସିକ ଚୁକ୍ତି ସମ୍ପାଦିତ ହୋଇଛି।

ଏହି ଅବସରରେ ମତ ରଖି ଶ୍ରୀମତୀ ନିମ୍ଭାଲ କହିଛନ୍ତି ଯେ, ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନକୁ ସାମ୍ନା କରିବା ପାଇଁ ମହିଳା କୃଷିମାନଙ୍କୁ ଆଧୁନିକ ଜ୍ଞାନକୌଶଳ, ବୈଜ୍ଞାନିକ ପ୍ରଯୁକ୍ତି ଏବଂ ବଜାର ସହ ସଂଯୋଗ କରିବା ଅତ୍ୟନ୍ତ ଜରୁରୀ। ଇକ୍ରିସାଟ୍ ସହ ଏହି ସହଭାଗିତା ରାଜ୍ୟର ଲକ୍ଷାଧିକ ଏସ୍.ଏଚ୍.ଜି ସଦସ୍ୟାଙ୍କୁ କୃଷି କ୍ଷେତ୍ରରେ ଅଧିକ ସକ୍ଷମ କରିବ। ଏହି ପଦକ୍ଷେପ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ 'ଲକ୍ଷପତି ଦିଦି', 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା'ର ଲକ୍ଷ୍ୟ ହାସଲରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।ଏହି ବୁଝାମଣାପତ୍ର ଅନୁଯାୟୀ, ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ କୃଷି-ଆଧାରିତ ପ୍ରକଳ୍ପ ହାତକୁ ନିଆଯିବ।

ସୂଚନାଯୋଗ୍ୟ ଯେ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଜଳାଶୟଗୁଡ଼ିକରେ ଥିବା ଦଳଜାତୀୟ ଗୁଳ୍ମକୁ ସଫା କରି ସେଥିରୁ ମୂଲ୍ୟ ସଂଯୋଜିତ ଉତ୍ପାଦ ପ୍ରସ୍ତୁତ କରାଯିବ, ଯାହା ମହିଳାଙ୍କ ପାଇଁ ସ୍ଥାୟୀ ଜୀବିକାର ପନ୍ଥା ହେବା ସହ ଜଳାଶୟଗୁଡ଼ିକର ପରିବେଶକୁ ସୁରକ୍ଷିତ ରଖିବ। ସେହିପରି ରାୟଗଡ଼ା ଜିଲ୍ଲାରେ ଉପଲବ୍ଧ କପା ଓ ହରଡ଼ ଡାଳରୁ ବାୟୋଚାର ପ୍ରସ୍ତୁତିକୁ ପ୍ରୋତ୍ସାହନ ଦିଆଯିବ, ଯାହା ମୃତିକାର ଉର୍ବରତା ବୃଦ୍ଧି ଏବଂ କାର୍ବନ ସଂରକ୍ଷଣରେ ସହାୟକ ହେବ। ଏହାବ୍ୟତୀତ ତିନୋଟି ଯାକ ଜିଲ୍ଲାରେ ଉନ୍ନତମାନର ଗ୍ରାଫଟ୍ରେଡ୍ ପନିପରିବା ଚାରା ଚାଷକୁ ବ୍ୟାପକ କରାଯିବ। ଏହି ସହଯୋଗ ମାଧ୍ୟମରେ ମହିଳାମାନଙ୍କୁ ମାଣ୍ଡିଆ, ଡାଲିଜାତୀୟ ଫସଲ, ତୈଳବୀଜ ଏବଂ ପ୍ରାକୃତିକ କୃଷି ପଦ୍ଧତି ଉପରେ ପ୍ରଶିକ୍ଷଣ ଦିଆଯିବା ସହ ଇକ୍ରିସାଟ୍ ଦ୍ୱାରା ବିକଶିତ ଜଳବାୟୁ-ସ୍ମାର୍ଟ କୃଷି ପ୍ରଯୁକ୍ତି, ଡିଜିଟାଲ କୃଷି ପରାମର୍ଶ ଏବଂ ଉନ୍ନତ ବିହନ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ। ଏଥିସହ ଉତ୍ପାଦର ପ୍ୟାକେଜିଂ, ବ୍ରାଣ୍ଡିଂ ଏବଂ ବଜାର ସଂଯୋଗକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ବୈଷୟିକ ଓ ବ୍ୟବସାୟିକ ସହାୟତା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ଇକ୍ରିସାଟ୍ ର ଡେପୁଟୀ ଡିରେକ୍ଟର ଜେନେରାଲ ଡାଃ ଷ୍ଟାନଫୋର୍ଡ ବ୍ଲେଡଙ୍କ ସମେତ ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଏବଂ ଇକ୍ରିସାଟ୍ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାର ୭...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିୟାଣାର ଜିନ୍ଦରେ ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜନତାଙ୍କୁ ସମ୍ବୋଧିତ କରି ସେ କହି ଛନ୍ତି , "ମୁଁ ଏଠାରେ ଉପସ୍ଥିତ ହୋଇ ଆନନ୍ଦିତ। ମୁଁ ସ୍ୱଚ୍ଛ ଗତିଶୀଳତା, ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା ଏବଂ ସାଂସ୍କୃତିକ ଐତିହ୍ୟକୁ ସୁଦୃଢ଼ କରୁଥିବା ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ଅବସରରେ କହୁଛି। ଏହି ସବୁ ଜୀବନଯାପନର ସହଜତାକୁ ଉନ୍ନତ କରିବ ଏବଂ ହରିୟାଣାର ବିକାଶକୁ ତ୍ୱରାନ୍ୱିତ କରିବ।"

ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନକୁ ପତାକା ଦେଖାଇ ପ୍ରଧାନମନ୍ତ୍ରୀ ମୋଦୀ ଜିନ୍ଦରେ ଏକ ସାଧାରଣ ସଭାରେ କହିଥିଲେ, "ଭବିଷ୍ୟତରେ, ଯେତେବେଳେ ହାଇଡ୍ରୋଜେନ୍ ଟ୍ରେନର କଥା ଉଠାଯିବ, ଜିନ୍ଦ, ସୋନିପତ ଏବଂ ହରିୟାଣାର ନାମ ସର୍ବାଗ୍ରେ ରହିବ। ଭାରତୀୟ ରେଳବାଇ ଦ୍ୱାରା ଆଧୁନିକୀକରଣ ଦିଗରେ ଏହି ପ୍ରମୁଖ ପଦକ୍ଷେପ ପାଇଁ ମୁଁ ଆପଣମାନଙ୍କୁ ଏବଂ ସମଗ୍ର ଦେଶକୁ ଅଭିନନ୍ଦନ ଜଣାଉଛି।" ସେ କହିଥିଲେ ଯେ ହାଇଡ୍ରୋଜେନ୍ ଟ୍ରେନ ଦେଶରେ ଉତ୍ସାହ ସୃଷ୍ଟି କରିଛି ଏବଂ ଏହା ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ବଡ଼ ଦିନ।

ଜିନ୍ଦରୁ ସୋନିପତ ପର୍ଯ୍ୟନ୍ତ ଚାଲୁଥିବା ହାଇଡ୍ରୋଜେନ୍ ଟ୍ରେନ ବିଶ୍ୱର ସବୁଠାରୁ ବଡ଼ ପାୱାର ଟ୍ରେନ। ଏହି ହାଇଡ୍ରୋଜେନ୍ ଟ୍ରେନ ମେକ୍ ଇନ୍ ଇଣ୍ଡିଆର ଏକ ମହାନ ଉଦାହରଣ।

ଏହି ଟ୍ରେନ ଜିନ୍ଦ ଏବଂ ସୋନିପତ ରେଳ ଷ୍ଟେସନ ମଧ୍ୟରେ ଚାଲିବ। ଏହି ସ୍ୱତନ୍ତ୍ର ଟ୍ରେନଟି ଅନେକ ସୁରକ୍ଷା ବ୍ୟବସ୍ଥା ସହିତ ସଜ୍ଜିତ ହୋଇଛି। ତାଙ୍କର ଜିନ୍ଦ ଗସ୍ତ ପୁରୁଣା ସ୍ମୃତିକୁ ପୁନର୍ଜୀବିତ କରିବା ଭଳି ଥିଲା। ଜିନ୍ଦରେ ତାଙ୍କ ଅଭିଭାଷଣ ସମୟରେ, ସେ ଆମେରିକା-ଇରାନ ଯୁଦ୍ଧର ମଧ୍ୟ ଉଲ୍ଲେଖ କରିଥିଲେ, ଉଲ୍ଲେଖ କରିଥିଲେ ଯେ ଏହି ଯୁଦ୍ଧ ହର୍ମୁଜ୍ ପ୍ରଣାଳୀକୁ ପ୍ରଭାବିତ କରିଛି।

### ଶିଶୁ ଦୁଷ୍କର୍ମ ...

ପ୍ରଧାନ ବିଚାରପତି କହିଥିଲେ, ଯଦି ହସ୍ପିଟାଲରେ ଆବଶ୍ୟକ ସୁବିଧା ନ ଥିଲା, ତେବେ ଶିଶୁଟିକୁ ଅନ୍ୟ ହସ୍ପିଟାଲକୁ ପହଞ୍ଚାଇବାର ବ୍ୟବସ୍ଥା କରିବା ଉଚିତ ଥିଲା। ସମ୍ବେଦନଶୀଳତାର ଅଭାବ ଯୋଗୁଁ ଏଭଳି ଘଟଣା ଘଟିଛି। ଦଣ୍ଡ ସ୍ୱରୂପ ପୀଡ଼ିତାଙ୍କ ପରିବାରକୁ ସ୍ୱେଚ୍ଛାକୃତ ଆର୍ଥିକ ସହାୟତା ଦେବାକୁ ହସ୍ପିଟାଲଗୁଡ଼ିକୁ କୁହାଯାଇଛି। ତାହା ନ କଲେ ଆଦାଲତ ଖର୍ଚ୍ଚ ଆଦାୟ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଏହି ମାମଲାରେ ସ୍ଥାନୀୟ ପୁଲିସର ଭୂମିକାକୁ ନେଇ ମଧ୍ୟ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରିବାର ପକ୍ଷରୁ ତୁରନ୍ତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ମାମଲା ରୁଜୁ କରି ନ ଥିଲା। ବରଂ ପରିବାର ସହ ଅସହ୍ୟ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ପରେ ବିବାଦ ବଢ଼ିବା ପରେ ମାର୍ଚ୍ଚ ୧୭ରେ ଏଫ୍ଆଇଆର୍ ରୁଜୁ ହୋଇଥିଲା ଏବଂ ପରଦିନ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ତେବେ ଏଫ୍ଆଇଆରରେ ପୋକ୍ସୋ ଆଇନ ଓ ଦୁଷ୍କର୍ମ ସମ୍ପର୍କିତ ଧାରା ଉଲ୍ଲେଖ ନ ଥିବାକୁ ମଧ୍ୟ ଆଦାଲତ ଏହାକୁ ଗୁରୁତର ବିଷୟ ବୋଲି ଦର୍ଶାଇଛନ୍ତି।

### ଏନଡ଼ିଏ ସଂସଦୀୟ ...

ତୃଣମୂଳ କଂଗ୍ରେସ ସାଂସଦଙ୍କୁ ସରକାରୀ ସ୍ୱୀକୃତି ମିଳିବ। ଯଦି ସେମିତି ହୁଏ ସର୍ବ ଦଳୀୟ ବୈଠକକୁ ମଧ୍ୟ ଉକ୍ତ ଦଳକୁ ନିମନ୍ତ୍ରଣ କରାଯିବ। ଅନ୍ୟପକ୍ଷେ ଶୁକ୍ରବାର ଦିନରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବାସଭବନରେ ଏକ ଉଚ୍ଚ ସ୍ତରୀୟ ବୈଠକ କରିଛନ୍ତି । ଆସନ୍ତା ମୌସୁମୀ ଅଧିବେଶନରେ ଏନଡିଏର ରଣନୀତି କ'ଣ ରହିବ ସେନେଇ ଏହି ବୈଠକରେ ଆଲୋଚନା ହୋଇଛି।

### ଯୁଦ୍ଧର ଘନଘଟା ...

ଅଭିବୃଦ୍ଧି ହାର ୭.୭ ପ୍ରତିଶତ ରହିବ ବୋଲି ଅସ୍ଥାୟୀ ଆକଳନ କରିଥିବାରୁ କୋଭିଡ୍-୧୯ ପରେ ଭାରତୀୟ ଅର୍ଥନୀତିର ଦୃଢ଼ ପୁନରୁଦ୍ଧାର ସମ୍ଭବ ବୋଲି ନିଶ୍ଚିତ ମନେ ହେଉଥିଲା । ଆମେ ଲକ୍ଷ୍ୟ କରିଛେ ଯେ,ଏହା ପୂର୍ବରୁ ୨୦୨୩-୨୪ ଏବଂ ୨୦୨୪-୨୫ରେ ଯଥାକ୍ରମେ ୭.୨ ଏବଂ ୭.୧ ପ୍ରତିଶତ ପ୍ରକୃତ ଜିଡିପି ଅଭିବୃଦ୍ଧି ହୋଇଥିଲା। ୨୦୨୫-୨୬ରେ ପ୍ରକୃତ 'ମୋଟ ମୂଲ୍ୟ ସଂଯୋଜିତ' (ଜିଭିଏ) ଅଭିବୃଦ୍ଧି ୭.୯ ପ୍ରତିଶତ ସହିତ ଅଧିକ ପ୍ରଭାବଶାଳୀ ରହିଥିଲା। ଉତ୍ପାଦନ, ବାଣିଜ୍ୟ, ପରିବହନ, ଆର୍ଥିକ ଏବଂ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରଗୁଡ଼ିକର ଅଭିବୃଦ୍ଧି ହାର ୧୦ ପ୍ରତିଶତ ଅତିକ୍ରମ କରିଥିଲା। ୮.୯ ପ୍ରତିଶତ ନାମମାତ୍ର ଜିଡିପି ଅଭିବୃଦ୍ଧି ସହିତ ୨୦୨୫-୨୬ରେ ଅନ୍ତର୍ନିହିତ ମୂଲ୍ୟ ଆଧାରିତ ମୁଦ୍ରାସ୍ଫୀତି ହାର ୧.୧ ପ୍ରତିଶତ ରହିଥିଲା।

### ନୌସେନାକୁ ମିଳିଲା...

ଏହି ସଫଳତାକୁ ନେଇ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଜିଓ ଗୋର ଖୁସି ବ୍ୟକ୍ତ କରିବା ସହ ଏହା ଇଣ୍ଡୋ-ପ୍ୟାସିଫିକ୍ (ଭାରତ-ପ୍ରଶାନ୍ତ ମହାସାଗରୀୟ) କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ବୋଲି କହିଛନ୍ତି।

### ଆଉ ୩ ଦିନ...

ନୟାଗଡ଼, ବୌଦ୍ଧ, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତା ୨୦ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ଲହରୀ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଦେଶରେ ପୁଣି ...

ପରୀକ୍ଷା କରାଯାଇଥିଲା, ଯାହା ମଧ୍ୟରୁ ୧୨ ଜଣଙ୍କ ପଜିଟିଭ୍ ପରୀକ୍ଷା କରାଯାଇଥିଲା। ୧୨ ତମ ମାମଲା ତାମିଲନାଡୁର ଭେଲୋରର ଖ୍ରୀଷ୍ଟିଆନ୍ ମେଡିକାଲ୍ କଲେଜରେ ମିଳିଛି। ୧୨ ସଂକ୍ରମିତ ରୋଗୀଙ୍କ ମଧ୍ୟରୁ ତିନି ଜଣ ସଙ୍ଗରୋଧରେ ଅଛନ୍ତି। ଦୁଇଜଣ ହସ୍ପିଟାଲର ଚିକିତ୍ସାଧୀନ ଅଛନ୍ତି। ତିନି ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଚାରି ଜଣଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ପୂର୍ବରୁ ସମସ୍ତ ଚାରି ଜଣ ଅସୁସ୍ଥ ଥିଲେ। ସେମାନେ ଉଚ୍ଚ ରକ୍ତଚାପ, ମଧୁମେହ ଏବଂ କିଡନୀ ରୋଗ ସମେତ ଗମ୍ଭୀର ରୋଗରେ ପୀଡିତ ଥିଲେ। ମୃତକଙ୍କ ମଧ୍ୟରୁ ତିନି ଜଣ କଡାପାରୁ ଏବଂ ଜଣେ କାକିନାଡାରୁ ଆସିଥିଲେ। କଡାପା ସ୍ଥିତ ହସ୍ପିଟାଲରେ ଏକ କରୋନା ୱାର୍ଡ ସ୍ଥାପନ କରାଯାଇଛି।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା



**ବାରିପଦା, ନ୍ୟୁଜ ବ୍ୟୁରୋ**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରାର ଶୁକ୍ରବାର ପ୍ରଥମ ଦିନରେ ପ୍ରଥମେ ବଳଭଦ୍ରଙ୍କ ୧୪ ଚକ ବିଶିଷ୍ଟ ତାଳଧ୍ୱଜ ରଥକୁ ହଜାରହଜାର ଭକ୍ତ ଶ୍ରୀ ମନ୍ଦିର ନିକଟ ରଥ ଖଳାରୁ ଟାଣି ନେଇ ରାଧା ମୋହନ ମନ୍ଦିର ଠାରେ ଥିବା ଗୁଣ୍ଡିଚା ମନ୍ଦିର ଆଗରେ ପହଞ୍ଚାଇ ଥିଲେ। ପରେ ପରେ ଦେବି ସୁଭଦ୍ରାଙ୍କର ୧୨ ଚକ ବିଶିଷ୍ଟ ଦେବଦଳନ ରଥକୁ ପରମ୍ପରା ମୁତାବକ କେବଳ ମହିଳା ଭକ୍ତମାନେ ଟାଣିନେଇ ଅଧାବାଟରେ ଅର୍ଥାତ ବାରିପଦା ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ। ଶୁକ୍ରବାର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୁରଭଞ୍ଜ ଜିଲାପାଳ ହେମକାନ୍ତ ସୟ, ମୟୁରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ରଥ ଟାଣିଥିଲେ।

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ପରମ୍ପରା ମୁତାବକ ଦେବି ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳାମାନେ ଟାଣିଥାନ୍ତି। ଏହି ପରମ୍ପରା ୧୯୭୫ ମସିହାରୁ ପ୍ରଚଳିତ ଅଛି। ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଥିଲେ। ମହିଳାମାନଙ୍କୁ ଅଗ୍ରାଧିକାର ଦେଇ ସେମାନଙ୍କୁ ସଶକ୍ତ କରାଯିବା ପାଇଁ ବାରିପଦା ମାଟିରୁ ଆରମ୍ଭ ହୋଇଥିବା ଏହି ପରମ୍ପରା ଅଦ୍ୟାବଧି ଚାଲୁ ରହିଛି। ତେବେ ରଥଟଣା ବେଳେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ରଥ ସମ୍ମୁଖରେ ଅନେକ ଭକ୍ତ ଖୋଳ କୀର୍ତ୍ତନ, ଶଙ୍ଖ ହୁଳହୁଳି, ଓଡିଶୀ ନୃତ୍ୟ ସହିତ ଆଦିବାସୀ ନୃତ୍ୟ, ଯୁବ ଗୋଷ୍ଠୀଙ୍କ ପିରାମିଡ଼ ଖେଳ ଭଳି କାର୍ଯ୍ୟକ୍ରମ ମାନ ଦେଖିବାକୁ ମିଳିଥିଲା। ରଥ ଉପରେ ଘଣ୍ଟୁଆଙ୍କ ଘଣ୍ଟ ଶବ୍ଦ ସହ ପଣ୍ଡିତ ଭାଗବତ ପଣ୍ଡାଙ୍କ ଧରାବିବରଣୀ ଏବଂ ଜୟ ଜଗନ୍ନାଥ ତାଳରେ ରଥ ଆଗକୁ ବଢ଼ି ଚାଲିଥିଲା। ସେହିପରି ଜଗନ୍ନାଥ ମନ୍ଦିର, ଏମପିସି କଲେଜ ଏବଂ ମାଉସୀ ବାଡ଼ି ନିକଟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଖୋଲାଯାଇଥିବା କେନ୍ଦ୍ର ଗୁଡିକରେ ବହୁ ବକ୍ତା ଉପସ୍ଥିତ ରହି ଧାରା ବିବରଣୀ ପ୍ରଦାନ କରିଥିଲେ. ଯାହା ସମଗ୍ର ବଡ଼ ଦାଣ୍ଡକୁ ଭକ୍ତି ଭାବମୟ କରିଦେଇଥିଲା। ସେହିପରି ସମଗ୍ର ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ତରଫରୁ ପାନୀୟ ଜଳ, ସର୍ବତ, ଜଳଖିଆ, ଅନ୍ନଭୋଗ ଆଦି ଭକ୍ତଙ୍କ ପାଇଁ ବଣ୍ଟନ କରାଯାଇଥିଲା। ବାରିପଦାରେ ପ୍ରବଳ ଗୁଳୁଗୁଳି ଲାଗି ରହି ଥିବାରୁ ଅଗ୍ନି ଶମ ବିଭାଗ ତରଫରୁ ଭକ୍ତଙ୍କ ଉପରେ ଜଳ ସିଞ୍ଚନ କରାଯାଇ ଥିଲା।

ତେବେ ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସହରର ପ୍ରତି ପ୍ରବେଶ ଏବଂ ପ୍ରସ୍ଥାନ ପଥରେ ପୋଲିସ ମୁତୟନ ହୋଇଥିବା ବେଳେ, ସମସ୍ତ ଅଗନ୍ତୁକ ତଥା ଯାନ ବାହନ ଉପରେ କଡା ନଜର ରଖଯାଇଛି। ଚଳିତ ବର୍ଷ ରଥଯାତ୍ରା ମେଳାରେ ଦୋଳି ସହିତ ବିଭିନ୍ନ ଆମୋଦ ପ୍ରମୋଦ ଏବଂ ଘର କରଣା ଜିନିଷର ଦୋକାନ ଲାଗିଛି। ଏଣୁ କେବଳ ରଥ ଟଣା ନୁହେଁ ମେଳାରେ ମଧ୍ୟ ବ୍ୟାପକ ଭିଡ଼ ପରିଲକ୍ଷିତ ହେଉଛି।

# ପବିତ୍ର ରଥଯାତ୍ରାର ଅବସରରେ 'ସ୍ୱଶକ୍ତି ମାର୍ଟ'ର ଶୁଭ ଉଦ୍ଘାଟନ



**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ପବିତ୍ର ରଥଯାତ୍ରା ଅବସରରେ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ତାହାର ଆଦିତ୍ୟ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ କମ୍ୟୁନିଟି ଅଧୀନରେ ଆଦିତ୍ୟ ଟାଉନସିପ୍ ମାର୍କେଟ କମ୍ପ୍ଲେକ୍ସରେ 'ସ୍ୱଶକ୍ତି ମାର୍ଟ'ର ଶୁଭ ଉଦ୍ଘାଟନ କରାଯାଇଛି । ଏହି ପଦକ୍ଷେପ ଗ୍ରାମୀଣ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଶକ୍ତ କରିବା ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ। ଏହା ମାଧ୍ୟମରେ ସେମାନଙ୍କୁ ନିଜସ୍ୱ ଉତ୍ପାଦର ପ୍ରଦର୍ଶନ, ପ୍ରଚାର ଏବଂ ବିପଣନ ପାଇଁ ଏକ ସ୍ଥାୟୀ ବଜାର ମଞ୍ଚ ପ୍ରଦାନ କରାଯାଇଛି, ଯାହା ସେମାନଙ୍କର ନିରନ୍ତର ଜୀବିକା ସୃଷ୍ଟିରେ ସହାୟକ ହେବ।

ସ୍ୱଶକ୍ତି ମାର୍ଟରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ବାଉଁଶ ହସ୍ତଶିଳ୍ପ, ପୁଷ୍ଟିକର ମାଣ୍ଡିଆ -ଆଧାରିତ ଜଳଖିଆ ଓ ମିଠା, ବଡ଼ି, ପାପଡ଼, ଘରୋଇ ଆଚାର, ମସଲା ଏବଂ ଅନ୍ୟାନ୍ୟ ପାରମ୍ପରିକ ଖାଦ୍ୟ ସାମଗ୍ରୀ ଉପଲବ୍ଧ ରହିଛି। ଏହି ମାର୍ଟ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ଉପଭୋକ୍ତାଙ୍କ ସହ ଯୋଡ଼ିବା ସହିତ ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପାରମ୍ପରିକ କାରିଗରୀ ଏବଂ ସ୍ୱଦେଶୀ ଖାଦ୍ୟ ପରମ୍ପରାର ସଂରକ୍ଷଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଉଦ୍ଘାଟନୀ ସମାରୋହରେ ଆଦିତ୍ୟ ଆଲୁମିନିୟମର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ମାନବସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ସିପିପି ମୁଖ୍ୟ ଗୁଲଶନ ତିୱାରୀ, ସିଏସଆର୍ ଏବଂ ଆରଆର୍ ହେଡ୍ ରବି ନିୱାସଙ୍କ ସହ ଆଦିତ୍ୟ ଲେଡିଜ୍ କ୍ଲବର ସମ୍ମାନିତ ସଦସ୍ୟାମାନେ ଉପସ୍ଥିତ ଥିଲେ। ସେମାନଙ୍କର ଉପସ୍ଥିତି ଓ ଉତ୍ସାହବର୍ଦ୍ଧନ ଏହି କାର୍ଯ୍ୟକ୍ରମକୁ ଅଧିକ ଗରିମାମୟ କରିଥିଲା।

ଏହି ଅବସରରେ ଆଦିତ୍ୟ ଟାଉନସିପ୍ର ବାସିନ୍ଦାମାନଙ୍କର ଉତ୍ସାହଜନକ ସହଭାଗିତା ପରିଲକ୍ଷିତ ହୋଇଥିଲା। ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲଗୁଡ଼ିକରୁ ବିଭିନ୍ନ ସାମଗ୍ରୀ କ୍ରୟ କରି ସ୍ଥାନୀୟ ଉଦ୍ୟୋଗ, ମହିଳା ଉଦ୍ୟମିତା ଏବଂ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନ ପ୍ରତି ନିଜର ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ। ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ଆଦିତ୍ୟ ଟାଉନସିପ୍ର ସମସ୍ତ ବାସିନ୍ଦା, ଆଦିତ୍ୟ ଲେଡିଜ୍ କ୍ଲବ ଏବଂ 'ସ୍ୱଶକ୍ତି ମାର୍ଟ'ର ସଫଳ ଶୁଭାରମ୍ଭରେ ସହଯୋଗ କରିଥିବା ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି। ଏଭଳି ପଦକ୍ଷେପ ମାଧ୍ୟମରେ କମ୍ପାନୀ ଗ୍ରାମୀଣ ଜୀବିକାର ସଶକ୍ତିକରଣ, ମହିଳାମାନଙ୍କର ଆର୍ଥିକ ସ୍ୱାବଲମ୍ବନ ଏବଂ ସମାବେଶୀ ଓ ସ୍ଥାୟୀ ସାମୁଦାୟିକ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରୁଛି, ଯାହା ଏକ ସ୍ୱାବଲମ୍ବୀ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହେବ।

# ନଭି ମୁମ୍ବାଇରେ ରଥଯାତ୍ରା : ୧୦ହଜାର ଭକ୍ତ ଏବଂ ଓଡ଼ିଆ ସାମିଲ



**ଭୁବନେଶ୍ୱର, ମୁମ୍ବାଇ, :**

ନଭି ମୁମ୍ବାଇର ଖରଘର ସେକ୍ଟର ୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ପକ୍ଷରୁ ଏହି ରଥଯାତ୍ରାରେ ୧୦ହଜାରରୁ ଅଧିକ ଭକ୍ତ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଠାକୁରଙ୍କ ପହଣ୍ଡି ବିଜେ ଓ ନୀତି ପୂଜା ପରେ ଶ୍ରୀଜିଉଙ୍କ ନିକଟରେ ଓଡ଼ିଆ ପୁଅ ରାମ ପ୍ରସାଦ ମୁଦୁଲି ଛେରା ପହଁରା କରିଥିଲେ। ଏହା ପରେ ନୀତି ପୂଜା ପପରେ ରଥ ଟଣା ହୋଇଥିଲା । ପାରମ୍ପରିକ ଘଂଟ ବାଦ୍ୟରେ ପୂଜା କରାଯିବା ପରେ ଶ୍ରଦ୍ଧାଳୁ ଦର୍ଶନ କରଥିଲେ। ରଥ ଟାଣି ଭକ୍ତମାନେ ନଭି ମୁମ୍ବାଇର ଖରଘର ସେକ୍ଟର ୩ରୁ ସେକ୍ଟର ୧୨ ଶିବ ମନ୍ଦିର ନିକଟରେ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ଏହା ପରେ ପ୍ରସାଦ ସେବନ ଓ ସାସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରକାଶ ଥାଉକି, ୨୦୦୬ମସିହାରୁ ଉଦ୍ୟୋକ୍ତା ଭାବେ ରାମ ପ୍ରସାଦ ମୁଦୁଲି ରଥ ଯାତ୍ରା ଆରମ୍ଭ କରିଥିଲେ । ୨୦୦୮ରୁ ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ମାଧ୍ୟମରେ ବିଭିନ୍ନ ଓଡ଼ିଆ ସାମିଲ ହୋଇ ଟ୍ରଷ୍ଟର ସଦସ୍ୟ ଓ ସେବକମାନେ ସହଯୋଗ ଦ୍ୱାରା ଏହି ରଥଯାତ୍ରା ମହୋତ୍ସବ ହୋଇ ଆସୁଛି । ତେବେ ସେଠାରେ ଦିର୍ଘ ୨୧ବର୍ଷ ହେଲା ଜଣେ ମୁସଲମାନ ମହମ୍ମଦ ହାନିଫ୍ କାଚି ଏହି ରଥ ତିଆରି କରୁଛନ୍ତି । ସେ ରଥ କରିବା ବେଳେ ତାଙ୍କୁ ଭିନ୍ନ ଏକ ଭକ୍ତ ଶାଲବେଗ ବୋଲି କୁହନ୍ତି । ୨୪ଫୁଟିଆ ଏହି ରଥ ଟ୍ରଷ୍ଟର ସଦସ୍ୟମାନଙ୍କ ସହଯୋଗରେ ୪୦ ଦିନ ପରିଶ୍ରମ କରିବା ପରେ ସୁନ୍ଦର ରଥ ହୋଇପାରିଛି । ସ୍ୱାମୀ ଅଭେଦେଶାନନ୍ଦ ୱେଲଫାୟାର ସମିତି ଏବଂ ଓଡ଼ିଆ ସଂଘଠନର ସଭ୍ୟ ସଭ୍ୟ ସହଯୋଗ କରିଥିଲେ।

## ଅଖିଳଭାରତୀୟ ଗଣମାଧ୍ୟମ ସମ୍ମିଳନୀ ୨୦୨୬

# ନୂଆଦିଲ୍ଲୀରେ ଏକତ୍ରିତ ହେଲେ ଓଡ଼ିଶାର ବରିଷ୍ଠ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆଦିଲ୍ଲୀ ସ୍ଥିତ 'ଇଣ୍ଡିଆ ଇଂଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ୍ ଇଲେକ୍ସନ ମ୍ୟାନେଜମେଂଟ' ପରିସରରେ ଭାରତ ନିର୍ବାଚନ ଆୟୋଗ ଙ୍କ ଦ୍ୱାରା ଆୟୋଜିତ 'ଅଲ୍ ଇଣ୍ଡିଆ ମିଡିଆ କନଫରେନ୍ସ ୨୦୨୬'ରେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇଛନ୍ତି।

ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଜ୍ଞାନେଶ କୁମାର କହିଛନ୍ତି ଯେ, ଭାରତରେ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଭାରତୀୟ ସମ୍ବିଧାନ, ନିର୍ବାଚନ ସମ୍ବନ୍ଧୀୟ ଆଇନ ଏବଂ ସମୟାନୁକ୍ରମେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ପରିଚାଳିତ ହୋଇଥାଏ। ଏଥିସହ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ଏଥିରେ ସାମିଲ ଥିବା ସମସ୍ତ ଅଂଶୀଦାର ମାନଙ୍କ ଦ୍ୱାରା ସମାନ୍ତରାଳ ଭାବେ ସମୀକ୍ଷା ବା ଅଡିଟ୍ କରାଯାଇଥାଏ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

ଜ୍ଞାନେଶ କୁମାର ଆହୁରି ମଧ୍ୟ କହିଛନ୍ତି ଯେ, ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ସର୍ବକାଳୀନ ସର୍ବାଧିକ ଭୋଟ୍ ଗ୍ରହଣ ପ୍ରମାଣିତ କରୁଛି ଯେ ଦେଶର ନିର୍ବାଚନ ବ୍ୟବସ୍ଥା ଉପରେ ଭାରତୀୟ ଭୋଟରଙ୍କ ଅଗାଧ ବିଶ୍ୱାସ ରହିଛି ଏବଂ ଏହା ଭାରତୀୟ ଗଣତନ୍ତ୍ରର ସ୍ପନ୍ଦନକୁ ଦର୍ଶାଉଛି। ଏହି ଅବସରରେ ସେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବାରୁ ଭାରତର ସମସ୍ତ ଭୋଟରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ ଦିଗ ଏବଂ ରାଜନୈତିକ ଦଳ ତଥା ପ୍ରାର୍ଥୀ ଭଳି ପ୍ରମୁଖ ଅଂଶୀଦାରମାନଙ୍କୁ ସାମିଲ କରି କିପରି ଅତ୍ୟନ୍ତ ସ୍ୱଚ୍ଛତାର ସହ ଭାରତରେ ନିର୍ବାଚନ ପରିଚାଳନା କରାଯାଉଛି, ସେ ବିଷୟରେ ଏକ ସୂଚନାତ୍ମକ ଏବଂ ସ୍ପଷ୍ଟ ଧାରଣା ସୃଷ୍ଟି କରିବା। ସେହିପରି,ଏହି ସମ୍ମିଳନୀରେ ଭାରତ ନିର୍ବାଚନ ଆୟୋଗର ମହାନିର୍ଦ୍ଦେଶକ (ଗଣମାଧ୍ୟମ) ଆଶିଷ ଗୋଏଲ ଗଣମାଧ୍ୟମକୁ ନିର୍ବାଚନ ଆୟୋଗର ଏକ ଅଂଶୀଦାର ଏବଂ ମତଦାତାଙ୍କ ମଧ୍ୟରେ ଏକ ସଶକ୍ତ ସେତୁ ଭାବେ ବର୍ଣ୍ଣନା କରିଛନ୍ତି।ଏହି ସମ୍ମିଳନୀରେ ଓଡ଼ିଶାର ବହୁ ବରିଷ୍ଠ ସାମ୍ବାଦିକ, ଆବାସିକ ସମ୍ପାଦକ ଏବଂ ବ୍ୟୁରୋ ମୁଖ୍ୟ ଅଂଶଗ୍ରହଣ କରିଛନ୍ତି। ଚଳିତ ବର୍ଷ ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ରହିଛି— 'ଅଂଶୀଦାରମାନଙ୍କୁ ଯୋଡ଼ିବା, ଗଣତନ୍ତ୍ରକୁ ସଦୃଢ଼ କରିବା: ନିର୍ବାଚନରେ ଗଣମାଧ୍ୟମର ଭୂମିକା'। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହିତ ନିର୍ବାଚନ ସମୟରେ ଭୋଟରମାନଙ୍କୁ ସଠିକ୍ ଓ ନିରପେକ୍ଷ ତଥ୍ୟ ପ୍ରଦାନ କରି ସଚେତନ କରିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଆଲୋଚନା କରାଯାଉଛି। ଆଗାମୀ ନିର୍ବାଚନ ସମୟରେ ଗଣମାଧ୍ୟମ କିପରି ସଠିକ୍ ତଥ୍ୟ ଲୋକମାନଙ୍କ ପାଖରେ ପହଂଚାଇବା ତା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଦିଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ ପାଇଛି। ଭୋଟର ତାଲିକା ର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଗଣମାଧ୍ୟମ ମାଧ୍ୟମରେ ସ୍ୱଚ୍ଛ ସୂଚନା ପ୍ରଦାନ କରିବା ନେଇ ବରିଷ୍ଠ ସାମ୍ବାଦିକ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ନିର୍ବାଚନ ସମୟରେ ସୋସିଆଲ ମିଡିଆ କିମ୍ବା ଅନ୍ୟାନ୍ୟ ମାଧ୍ୟମରେ ପ୍ରସାରିତ ହେଉଥିବା ମିଥ୍ୟାଓ ଭ୍ରମାତ୍ମକ ଖବର କୁ ଚିହ୍ନଟ କରିବା ଏବଂ ତା'ର ତୁରନ୍ତ ମୁକାବିଲା କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ଗଣମାଧ୍ୟମ ଏ ଦିଗରେ ନିଜର ବିଶ୍ୱାସନିୟତା ବଜାୟ ରଖିବା ଏବଂ ଖବର ପ୍ରକାଶନ ବା ପ୍ରଚାର ପୂର୍ବରୁ କୌଣସି ତଥ୍ୟର ସତ୍ୟାସତ୍ୟ ପରୀକ୍ଷା କରିବାକୁ ଅନୁରୋଧ କରାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିଷ୍ଠିତ ମିଡିଆ ପ୍ରତିନିଧି ଏବଂ ସମ୍ପାଦକମାନେ ଏହି ମଞ୍ଚରେ ଏକତ୍ରିତ ହୋଇ ସାମ୍ପ୍ରତିକ ସମୟରେ ନିର୍ବାଚନୀ ବ୍ୟବସ୍ଥା, ସଠିକ୍ ସୂଚନାର ପ୍ରସାର ଏବଂ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଗଣମାଧ୍ୟମର ଦାୟିତ୍ୱବୋଧ ସମ୍ପର୍କରେ ନିଜ ନିଜର ମତାମତ ଓ ଅଭିଜ୍ଞତା ବାଣ୍ଟିଛନ୍ତି। ଭୋଟର ଭାଗିଦାରୀ ବୃଦ୍ଧି କରିବା ଏବଂ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ନିଜର କର୍ତବ୍ୟକୁ ସୁଚାରୁରୂପେ ତୁଲାଇବା ପାଇଁ ଏହି ସମ୍ମିଳନୀରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଏହି ସମ୍ମିଳନୀରେ ଓଡିଶାରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଦିନମଣୀ ନାଏକ ଙ୍କ ନେତୃତ୍ୱରେ ୯ ଜଣ ବରିଷ୍ଠ ସାମ୍ବାଦିକ ଜ୍ୟୋତି ପ୍ରକାଶ ଦାସ, ରବି ନାରାୟଣ ଜେନା ,ଅଜିତ ଦେହୁରୀ, ଚୌଧୁରୀ ଅମିତାଭ ଦାସ,ଶକ୍ତିସାଇ ମିଶ୍ର, ମୁକେଶ ରଞ୍ଜନ ପରିଡ଼ା,ଯଯାତି କରଣ, ଅଭିଜିତ ସାମନ୍ତରାୟ,ଯଯାତି କେଶରୀ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଆଶୁ ଆରୋଗ୍ୟ କାମନା କଲେ ନବୀନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲ ଅସୁସ୍ଥତା କାରଣରୁ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପାଇ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ନବୀନ ଲେଖିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ ସାମଲ ଅସୁସ୍ଥତା କାରଣରୁ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବିଷୟରେ ଜାଣିବାକୁ ପାଇଲି। ତାଙ୍କର ଉତମ ସ୍ୱାସ୍ଥ୍ୟ ଓ ଆଶୁଆରୋଗ୍ୟ କାମନା କରୁଛି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ**

ଇ-ଟେଣ୍ଡର ନୋଟିସ ନମ୍ବର NIT/14/26/28, ତାରିଖ:14.07.2026

| କ୍ର. ସଂ. | ଟେଣ୍ଡର ନମ୍ବର | ସଂକ୍ଷିପ୍ତ ବିବରଣୀ | ଟେଣ୍ଡର ବନ୍ଦ/ଖୋଲିବା ତାରିଖ ଏବଂ ସମୟ | ପରିମାଣ |
|---|---|---|---|---|
| 1 | 03262712ଏ | ସେକେଣ୍ଡାରୀ ନିମସ୍ଥ ସ୍ପ୍ରିଂ (ବାହ୍ୟ) | 03.08.2026 ସକାଳ 10:30 | 127 ନମ୍ବର |
| 2 | 02261865 | ଡବ୍ଲୁଏଜି-୯ ଲୋକୋ (4 ଟି ତାଲିକାଭୁକ୍ତ ବିଷୟ) ପାଇଁ ଡମ୍ପରର ସେଟ୍ | 30.07.2026 ସକାଳ 10:30 | 34 ସେଟ୍ |
| 3 | 02261857 | ବୁଲ୍ ଗିଅର୍ 107 ଦାନ୍ତରୁ ଆରଡିଏସ୍ଓ ଡ୍ରଇଂ ନମ୍ବର ଏସ୍କେଡିପି 3848 ଅଲ୍ଟ 1 | 10.08.2026 ସକାଳ 10:30 | 40 ନମ୍ବର |
| 4 | 08261026 | ଆମନ୍ତ୍ରିତ ଖଣିଜ ଇନସୁ୍ୟଲେଣ୍ଟି ତୈଳ | 04.08.2026 ସକାଳ 10:30 | 53760 ଲିଟର |
| 5 | 06260091ଏ | 60କିଲୋଗ୍ରାମ୍ ୟୁଆଇସି / 52 କିଲୋଗ୍ରାମ୍ ରେଳ ସେକ୍ସନ ପାଇଁ ସହିତ ଫ୍ଲାଟ ଟାଇ ଇଲାଷ୍ଟିକ୍ ରେଳ କ୍ଲିପ୍ (ଇଆରସି) ଏମ୍କେ-ଭି ଚିତ୍ର: (ଆରଡିଏସ୍ଓ) ଆରଡିଏସ୍ଓ_ଟି_5919_ଏଲ୍ଟି। -୨ ନିର୍ଦ୍ଦିଷ୍ଟକରଣ: ଆରଡିଏସ୍ଓ) ଆଇଆରଏସ୍/ ଟି-31-2025 | 04.08.2026 ସକାଳ 10:30 | 1485700 ନମ୍ବର |

ଯେକୌଣସି ଟେଣ୍ଡର ପାଇଁ ସଂଶୋଧନ ଜାରି କରିବାର ଅଧିକାର ରେଳବାଇ ନିକଟରେ ଅଛି। ଶୁଦ୍ଧିପତ୍ର ଏବଂ ଇ-କ୍ରୟ ସମ୍ବନ୍ଧୀୟ ଜରୁରୀ ସୂଚନା ବିକ୍ରେତାମାନେ www.ireps.gov.inରେ ଦେଖିପାରିବେ।

ସହାୟକ ସାମଗ୍ରୀ ପରିଚାଳକ - III
ଦକ୍ଷିଣପୂର୍ବ ମଧ୍ୟ ରେଳବାଇ, ବିଳାସପୁର

CPR/10/296

ଶେଷ ପୃଷ୍ଠା

ଭୁବନେଶ୍ୱର, ୧୮ ଜୁଲାଇ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ପୁରୀ : ଦ୍ୱିତୀୟ ଦିନ ରଥଟଣା ଅବସରରେ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତମାନଙ୍କ ବିପୁଳ ସମାଗମ।



ଶ୍ରୀଜୀଉଙ୍କ ଆଗମନ ନେଇ ସଜ୍ଜିତ ହୋଇଛି ଗୁଣ୍ଡିଚା ମନ୍ଦିର।



ଶରଧାବାଲିରେ ଲାଗିଲା ତିନି ରଥ : (ଫଟୋ : ସମ୍ବାଦ କଳିକା)

# କିସ୍‌ର ୧୧ ଛାତ୍ରଛାତ୍ରୀ ନିଟ୍‌ରେ କୃତକାର୍ଯ୍ୟ

ଭୁବନେଶ୍ୱର, ୧୭।୭
ନ୍ୟୁଜ ବ୍ୟୁରୋ



ଡାକ୍ତର ହେବେ କିସ୍‌ର ୧୧ ଛାତ୍ରଛାତ୍ରୀ। ଗୁରୁବାର ନିଟ୍ ଫଳାଫଳ ପ୍ରକାଶ ପାଇଥିବା ବେଳେ କିସ୍‌ର ୧୧ ଜଣ ଛାତ୍ରଛାତ୍ରୀ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ଲକ୍ଷ୍ମୀ ବିରୁଆ, ଜୟାବ ମାଝି, ଅନିତା ବଇପାଇ, ଗଣେଶ ହେମ୍ବ୍ରମ, ମୁସ୍କାନ ମହାନନ୍ଦିଆ, ଲକ୍ଷ୍ମୀ ବାନରା, ଡାଙ୍ଗି ଟୁଡୁ, ସରିବାଳା ମୁଣ୍ଡା, ମୌସୁମୀ ମାଝି, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ଓ ସନ୍ତୋଷୀ ମାର୍ଡି। ଚଳିତ ବର୍ଷ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଅଧିକ ଭଲ ପ୍ରଦର୍ଶନ କରିଛନ୍ତି। ଏଥିରେ କିସ୍‌ରେ ପଢୁଥିବା ଓଡ଼ିଶା ସମେତ ଝାଡ଼ଖଣ୍ଡର ଛାତ୍ରଛାତ୍ରୀମାନେ ମଧ୍ୟ ଅଛନ୍ତି। ଏହି ଛାତ୍ରଛାତ୍ରୀଙ୍କ ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିସ୍‌ରେ ସେମାନଙ୍କ ଗୁଣାତ୍ମକ ଶିକ୍ଷା, କୋଚିଂ ଓ ଉପଯୁକ୍ତ ଯତ୍ନ ତଥା ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଇଥିବାରୁ ସେମାନେ ଏଭଳି ସଫଳତା ପାଇ ପାରୁଛନ୍ତି ବୋଲି ଡ. ସାମନ୍ତ କହିଛନ୍ତି। ଜନଜାତି ସଂପ୍ରଦାୟର ପ୍ରଥମ ପିଢିର ଶିକ୍ଷା ପାଉଥିବା ଏହି ଛାତ୍ରଛାତ୍ରୀମାନେ ନିଟ୍‌ରେ ସଫଳତା ପାଇବା ସମଗ୍ର ଜନଜାତି ସମାଜ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି। ସେହିପରି ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ଚେଷ୍ଟା ଜାରି ରଖିଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ସୂଚନା ଯୋଗ୍ୟ, କିସ୍‌ରେ ପିଲାମାନେ ନିଟ୍ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରବେଶିକା ପରୀକ୍ଷାରେ କିଭଳି ଭଲ ପ୍ରଦର୍ଶନ କରିବେ ସେଥିପାଇଁ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ ମେଧାବୀ ପିଲାଙ୍କୁ ସ୍ୱତନ୍ତ୍ର କୋଚିଂର ବ୍ୟବସ୍ଥା କରାଯାଇଥାଏ। ଫଳରେ ସେମାନେ ଉଚ୍ଚଶିକ୍ଷା ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଭଲ ପ୍ରଦର୍ଶନ କରିଆସୁଛନ୍ତି।

## ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ତାଗିଦ୍

# ବୃଦ୍ଧ ଓ ଗୁରୁତର ଅସୁସ୍ଥ କୈଦୀଙ୍କ ମୁକ୍ତିକୁ ନେଇ ତୁରନ୍ତ ନୀତି ପ୍ରସ୍ତୁତ କର

ନୂଆଦିଲ୍ଲୀ, ୧୭/୦୭



ସୁପ୍ରିମକୋର୍ଟ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କୁ ଅତ୍ୟନ୍ତ ବୃଦ୍ଧ ଓ ଗୁରୁତର ଅସୁସ୍ଥ କୈଦୀଙ୍କ ଶୀଘ୍ର ଅଥବା ଅବଧି ପୂର୍ବ ମୁକ୍ତି ଲାଗି ଏକ ନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସରକାରମାନଙ୍କୁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ତାରିଖରୁ ୩ ମାସ ମଧ୍ୟରେ ବ୍ୟାପକ ନୀତି ପ୍ରସ୍ତୁତ କରି ଅଧିସୂଚନା ଜାରି କରିବାକୁ ହେବ ବୋଲି କହିଛନ୍ତି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କ ପୀଠ କହିଛନ୍ତି ଯେ ନୀତିରେ ମୁକ୍ତିଲାଗି ପାତ୍ରତା ମାନଦଣ୍ଡ ଓ ପ୍ରକ୍ରିୟାତ୍ମକ ଢାଞ୍ଚାକୁ ସ୍ପଷ୍ଟ ରୂପେ ପରିଭାଷିତ କରାଯିବା ଦରକାର। ଏଥିରେ ବନ୍ଦୀଙ୍କ ଅସୁସ୍ଥତା ବିଶେଷ କରି ଗୁରୁତର ରୋଗର ସ୍ପଷ୍ଟ ଓ ସମାନ ପରିଭାଷା ପ୍ରଦାନ କରାଯିବା ଦରକାର ବୋଲି କହିଛନ୍ତି। ପୀଠ ଜାତୀୟ ବିଧି ସେବା ପ୍ରାଧିକରଣ (ଏନଏଏଲଏସଏ) ଦ୍ୱାରା ରୁଜୁ ଏକ ପିଟିସନ ଉପରେ ଏହି ରାୟ ଦେଇଛନ୍ତି। ଏଥିରେ ଗୁରୁତର ଅସୁସ୍ଥ ଅଥବା ୭୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସ୍କ ବନ୍ଦୀଙ୍କୁ ଜାମିନରେ ମୁକ୍ତି କରିବାକୁ ଦାବି କରାଯାଇଥିଲା। ଜଷ୍ଟିସ୍ ମେହେଟ୍ଟା କହିଛନ୍ତି ଯେ ନୀତିକୁ ସମ୍ପର୍କିତ ରାଜ୍ୟ ବିଧିସେବା ପ୍ରାଧିକରଣ ସହିତ ପରାମର୍ଶ କରି ପ୍ରସ୍ତୁତ କରାଯିବା ଆବଶ୍ୟକ। ଏହା ଦ୍ୱାରା ସଂସ୍ଥାଗତ ସମନ୍ୱୟ ସୁନିଶ୍ଚିତ ହୋଇ ପାରିବା ସହ ଯୋଗ୍ୟ କୈଦୀଙ୍କ ପ୍ରଭାବୀ ଚିହ୍ନଟ ହୋଇ ପାରିବ। ଏଥିରେ କୁହାଯାଇଛି ଯେ ନୀତିକୁ ଶୀଘ୍ର ଅଥବା ଦୟାରେ ମୁକ୍ତି ଲାଗି ଆବେଦନ ପ୍ରସ୍ତୁତ କରିବା, ଯାଞ୍ଚ ଓ ସମାଧାନ ପ୍ରକ୍ରିୟାକୁ ସମୟବଦ୍ଧ, ପାରଦର୍ଶୀ ଓ ସୁଲଭ କରାଯିବା ଦରକାର। ପୀଠ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କ ନ୍ୟାୟାଳୟଙ୍କୁ କୋର୍ଟଙ୍କ ନିର୍ଦ୍ଦେଶର ପ୍ରଭାବୀ ପାଳନ ନିମନ୍ତେ ଆବଶ୍ୟକ ବୈଷୟିକ ସହାୟତା, ଡିଜିଟାଲ ଭିତ୍ତିଭୂମି ଓ ଦକ୍ଷତା ବିକାଶ ସମର୍ଥନ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଏଥି ପାଇଁ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କୁ ୬ ମାସ ମଧ୍ୟରେ ଅନୁପାଳନ ଆଫିଡେଭିଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଥିରେ ଅନୁପାଳନ ସ୍ଥିତିର ବିବରଣୀ ଦେବାକୁ କୁହାଯାଇଛି। ଗତବର୍ଷ ମେ' ମାସରେ ସୁପ୍ରିମକୋର୍ଟ ଏନଏଏଲଏସଏଙ୍କ ଆବେଦନ ଶୁଣାଣି ଲାଗି ସହମତ ହୋଇଥିଲେ ଓ ଏଥି ପାଇଁ କେନ୍ଦ୍ର ଏବଂ ଅନ୍ୟମାନଙ୍କ ପ୍ରତିକ୍ରିୟା ମାଗିଥିଲେ। ପିଟିସନରେ ୭୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଓ ଗୁରୁତର ଅସୁସ୍ଥ କୈଦୀଙ୍କୁ ମୁକ୍ତି କରିବା ପାଇଁ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରାଯାଇଥିଲା।

## ପେନ୍‌ସନ୍ ପ୍ରଦାନରେ ବିଳମ୍ବ ମାମଲା

# ୨ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୭/୦୭
ନ୍ୟୁଜ ବ୍ୟୁରୋ

ପେନ୍‌ସନ୍ ପ୍ରଦାନରେ ବିଳମ୍ବକୁ ନେଇ ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆବେଦନକାରୀଙ୍କ ସ୍ମାରକପତ୍ର ଉପରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ସାନି ଏକ ସ୍ମାରକପତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ । ଏହି ସ୍ମାରକପତ୍ର ଉପରେ ଯୁକ୍ତିଯୁକ୍ତ କାରଣ ସହ ନିଷ୍ପତ୍ତି ନେବାସହ ଏହାର ୧୦ଦିନ ମଧ୍ୟରେ ଆବେଦନକାରୀଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ତୁଷାରକାନ୍ତ ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏହି ଆଦେଶ ଦେଇଛନ୍ତି । ଆବେଦନକାରୀ ୩୫ବର୍ଷ ନିରବଚ୍ଛିନ୍ନ ଭାବେ ଚାକିରିରେ ରହିଥିଲା ବେଳେ ତାଙ୍କୁ ଅବସର ପରେ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ମିଳିଲା ନାହିଁ । ଏନେଇ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ତାଙ୍କ ଦାବିପ୍ରତି କର୍ଣ୍ଣପାତ କରାଗଲା ନାହିଁ। ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ତାଙ୍କୁ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ ଲାଗି ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏହି ପ୍ରାର୍ଥନାକୁ ଗ୍ରହଣ କରି ଉପରୋକ୍ତ ଆଦେଶ ଦେଇଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୭/୦୭/୨୦୨୬
୭,୩୯,୬୫୧/- ଟଙ୍କା
ସୁନା:- ୦୮ଗ୍ରାମ୍
ରୂପା:- ୯୯ଗ୍ରାମ୍ ୭୦୦ ମିଲିଗ୍ରାମ

## ରଥଯାତ୍ରା ତ୍ରୁଟି ଓ ଅଘଟଣ ନେଇ ସରକାରଙ୍କ ଉପରେ ବର୍ଷିଲେ ବିରୋଧୀ

# ଅଘଟଣରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଆର୍ଥିକ ସହାୟତା ଦାବି କଲା ବିଜେଡି

ଭୁବନେଶ୍ୱର, ୧୭/୦୭
ନ୍ୟୁଜ ବ୍ୟୁରୋ



ବିଗତ ୨ ବର୍ଷ ଭଳି ଚଳିତବର୍ଷ ମଧ୍ୟ ରଥଯାତ୍ରାରେ ତ୍ରୁଟି ଓ ଅଘଟଣ ଘଟିଛି । ଯୁଗଯୁଗର ପରମ୍ପରା ଭାଙ୍ଗିଥିବାରୁ ମହାପ୍ରଭୁଙ୍କ ନିକଟରେ କ୍ଷମା ମାଗନ୍ତୁ ସରକାର ବୋଲି ବିରୋଧିପକ୍ଷରୁ ଦାବି କରାଯାଇଛି। ଅଘଟଣରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଆର୍ଥିକ ସହାୟତା ଓ ଆହତଙ୍କୁ ଟ୍ୱିନ ସିଟିରେ ଚିକିତ୍ସା ସହାୟତା ଦେବାକୁ ଦାବି କରିଛି ବିଜେଡି । ସେହିପରି ଭିଡ଼ ପରିଚାଳନାରେ ସରକାର ବିଫଳ ବୋଲି କଂଗ୍ରେସ ଅଭିଯୋଗ କରିଛି। ସେପଟେ କିନ୍ତୁ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରଥଯାତ୍ରା ବେଶ୍ ସଫଳତାର ସହ ଆୟୋଜନ ହୋଇଛି ବୋଲି ସରକାରୀ ଦଳ ମୁଖ୍ୟ ସଚେତକ ସଫେଇ ଦେଇଛନ୍ତି । ଗତ ୨ ବର୍ଷ ଭଳି ଏବର୍ଷ ମଧ୍ୟ ରଥଯାତ୍ରା ପରିଚାଳନାରେ ସରକାରଙ୍କ ବିଫଳତା ଘଟଣାକୁ ନେଇ ବର୍ଷିଛି ବିଜେଡି । ଡବଲ ଇଞ୍ଜିନ ସରକାରଙ୍କୁ ଟାର୍ଗେଟ କରିଛନ୍ତି, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ପୁରୀ ଜିଲ୍ଲା ବିଜେଡି ସଭାପତି ଉମା ସାମନ୍ତରାୟ । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, 'ବିଜେପି ସରକାରଙ୍କ କାମ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି । ମା' ସୁଭଦ୍ରା ଓ ବଳଭଦ୍ରଙ୍କର ଟାହିଆ ଭିଜିଲା ନାହିଁ। ମହାପ୍ରଭୁଙ୍କ ଟାହିଆ କେମିତି ଭାଙ୍ଗିଲା। ଟାହିଆକୁ ଛିଣ୍ଡେଇ କାହାକୁ ଖୁସି କରିବାକୁ ଦିଆଯାଇଛି। ଟାହିଆ ମନକୁ ଖସିନାହିଁ । ଠାକୁରଙ୍କ ପ୍ରତି ଏ ବ୍ୟବହାର ଚଳିବ ନାହିଁ । ଅନ୍ଧାରରେ ରଥ ଟାଣିବା ଯୋଗୁଁ ୩ ଜଣ ଜୀବନ ହରାଇବା ସହ ଶହଶହ ଲୋକେ ଆହତ ହୋଇଛନ୍ତି । ସ୍ନାନବେଦୀରୁ ହିଁ ମହାପ୍ରଭୁ ଅଶୁଭ ସଙ୍କେତ ସୂଚାଇ ଦେଇଥିଲେ । ବଳଭଦ୍ର ଓ ମା'ସୁଭଦ୍ରା ମଧ୍ୟ ମନଊଣା କରି ରଥକୁ ଗଲେ । ଟାହିଆ ହଲିଲେ ଓଡ଼ିଆ ଜାତିର ହୃଦସ୍ପନ୍ଦନ ବଢ଼େ । କିନ୍ତୁ ୪୦ ମିନିଟ ପହଣ୍ଡିରେ ମନ ଭରିଲା ନାହିଁ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଘଟିଥିବା ଦଳାଚକଟା ଅଘଟଣ ଓ ଭକ୍ତଙ୍କ ପ୍ରାଣହାନୀକୁ ନେଇ ରାଜ୍ୟ ରାଜନୀତି ସରଗରମ । ରଥଯାତ୍ରା ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ଅଭିଯୋଗ କରିଛି କଂଗ୍ରେସ । ପିସିସି ସଭାପତି ଭକ୍ତ ଚରଣ ଦାସ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ସହ ମହାପ୍ରଭୁଙ୍କ ଟାହିଆ ଅପସାରଣ ପ୍ରସଙ୍ଗରେ ମଧ୍ୟ ଗୁରୁତର ପ୍ରଶ୍ନ ଉଠାଇଛନ୍ତି । ପିସିସି ସଭାପତି ଶ୍ରୀ ଦାସ ସରକାରଙ୍କ ବିରୋଧରେ ରଥଯାତ୍ରା ପରିଚାଳନା ନେଇ ଅଭିଯୋଗ ଆଣିଛନ୍ତି । ବିରୋଧୀଙ୍କ ଆକ୍ରମଣର କଡ଼ା ଜବାବ ରଖି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ କହିଛନ୍ତି, 'ଚଳିତବର୍ଷ ସଫଳତାର ସହ ରଥଯାତ୍ରା ଆୟୋଜନ ହୋଇଛି । ପ୍ରସ୍ତୁତିରେ କୌଣସି ତ୍ରୁଟି ନାହିଁ । ମୁଁ ସେଠି ଉପସ୍ଥିତ ଥିଲି । କୌଣସି ସମସ୍ୟା ନାହିଁ । ସରକାର, ପ୍ରଶାସନ ଓ ମନ୍ଦିର ପ୍ରଶାସନ ବହୁତ ଭଲରେ ସବୁକୁ ପରିଚାଳନା କରିଛନ୍ତି । ଏଥିରେ ସନ୍ଦେହ ନାହିଁ । ବିରୋଧୀଙ୍କ କାମ ହେଉଛି ବିରୋଧ କରିବେ । ସେଥିପାଇଁ ଜଗନ୍ନାଥ ଅଛନ୍ତି । ଜଗନ୍ନାଥଙ୍କ ବିନା ନିର୍ଦ୍ଦେଶରେ କିଛି ହୁଏ ନାହିଁ । ପ୍ରତିକୂଳ ପରିସ୍ଥିତିରେ ଲକ୍ଷ ଲକ୍ଷ ଭକ୍ତ ଆସିଥିଲେ । ବର୍ଷାରେ ଭକ୍ତଙ୍କୁ କଣ୍ଟ୍ରୋଲ କରିବା ଏତେ ସହଜ ନୁହେଁ । ସରକାର ମନ୍ଦିର ପ୍ରଶାସନ ବହୁତ ଭଲରେ ସବୁକୁ ପରିଚାଳନା କରିଛନ୍ତି । ଭିଡ଼ରେ କୌଣସି ଶ୍ୱାସରୁଦ୍ଧ ହୋଇନାହିଁ । ବାହାରେ କେଉଁଠି ହୋଇଥିବ । ଏଥିପାଇଁ ବିଭାଗ ତଦନ୍ତ କରୁଛି । ଟାହିଆ କଥା ଜଗନ୍ନାଥଙ୍କ ଇଚ୍ଛା । ଟାହିଆ ବର୍ଷା ପାଇଁ ନଷ୍ଟ ହୋଇଛି । ଏହା ଜଗନ୍ନାଥଙ୍କ ଇଚ୍ଛା। ତାଙ୍କର ବିନା ଇଚ୍ଛାରେ କିଛି ହୁଏ ନାହିଁ । ବିରୋଧୀ ଦଳ ଅଯଥା ଏ ପ୍ରସଙ୍ଗ ଉଠାଇଛନ୍ତି ବୋଲି ସେ କହିଛନ୍ତି।

# ଶିମିଳିପାଳରେ ବଢୁଛି ମହାବଳ ବଂଶ

## କ୍ୟାମେରା ଟ୍ରାପ୍‌ରୁ ୩୫ ବାଘ ଚିହ୍ନଟ

ଭୁବନେଶ୍ୱର/ବାରିପଦା ୧୬/୦୭ ନ୍ୟୁଜ ବ୍ୟୁରୋ

ମହାବଳ ଗର୍ଜନରେ କମ୍ପୁଛି ଶିମିଳିପାଳର ଘଞ୍ଚ ଜଙ୍ଗଲ। ଜାତୀୟ ଉଦ୍ୟାନରେ କ୍ରମାଗତ ଭାବେ ଜାତୀୟ ପଶୁର ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଶିମିଳିପାଳରେ ମୋଟ ୩୫ଟି ମହାବଳ ଅଛନ୍ତି । ମଧ୍ୟ-ଭାରତୀୟ ଲ୍ୟାଣ୍ଡସ୍କେପ୍‌ରୁ ଆଉ ଏକ ପୁରୁଷ ଓ ଏକ ମାଈ ବାଘ ଆଣିବାକୁ ପ୍ରସ୍ତାବ ରହିଛି । ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ପିସିସିଏଫ୍ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ଏହି ସୂଚନା ଦେଇଛନ୍ତି । ଶ୍ରୀ ଝାଙ୍କ କହିବା ମୁତାବକ, ଶିମିଳିପାଳରୁ ବାଘ ବଂଶ ଲୋପ ପାଇଯିବା ଭଳି ଆଶଙ୍କାରେ ପ୍ରାୟତଃ ରୋକ୍ ଲାଗିଛି । କାହିଁକି ନା, ସର୍ବଭାରତୀୟ ବ୍ୟାଘ୍ର ଗଣନା (ଏଆଇଟିଇ) -୨୦୨୨ରେ ଶିମିଳିପାଳରେ ମାତ୍ର ୧୬ଟି ବାଘ ଥିଲେ । ରାଜ୍ୟସ୍ତରୀୟ ବାଘ ଗଣନା ୨୦୨୪ ତଥ୍ୟ ଅନୁଯାୟୀ, ବାଘ ସଂଖ୍ୟା ୨୭କୁ ବଢ଼ିଥିଲା । ସେଥିରୁ ୧୪ଟି ମାଈ, ୧୩ଟି ଅଣ୍ଡିରା ମହାବଳ ଥିଲେ। ଗତବର୍ଷ ଡିସେମ୍ବରରୁ ୬ ମାସ ଧରି ଶିମିଳିପାଳ ଦକ୍ଷିଣ ଓ ଉତ୍ତରରେ ବାଘ ଗଣନା ଚାଲିଥିଲା । କ୍ୟାମେରା ଟ୍ରାପ୍ ପରିସଂଖ୍ୟାନ ଅନୁସାରେ, ଶିମିଳିପାଳରେ ୩୫ଟି ବାଘର ଗତିବିଧିର ଦୃଶ୍ୟ କଏଦ୍ ହୋଇଛି । ସେଥିମଧ୍ୟରୁ ୧୭ଟି ପୁରୁଷ ଓ ୧୮ଟି ମାଈ ବୋଲି ଚିହ୍ନଟ ହୋଇଛି । ୧୯ଟି ମହାବଳ ହେଉଛନ୍ତି ମେଲେନାଷ୍ଟିକ୍ ପ୍ରଜାତିର । ୨୦୨୪ରେ ମହାରାଷ୍ଟ୍ରରୁ ଆସିଥିବା ବାଘୁଣୀ ଜିନ୍ନତର ୪ ଶାବକକୁ ମିଶାଇଲେ : ଶିମିଳିପାଳରେ ଶାବକଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି । ଯାହାକି, ବନ୍ୟଜନ୍ତୁ ସୁରକ୍ଷା ଓ ସଂରକ୍ଷଣ ପାଇଁ ଏକ ଶୁଭ ଖବର । ଏସବୁ ତଥ୍ୟ ଭାରତୀୟ ବନ୍ୟଜନ୍ତୁ ସଂସ୍ଥାନ(ଡବ୍ଲୁଆଇଆଇ)କୁ ପଠାଇ ଦିଆଯାଇଛି। ଡବ୍ଲୁଆଇଆଇରେ କାର୍ଯ୍ୟରତ ବରିଷ୍ଠ ବୈଜ୍ଞାନିକ ଡ. ବିଭାସ ପାଣ୍ଡବ କହିଛନ୍ତି, ପୂର୍ବରୁ ଦକ୍ଷିଣ ଶିମିଳିପାଳ ବାଘଙ୍କ ବସା ଥିଲା । ସମୟକ୍ରମେ ଉତ୍ତର ଶିମିଳିପାଳ ଆଡ଼େ ମାଡିଗଲେଣି ମହାବଳ । ସେଠାକାର ତଳବନ୍ଧ, ଚହଲା ଓ ଗୁଡୁଗୁଡିଆ ରେଞ୍ଜକୁ ଟେରିଟୋରି ଭାବେ ବାଛିଲେଣି । ଏହି ଜାତୀୟ ଉଦ୍ୟାନରେ ପାଖାପାଖି ହଜାରେ କ୍ୟାମେରା ଟ୍ରାପ୍ ଖଞ୍ଜାଯାଇଛି । ଠିକ ସଂଖ୍ୟା ଜାଣିବାକୁ କ୍ୟାମେରା ଫୁଟେଜ୍ ଓ ଫଟୋର ତର୍ଜମା ଚାଲିଛି। ଗୋଟିଏ ବାଘ ଏକାଧିକ ଥର କ୍ୟାମେରା ଲେନ୍ସରେ କଏଦ୍ ହୋଇଥିଲେ ତା'ର ଗତିବିଧିର ଅନୁପାତକୁ ଅନୁଧ୍ୟାନ କରିବାକୁ ପଡ଼େ । ସବିଶେଷ ତର୍ଜମା ପରେ ମହାବଳ ସଂଖ୍ୟା ୩୫ ଟପିପାରେ ବୋଲି ଆଶା ରଖିଛୁ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୫୪୮, ୨୫୪୫୬୭୮
Email : utkaldeepika2016@gmail.com

# ପୁଅ ତୁଳନାରେ କମିଲେ ଝିଅ : ବେଆଇନ ଲିଙ୍ଗ ନିରୂପଣ କରି କରାଯାଉଛି ଗର୍ଭପାତ

କେନ୍ଦୁଝର, ୧୭/୦୭
ନ୍ୟୁଜ ବ୍ୟୁରୋ

ନାରୀ ଏକ ପରିବାର ଠାରୁ ଆରମ୍ଭ କରି ଦେଶର, ଜାତିର ଓ ସଭ୍ୟତାର ମେରୁଦଣ୍ଡ । ନାରୀର ପ୍ରଗତି ହିଁ ଦେଶର ପ୍ରଭତିକୁ ସୂଚାଇ ଥାଏ । ଆଜିର ନାରୀ ଆଉ ଚାରିକାନ୍ଥ ମଧ୍ୟରେ ସୀମିତ ନାହିଁ । ଲୋକ ପ୍ରତିନିଧି ଭାବରେ ହେଉ କିମ୍ବା ପ୍ରଶାସନିକ ସ୍ତରରେ । ସବୁଠାରେ ନାରୀମାନେ ପୁରୁଷ ସହ ସମକ୍ଷମ ହୋଇ ସଫଳତାର ସହିତ କାର୍ଯ୍ୟ କରୁଛନ୍ତି । ତେଣୁ ନାରୀ ଓ ପୁରୁଷ ମଧ୍ୟରେ ପ୍ରଭେଦ ନଥିବା କୁହାଯାଉଥିବା ବେଳେ ଦିନକୁ ଦିନ କନ୍ୟା ସନ୍ତାନ ଜନ୍ମ କମିବାରେ ଲାଗିଛି । ଲିଙ୍ଗ ନିରୂପଣ କଟକଣା ସରକାର ଜାରି କରିଥିଲେ ମଧ୍ୟ ବାସ୍ତବରେ ଏହାକୁ ଅନୁପାଳନ ହେଉଥିବା ଜଣାପଡିଛି । ମୋଟାଅଙ୍କର ଅର୍ଥ କାରବାର କରି ଲିଙ୍ଗ ନିରୂପଣ କରାଯାଉଥିବା ଅନେକ ଅଭିଯୋଗ ସାମ୍ନାକୁ ଆସୁଛି । କେନ୍ଦୁଝର ଜିଲ୍ଲାର ଆଦିମ ଜନଜାତି ଜୁଆଙ୍ଗ ସଂପ୍ରଦାୟରେ ପୁଅ ଅପେକ୍ଷା ଝିଅ ଅଧିକ ଜନ୍ମ ଗ୍ରହଣ କରିଛନ୍ତି । ଜୁଆଙ୍ଗ ସମ୍ପ୍ରଦାୟକୁ ଛାଡି ଦେଲେ ସାମଗ୍ରିକ ଭାବେ ଏଠାରେ ଜନ୍ମ ବେଳେ ଝିଅ କମ୍ ଜନ୍ମ ହେଉଛନ୍ତି । ଅର୍ଥାତ୍ ମୋଟ ୧୦୦୦ ପୁଅ ଜନ୍ମ ହେଉଥିବା ବେଳେ କନ୍ୟା ସନ୍ତାନ ସଂଖ୍ୟା ୯୪୬ । କେନ୍ଦୁଝର ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏଭଳିସ୍ଥିତି ସମାଜ ପାଇଁ ସତର୍କ ଘଣ୍ଟି ସାଜିଛି । ବିବାହ ପାଇଁ ଏକ ଯୋଗ୍ୟ ଝିଅଟିଏ ଯୋଗାଡ କରିବା ଏବେ କଷ୍ଟକର ହୋଇପଡିଛି । ଆଗକୁ ଏହି ଧାରା ଜାରି ରହିଲେ ସମାଜ ପାଇଁ କ୍ଷତି ସାବ୍ୟସ୍ତ ହେବାକୁ ଯାଉଛି ବୋଲି କୁହାଯାଉଛି । ସରକାରୀ ତଥ୍ୟ ଅନୁସାରେ, ଏପ୍ରିଲ ୨୦୨୪ ମସିହାରୁ ମାର୍ଚ୍ଚ ୨୦୨୫ ମସିହା ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାରେ ମୋଟ ୧୩୫୧୮ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ବେଳେ ଜନ୍ମ ହୋଇଥିବା କନ୍ୟା ସନ୍ତାନ ସଂଖ୍ୟା ୧୨୭୮୬ । ଏହି ହିସାବରେ ପୁଅଝିଅର ଅନୁପାତ ହେଉଛି ପ୍ରତି ହଜାରେ ପୁତ୍ର ସନ୍ତାନରେ କନ୍ୟା ସନ୍ତାନଙ୍କ ସଂଖ୍ୟା ୯୪୬ । ଏପରିସ୍ଥଳେ କେନ୍ଦୁଝର ଜିଲ୍ଲାରେ ଅଲଟ୍ରା ସାଉଣ୍ଡ ସେଣ୍ଟର ମୋଟ ୩୭ଟି ପଞ୍ଜିକରଣ ହୋଇଥିବା ବେଳେ ଏବେ ୨୪ଟି କାର୍ଯ୍ୟକ୍ଷମ ଅଛି। ସେଥିରୁ ୫ଟି ସରକାରୀ ଭାବେ ବ୍ୟବହାର ହେଉଥିବା ବେଳେ ୧୯ଟି ବେସରକାରୀ ଭାବେ କାର୍ଯ୍ୟକ୍ଷମ ରହିଛି।



ଅନେକ ସମୟରେ କୁହାଯାଉଛି, ବିଭିନ୍ନ ଘରୋଇ ଅଲଟ୍ରାସାଉଣ୍ଡ ସେଣ୍ଟର ମାନଙ୍କରେ ବେଆଇନ ଭାବେ ଲିଙ୍ଗ ନିରୂପଣ କରାଯାଉଥିବାରୁ ଏଭଳି ପୁଅ ଏବଂ ଝିଅ ଜନ୍ମ ନେଇ ପାର୍ଥକ୍ୟ ଆସୁନାହିଁ । ଘରୋଇ ଭାବେ ଖୋଲିଥିବା ଏହି ସବୁ ଅଲଟ୍ରା ସାଉଣ୍ଡ ସେଣ୍ଟର ଅନେକ ସମୟରେ ବିପୁଳ ଅର୍ଥ ନେଇ ଏଭଳି ଲିଙ୍ଗ ନିରୂପଣ କରୁଥିବାରୁ ଅଧିକାଂଶ ସମୟରେ ଗର୍ଭପାତ କରାଯାଉଛି । ଯଦିଓ ଏହା କେନ୍ଦୁଝରର ତଥ୍ୟ, ମାତ୍ର ଗତ ବର୍ଷକର ହିସାବ ଅନୁସାରେ ରାଜ୍ୟର ଦେବଗଡ଼ ଜିଲ୍ଲାରେ ସବୁଠୁ ଅଧିକ କନ୍ୟା ସନ୍ତାନ ଜନ୍ମ ହୋଇଥିବା ବେଳେ ନୟାଗଡରେ ଏହି ଅନୁପାତ ସବୁଠୁ କମ୍ । ଅର୍ଥାତ୍ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଦେବଗଡ ଜିଲ୍ଲାରେ ୯୩୧ ଜଣ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ବେଳେ ଜନ୍ମ ହୋଇଥିବା କନ୍ୟା ସନ୍ତାନ ସଂଖ୍ୟା ୯୨୬ । ଅର୍ଥାତ ଦେବଗଡ଼ ଜିଲ୍ଲାରେ ପୁଅ ଝିଅ ଜନ୍ମ ଅନୁପାତରେ ପ୍ରତି ହଜାର ପୁଅରେ କନ୍ୟା ସଂଖ୍ୟା ୯୯୫ । ସେହିପରି ନୟାଗଡ ଜିଲ୍ଲାରେ ଏହି ୨୦୨୪- ୨୫ ଆର୍ଥିକ ବର୍ଷରେ ୪୬୫୬ ଜଣ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ବେଳେ ୩୮୬୯ କନ୍ୟା ସନ୍ତାନ ଜନ୍ମ ହୋଇଛନ୍ତି । ଅର୍ଥାତ ଏହି ଜିଲ୍ଲାରେ ପ୍ରତି ହଜାରେ ପୁଅରେ ମାତ୍ର ୮୩୧ ଜଣ କନ୍ୟା ସନ୍ତାନ ଜନ୍ମ ହୋଇଛନ୍ତି । ଯାହାକି ରାଜ୍ୟର ସବୁଠୁ କମ୍ ବୋଲି ସରକାରୀ ତଥ୍ୟରେ ଦର୍ଶାଯାଇଛି ।